ବର୍ଷ-୨୪, ସଂଖ୍ୟା-୧୬୬
ଭୁବନେଶ୍ୱର
୧୬ ଜୁଲାଇ, ୨୦୨୪ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

# ମହାଭାରତ

Vol.-24, Issue No. 166
Bhubaneswar
16 July, 2024, Tuesday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ସରିଲା ବାହୁଡ଼ାଯାତ୍ରା

ପୁରୀ, ୧୫।୭(ମହାଭାରତ): ଲୀଳାମୟ ମହାବାହୁଙ୍କ ନବଦିନାତ୍ମକ ଶ୍ରୀଗୁଣ୍ଡିଚା ଯାତ୍ରା ଶେଷ ହୋଇଛି। ଜନ୍ମବେଦିରେ ନବଦିନର ଲୀଳାଖେଳ ସାରି ଭାଇଭଉଣୀଙ୍କୁ ସାଙ୍ଗରେ ଧରି କୋଟି କେବଲ୍ୟନାଥ ବ୍ରହ୍ମାଣ୍ଡ ଠାକୁର ଶ୍ରୀମନ୍ଦିର ସିଂହଦ୍ୱାରକୁ ବାହୁଡ଼ିଛନ୍ତି ଭାବଦିଅ। କାଳିଅ। ଠାକୁର। ବଡ଼ଦାଣ୍ଡକୁ ନିସ୍ୱାର୍ଥ ଭକ୍ତିଭାବରେ ବୁଡ଼ାଇଛନ୍ତି। ପୁଣିଥରେ ଭକ୍ତ-ଭଗବାନଙ୍କ ଅପୂର୍ବ ମିଳନ ହୋଇଛି। ଲକ୍ଷ ଲକ୍ଷରୁ ଶ୍ରଦ୍ଧାଳୁଙ୍କ କୋଳାହଳରେ ଭରି ଉଠିଛି ବଡ଼ଦାଣ୍ଡ। ଜୟ ଜଗନ୍ନାଥ, ହରିବୋଲ, ମଣିମା ଡାକରେ ପ୍ରକମ୍ପିତ ହୋଇଛି ଖଣ୍ଡମଣ୍ଡଳ। ବର୍ଷା-ଖରାର ଲୁଚକାଳି ଖେଳ ଭିତରେ ଡାହୁକର ବୋଲି, ଘଣ୍ଟୁଆର ଘଣ୍ଟନାଦର ତାଳେ ତାଳେ ଭକ୍ତଙ୍କ ସହ ପୁଣିଥରେ ବଡ଼ଦାଣ୍ଡରେ ଗଡ଼ିଛନ୍ତି ତିନି ରଥ।

ଶ୍ରୀଗୁଣ୍ଡିଚା ଯାତ୍ରାରେ ଯାଇଥିବା ମହାବାହୁ, ସତେ ଯେପରି ଶ୍ରୀମନ୍ଦିର ଫେରିବାକୁ ବ୍ୟଗ୍ର ଥିଲେ। ଏଥିପାଇଁ ସୋମବାର ଦିନ ନିର୍ଦ୍ଧାରିତ ସମୟ ପୂର୍ବରୁ ଶ୍ରୀଜିଉମାନେ ରଥାରୂଢ଼ ହୋଇଥିଲେ। ନିର୍ଦ୍ଧାରିତ ସମୟର ଅଧ ଘଣ୍ଟା ଆଗରୁ ବି ରଥଟଣା ହୋଇଥିଲା। ଘଣ୍ଟୁଆର ଘଣ୍ଟନାଦ, ଡାହୁକର ବୋଲି, ଚକର ଘର୍ଘର ନାଦ ସହ ଭକ୍ତଙ୍କ ହରିବୋଲ ଡାକର ଦିବ୍ୟ ପରିବେଶ ଭିତରେ ବିଳମ୍ବିତ ସନ୍ଧ୍ୟାରେ ତିନି ରଥ ସିଂହଦ୍ୱାରରେ ବିରାଜମାନ କରିଛନ୍ତି। ସ୍ୱର୍ଗଲୋକରୁ ୩୩ କୋଟି ଦେବତା ବି ଯେଭଳି ଏହି ଦିବ୍ୟ ଦର୍ଶନ ପାଇ ପହଣ୍ଡି ଆରମ୍ଭରୁ ବର୍ଷାଞ୍ଜଳି ଅର୍ପଣ କରିଛନ୍ତି ଝିପିଝିପ ବର୍ଷା ଆଜି କିଛି ସମୟ ଭକ୍ତଙ୍କୁ ଭକ୍ତିର ଭାବରେ ବୁଡ଼ାଇଛି।



ଦଇତାପତି ସେବକମାନେ ସୋମବାର ଭୋର ୪ଟା ୩୫ରେ କୁସୁମୀ ଲାଗି ନୀତି ସାରି ବାହାରିବା ପରେ ୪ଟା ୫୦ରେ ମଙ୍ଗଳଆଳତି ସହ ଅନ୍ୟାନ୍ୟ ନୀତି ବଢ଼ିଥିଲା ଧାଡ଼ି ପହଣ୍ଡିରେ ଆସି ପ୍ରଥମେ ବଡ଼ ଭାଇ ବଳଭଦ୍ର, ପରେ ଦେବୀ ସୁଭଦ୍ରା ଓ ଶେଷରେ କାଳିଆ। ସାଆନ୍ତ ରଥ ଉପରେ ବିରାଜିଥିଲେ ଘଣ୍ଟ ଘଣ୍ଟା ବାଦ୍ୟରେ ରଥକୁ ପ୍ରଥମେ ବିଜେ କରିଥିଲେ ଶ୍ରୀସୁଦର୍ଶନ ସେମାଅ। ସୁଭଦ୍ରାଙ୍କ ଦର୍ପଦଳନ ରଥରେ ବିରାଜିଥିଲେ ଚକ୍ରରାଜ ସୁଦର୍ଶନଙ୍କ ପରେ ବଡ଼ଭାଇ ବଳଭଦ୍ରଙ୍କ ପହଣ୍ଡି ଆରମ୍ଭ ହୋଇଥିଲା ଝୁଲି ଝୁଲି ତାଳଧ୍ୱଜ ରଥକୁ ଆସିଥିଲେ ବଡ଼ ଠାକୁର। ଏହାପରେ ମା ସୁଭଦ୍ରାଙ୍କ ପହଣ୍ଡିରେ ଆସି୍ ଦର୍ପଦଳନ ରଥରେ ବିରାଜମାନ ହୋଇଥିଲେ। ଶେଷରେ ପହଣ୍ଡିରେ ଆସି ଶ୍ରୀଜଗନ୍ନାଥ ନିଜର ନନ୍ଦିଘୋଷ ରଥରେ ବିରାଜମାନ କରିଥିଲେ।

ତିନି ରଥର ଚାରମାଳ ଫିଟାଯାଇ ଘୋଡ଼ା, ସାରଥି ଲାଗି ହୋଇ ପ୍ରଥମେ ସାଢ଼େ ୩ଟାରେ ତାଳଧ୍ୱଜ ରଥ ଟଣା ଆରମ୍ଭ ହୋଇଥିଲା। ବଡ଼ଭାଇଙ୍କ ବାହୁଡ଼ାଯାତ୍ରାର ପରେ ପରେ ଭଉଣୀ ଦେବୀ ସୁଭଦ୍ରା ଓ ସାନ ଭାଇ ମହାପ୍ରଭୁ ଶ୍ରୀଜଗନ୍ନାଥ ବାହୁଡ଼ାଯାତ୍ରାରେ ବାହାରିଥିଲେ। ଶ୍ରୀଜିଉମାନେ ମାଉସୀ ମା ମନ୍ଦିରରେ ଅଟକିଥିଲେ। ମାଉସୀଙ୍କ ଠାରୁ ପୋଡ଼ପିଠା ଖାଇଥିଲେ ରାଜନଅରରେ କାଳିଅ। ସାଆନ୍ତ ପହଞ୍ଚିଲା ପରେ ଲକ୍ଷ୍ମୀ-ନାରାୟଣ ଭେଟ ହୋଇଥିଲା ଗଜପତି ମହାରାଜ ଶ୍ରୀନଅରରୁ ବାହାରି ମା ଲକ୍ଷ୍ମୀଙ୍କୁ ନେଇ ଜଗନ୍ନାଥଙ୍କ ନିକଟକୁ ଆସିଥିଲେ। ପରେ ନନ୍ଦିଘୋଷ ସିଂହଦ୍ୱାର ଆଡ଼କୁ ବଢ଼ିଥିଲା। ପୂର୍ବରୁ ତାଳଧ୍ୱଜ ଓ ଦର୍ପଦଳନ ସିଂହଦ୍ୱାର ସମ୍ମୁଖରେ ପହଞ୍ଚି ଥିଲା। ତିନି ରଥ ସିଂହଦ୍ୱାରରେ ରାତି ପ୍ରାୟ ୯ଟା ୧୫ ସୁଦ୍ଧା ପହଞ୍ଚିବା ପରେ ଆଜି ରଥ ଉପରେ ଠାକୁରଙ୍କ ସମସ୍ତ ଦେନନ୍ଦିନ ନୀତିର ଆୟୋଜନ ହୋଇଛି। ରଥାରୁଢ଼ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ ପାଇଁ ଆଜି ବିଳମ୍ବିତ ରାତି ପର୍ଯ୍ୟନ୍ତ ବଡ଼ଦାଣ୍ଡରେ ଗହଳି ଲାଗିଥିବା ଦେଖିବାକୁ ମିଳିଛି।

## ସମ୍ବଲପୁର ପର୍ଯ୍ୟଟନକୁ ନୂଆ ରୂପ ଦେବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ପତ୍ର

ନୂଆଦିଲ୍ଲୀ / ଭୁବନେଶ୍ୱର, ୧୫।୭(ମହାଭାରତ: ସାବରମତୀ, କାଶୀ ଓ ବାରାଣାସୀ ଭଳି ସମ୍ବଲପୁରର ପୁରୁଣା ଅଯୋଧ୍ୟା ସାଗର ବନ୍ଧକୁ 'ରିଭରଫ୍ରଂଟ ଡେଭଲପମେଂଟ ପ୍ରୋଜେକ୍ଟ' ଅଧୀନରେ ବିକଶିତ କରିବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦକ୍ଷ ନେତୃତ୍ୱରେ ଭାରତ ସରକାର କ୍ରମାଗତ ଭାବରେ 'ବିକାଶ ବି, ବିରସାତ୍ ବି' ଅଧୀନରେ ପରମ୍ପରା ଏବଂ ଆଧୁନିକତା ମଧ୍ୟରେ ଥିବା ସମାନତା ଗୁଡ଼ିକ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଆମର ବହୁ ପୁରୁଣା ଐତିହ୍ୟ ଏବଂ ସଂସ୍କୃତିର ସଂରକ୍ଷଣ କରିବା ସହିତ ଜନସାଧାରଣଙ୍କ ସୁବିଧା ପାଇଁ ଭବିଷ୍ୟତର ଜ୍ଞାନକୌଶଳ ଏବଂ ଭିତ୍ତିଭୂମି ସହିତ ଆଧୁନିକୀକରଣ କରୁଛନ୍ତି। ଓଡ଼ିଶାରେ ମଧ୍ୟ ଅନେକ ପୀଠ, ମନ୍ଦିର, ଐତିହ୍ୟ ସ୍ଥଳୀ ଓ ପ୍ରାକୃତିକ ଆକର୍ଷଣସ୍ଥଳୀରେ ପରିପୂର୍ଣ୍ଣ ରହିଛି। ଅନେକ ନଦୀ ଓ ଐତିହାସିକ ସ୍ଥଳୀରେ ପୂର୍ଣ୍ଣ ଓଡ଼ିଶା 'ରିଭରଫ୍ରଂଟ ଡେଭଲପମେଂଟ ପ୍ରୋଜେକ୍ଟ' ବିକଶିତ କରିବାର ଅନନ୍ୟ ସୁଯୋଗ ପ୍ରଦାନ କରୁଛି। ସାବରମତୀ ରିଭରଫ୍ରଂଟ ଏବଂ କାଶୀ ରିଭରଫ୍ରଂଟରେ ଏହିଭଳି କାମ କରାଯାଇଛି। ଏହା ଦ୍ୱାରା ଉକ୍ତ ସ୍ଥାନଟି ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବାରେ ବେଶ୍ ସହାୟକ ହେବା ସହ ସ୍ଥାନୀୟ ଅର୍ଥନୀତିକୁ ମଧ୍ୟ ଗତି ଦେଇଛି। ବାରାଣାସୀରେ 'ନମୋ ରିଭରଫ୍ରଂଟ ପ୍ରକଳ୍ପ' ମଧ୍ୟ ଗଙ୍ଗା ନଦୀ କୂଳରେ ଥିବା 'ଖିଡକିଆଘାଟ'କୁ ସାଂସ୍କୃତିକ କାର୍ଯ୍ୟପନ୍ଥାକୁ ଜୀବନ୍ତ କରିଛି।

## ଡିଏସ୍ କୁଟ୍ଟେଙ୍କୁ ଓଏସ୍ ଡି ଭାବେ ନିଯୁକ୍ତି

ଭୁବନେଶ୍ୱର, ୧୫।୭(ମହାଭାରତ): ବିବାଦୀୟ ଆଇପିଏସ୍ ଡିଏସ୍ କୁଟ୍ଟେଙ୍କୁ ଓଏସ୍ ଡି ଭାବେ ନିଯୁକ୍ତି ମିଳିଛି। ତାଙ୍କୁ ରାଜ୍ୟ ଗୃହ ବିଭାଗ ଓଏସ୍‌ଡି ଭାବେ ନିଯୁକ୍ତି ଦିଆଯାଇଛି। ନିଲମ୍ବନ ଉଠିବା ପରେ କୁଟ୍ଟେଙ୍କୁ ନିଯୁକ୍ତି ମିଳିଛି। ନିର୍ବାଚନ ସମୟରେ କୁଟ୍ଟେଙ୍କୁ ନିଲମ୍ବିତ କରାଯାଇଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଥିବା ବେଳେ ନିଲମ୍ବିତ ହୋଇଥିଲେ ଡିଏସ୍ କୁଟ୍ଟେ। ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ନିଲମ୍ବିତ ହୋଇଥିଲେ।

# ଲୋକଙ୍କ ଅଭିଯୋଗର ସମାଧାନ ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୫।୭(ମହାଭାରତ): ଲୋକଙ୍କ ମୁଖ୍ୟମନ୍ତ୍ରୀ ଲୋକଙ୍କୁ ଶୁଣିବା ଧାରା ଜାରି ରଖିଛନ୍ତି। ଜୁଲାଇ ୧ ତରିଖରୁ ଆରମ୍ଭ ହୋଇଥିବା ଅଭିଯୋଗ ଶୁଣାଣି ପ୍ରକ୍ରିୟା ଆଜି ଦ୍ୱିତୀୟ ଦିନରେ ପହଂଚିଛି। ମୁଖ୍ୟମନ୍ତ୍ରୀଙ୍କ ସହିତ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ମନ୍ତ୍ରୀ ସୁରେଶ ପୂଜାରୀ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମନ୍ତ୍ରୀ ରବି ନାରାୟଣ ନାୟକ, ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ଓ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସୋମବାର ମୁଖ୍ୟମନ୍ତ୍ରୀ ସକାଳ ୧୦ଟାରେ ଶୁଣାଣି ଆରମ୍ଭ କରି ଅପରାହ୍ନ ପ୍ରାୟ ୪.୩୦ ପର୍ଯ୍ୟନ୍ତ ଶୁଣାଣି ଜାରି ରଖିଥିଲେ। ସମୁଦାୟ ୧୭୪୧ ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କୁ ଭେଟି ଥିଲେ। ଅଭିଯୋଗ ଶୁଣାଣି ଆରମ୍ଭ ପୂର୍ବରୁ ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ଅନ୍ୟ ମନ୍ତ୍ରୀ ଓ ଅଧିକାରୀମାନଙ୍କ ସହିତ ଆଲୋଚନା କରି ଏହି ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଦକ୍ଷ ଓ ସ୍ୱଚ୍ଛ କରିବା ପାଇଁ ପରାମର୍ଶ ଦେଇଥିଲେ। ଅଭିଯୋଗ ଶୁଣାଣି ପୋର୍ଟାଲକୁ ଅପଡେଟ୍ କରି ରଖିବା ଓ ଦୈନିକ ରିପୋର୍ଟ ପ୍ରସ୍ତୁତ କରିବାକୁ ସେ କହିଥିଲେ।



ବିଶେଷ କରି ଜିଲ୍ଲାସ୍ତରରେ ଅଭିଯୋଗ ଶୁଣାଣି ପ୍ରକ୍ରିୟାକୁ ସୁଦୃଢ଼ ଓ ଦକ୍ଷ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସ୍ଥାନୀୟ ପ୍ରଶାସନ ଦ୍ୱାରା ଲୋକଙ୍କ ଅଭିଯୋଗ ଠିକ୍ ଭାବରେ ଶୁଣାଗଲେ ଲୋକମାନଙ୍କୁ ଆଉ ଭୁବନେଶ୍ୱର ଆସିବାକୁ ପଡିବ ନାହିଁ ବୋଲି ସେ କହିଥିଲେ। ସେହିପରି ଯେଉଁ ଅଭିଯୋଗ ଗୁଡିକ ଶୀଘ୍ର ଫଇସଲା ହେବା ସମ୍ଭବ, ସେଗୁଡିକୁ ଉପରେ ତୁରନ୍ତ ନିଷ୍ପତି କରି ଲୋକଙ୍କୁ ନ୍ୟାୟ ଦେବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ସରକାରୀ କର୍ମଚାରୀମାନେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିକୁ ଆସୁଥିବାରୁ ଏହା ଆଚରଣ ବିଧିର ଉଲଂଘନ କରୁଛି। ତେଣୁ ସେମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ନ ଆସି, ସଂପୃକ୍ତ ବିଭାଗର କର୍ତ୍ତୃପକ୍ଷମାନଙ୍କୁ ଅଭିଯୋଗ ଜଣାଇବାକୁ ପରାମର୍ଶ ଦେବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ଲୋକଙ୍କୁ ନ୍ୟାୟ ଦେବାକୁ ଆମ ସରକାର ପ୍ରାଥମିକତା ଦେଉଛନ୍ତି। ମୁଁ ଏବଂ ଆମ ମନ୍ତ୍ରୀମଣ୍ଡଳର ସଦସ୍ୟମାନେ ଏଠାରେ ଉପସ୍ଥିତ ରହି ଲୋକଙ୍କ କଥାକୁ ଗୁରୁତ୍ୱ ଦେଇ ଶୁଣି ସେ ସଂପର୍କରେ ଆଲୋଚନା କରି ତୁରନ୍ତ ସଂପୃକ୍ତ ବିଭାଗକୁ ଜଣାଇ ଏହାର ସମାଧାନ ପାଇଁ ପଦକ୍ଷେପ ନେଉଛୁ। ଏହା ଦ୍ୱାରା ଲୋକମାନଙ୍କୁ ତୁରନ୍ତ ନ୍ୟାୟ ଦେବା ସମ୍ଭବ ହେଉଛି। ଏଠାରେ ମନ୍ତ୍ରୀମାନେ ଉପସ୍ଥିତ ଅଛନ୍ତି ମୁଖ୍ୟମନ୍ତ୍ରୀଙ୍କୁ ସାହାଯ୍ୟ କରିବା ପାଇଁ। ମନ୍ତ୍ରୀମାନେ ଅଭିଯୋଗ ଗ୍ରହଣ କଲେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ବାଟ ଦେଇ ତାହା ତଳକୁ ଯାଉଛି। ଆମେ ପଛେ ଟିକେ କଷ୍ଟ ପାଉ ଲୋକଟିଏ ଯେପରି ନିରାଶ ନ ହେଉ, ସେଥିପ୍ରତି ଆମେ ସ୍ୱତନ୍ତ୍ର ଦୃଷ୍ଟି ଦେଉଛୁ। ଆଗକୁ ଏହି ପ୍ରକ୍ରିୟା କେବଳ ଭୁବନେଶ୍ୱରରେ ସିମିତ ନ ରଖି ଆର.ଡି.ସି. ସ୍ତରରେ ଅଭିଯୋଗ ଶୁଣାଣି ପାଇଁ ବିଚାର କରୁଛୁ। ଏହା ଦ୍ୱାରା ଲୋକଙ୍କୁ ନ୍ୟାୟ ପ୍ରଦାନ ପ୍ରକ୍ରିୟା ଆହୁରି ସୁବିଧା ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆଜି ଆସିଥିବା ବିଭିନ୍ନ ଅଭିଯୋଗକାରୀମାନଙ୍କ ମଧ୍ୟରୁ ଜଣେ ଥିଲେ ଭୁବନେଶ୍ୱରର ଭିନ୍ନକ୍ଷମ ବ୍ୟକ୍ତି ରୋହିତ ପ୍ରଧାନ। ତାଙ୍କର ଜୀବିକା ପାଇଁ ଗୋଟିଏ ଇ-ରିକ୍ସା ଓ ରହିବା ପାଇଁ ଘରର ଆବଶ୍ୟକତା ସମ୍ପର୍କରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ଖୁବ୍ ଶୀଘ୍ର ଏକ ଇ-ରିକ୍ସା ଯୋଗାଇଦିଆଯିବ ବୋଲି ଜଣାଇ ଦିଆଯାଇଥିଲା।

# ଅଣସେବାୟତଙ୍କୁ ଧରିଲେ ମୁଖ୍ୟ ପ୍ରଶାସକ

ପୁରୀ/ଭୁବନେଶ୍ୱର, ୧୫।୭(ମହାଭାରତ): ଗୁଣ୍ଡିଚା ବେଳର ତ୍ରୁଟିକୁ ବାହୁଡ଼ାରେ ସୁଧାରିଲେ। ଏ ବର୍ଷ ଶ୍ରୀଜିଉଙ୍କ ଗୁଣ୍ଡିଚା ଯାତ୍ରା ବେଳେ ଭକ୍ତଙ୍କ ଭିତରେ ଠେଲାପେଲା, ଆଡ଼ପ ପହଣ୍ଡି ବେଳେ ବଡ଼ଠାକୁର ଖସି ପଡ଼ିବା,ଏବଂ ରଥ ଉପରେ ଅଣସେବାୟତଙ୍କ ସହ ବହୁ ଲୋକଙ୍କ ଭିଡ଼ ଯାତ୍ରା ଆୟୋଜନର ଏକାଧିକ ବିଶୃଙ୍ଖଳାକୁ ପଦାରେ ପକାଇଥିଲା ହେଲେ ବାହୁଡ଼ାରେ ସେ ବିଲକ୍ଷଣ ଓ ବିଶୃଙ୍ଖଳାକୁ ଯେମିତି ଆଦୌ ପ୍ରଶ୍ରୟ ଦେଇନି ଶ୍ରୀମନ୍ଦିର ପ୍ରଶାସନ। ଖୋଦ୍ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ରଥ ଉପରେ ଚଢ଼ିଥିବା ଜଣେ ଅଣ ସେବାୟତଙ୍କୁ ହାତ ଧରି କର୍ତ୍ତନ ବାହାରକୁ ନେଇଯାଇଥିଲେ। ବାରଣ ସତ୍ତ୍ୱେ ରଥ ଉପରେ ଚଢିଥିବା ଅଣସେବାୟତଙ୍କୁ ନିଜେ ହାତ ଟାଣି ବାହାର କରିଛନ୍ତି ମୁଖ୍ୟ ପ୍ରଶାସକ। ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ରଥ ଉପରୁ ଅଣସେବକମାନଙ୍କୁ ବାହାର କରିଥିବାର ଦେଖିବାକୁ ମିଳିଛି। ଏନେଇ ଶ୍ରୀ ପାଢୀ କହିଛନ୍ତି ରଥରେ ଅଣସେବାୟତ ଦେଖି ତୁରନ୍ତ ତଳକୁ ଓହ୍ଲାଇଦେଲି। କିଏ, କାହିଁକି ରଥ ଉପରେ ଚଢ଼ିଥିଲେ ତଦନ୍ତ ହେବ। ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ସମ୍ପୃକ୍ତ ବ୍ୟକ୍ତିଙ୍କ ନାଁରେ ସିଂହଦ୍ୱାର ଥାନାରେ ଏତଲା ଦେବାକୁ ଜିଲ୍ଲାପାଳଙ୍କୁ କୁହାଯାଇଛି। ସୂଚନାଯୋଗ୍ୟ, କୌଣସି ଅଣସେବକ ରଥ ଉପରକୁ ଚଢିବା ନିଷେଧ। ଏନେଇ ବ୍ୟତିକ୍ରମ ସାମ୍ନାକୁ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଶ୍ରୀଗୁଣ୍ଡିଚା ଯାତ୍ରା ଦିନ ନିର୍ଦ୍ଦିଷ୍ଟ ଭାବେ ୨ଜଣ ଅନଧିକୃତ ବ୍ୟକ୍ତି ରଥ ଉପରକୁ ଚଢିବା ଶ୍ରୀମନ୍ଦିର ପ୍ରଶାସନ ନଜରକୁ ଆସିଛି। ସମ୍ପୃକ୍ତ ବ୍ୟକ୍ତି ଜଣେ କେନ୍ଦ୍ର ସରକାରଙ୍କ ଉଚ୍ଚ ପଦସ୍ଥ ଅଧିକାରୀ ଏବଂ ଆଉ ଜଣେ ବେସରକାରୀ /ସମବାୟ ଅନୁଷ୍ଠାନର ଅଧିକାରୀ ବୋଲି ପ୍ରାଥମିକ ସୂଚନା ମିଳିଛି। ଏସମ୍ପର୍କରେ ଆବଶ୍ୟକ ଅନୁସନ୍ଧାନ କରି କାର୍ଯ୍ୟାନୁଷ୍ଠାନ ପାଇଁ ସିଂହଦ୍ୱାର ଥାନାରେ ଅଭିଯୋଗ ଦାଖଲ ପାଇଁ ମୁଖ୍ୟ ପ୍ରଶାସକ ନିର୍ଦ୍ଦେଶ ଦେଇଛନ୍ତି।

# ଦକ୍ଷତା ବିକାଶ ପାଇଁ ରୋଡମ୍ୟାପ ପ୍ରସ୍ତୁତ : ମୁଖ୍ୟମନ୍ତ୍ରୀ


ଭୁବନେଶ୍ୱର, ୧୫।୭(ମହାଭାରତ): ଓଡିଶାକୁ ଦକ୍ଷ ମାନବ ସମ୍ବଳର କେନ୍ଦ୍ରରେ ପରିଣତ କରିବା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ ଦକ୍ଷତା ବିକାଶ ପାଇଁ ଏକ ରୋଡମ୍ୟାପ ପ୍ରସ୍ତୁତ କରାଯାଇଛି। ଆଗାମୀ ୨-୩ ବର୍ଷ ମଧ୍ୟରେ ଆମର ଯୁବ ପିଢି ସେମାନଙ୍କର ଆଗ୍ରହ ଆଧାରରେ ଦକ୍ଷତା ପାଠ୍ୟକ୍ରମରେ ପ୍ରବେଶ କରିପାରିବେ ଏବଂ ଶିଳ୍ପର ଚାହିଦା ଅନୁଯାୟୀ ଯୋଗ୍ୟତା ହାସଲ କରି ନିଯୁକ୍ତି ପାଇପାରିବେ। ଆମର ଯୁବପିଢି ଓଡିଶାର ଭବିଷ୍ୟତ ସେମାନଙ୍କ ଦକ୍ଷତା ଓ ପ୍ରତିଭା ଜରିଆରେ ଓଡିଶା ଏକ ସମୃଦ୍ଧ ରାଜ୍ୟରେ ପରିଣତ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଆଜି ସ୍ଥାନୀୟ ୱାର୍ଲ୍ଡ ସ୍କିଲ ସେଣ୍ଟର ଠାରେ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ଆମ ସରକାରଙ୍କ ପ୍ରାଥମିକତା ଅଟେ ଆଗାମୀ ବଜେଟରେ ଆମେ ଦକ୍ଷତା କ୍ଷେତ୍ରରେ ଗୁଣାତ୍ମକ ଉନ୍ନତି ଉପରେ ଗୁରୁତ୍ୱ ଦେଉଛୁ ବୋଲି ସେ କହିଥିଲେ।



ଆଜି ଏହି ସ୍ୱତନ୍ତ୍ର ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ଅନେକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଆତିଥେୟତା କ୍ଷେତ୍ରରେ ପ୍ରଶିକ୍ଷଣ ପାଇଁ ପ୍ରଥମ କୌଶଳ ଭବନ ଉଦ୍‌ଘାଟିତ ହୋଇଥିଲା ଏହା ସହିତ ଆଉ ୯ ଟି କୌଶଳ କେନ୍ଦ୍ର ଖୋଲାଯିବ ବୋଲି ସେ କହିଥିଲେ। ଏହାଦ୍ୱାରା ଆମର ଯୁବକମାନେ ଆତିଥେୟତା ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ତାଲିମ ପାଇବାର ସୁଯୋଗ ପାଇବେ ଓଡିଶାକୁ ପର୍ଯ୍ୟଟନର ଏକ ହବ୍ ଭାବେ ପ୍ରତିଷ୍ଠା କରିବା କ୍ଷେତ୍ରରେ ଏହି କୌଶଳ ଭବନ ଗୁଡିକ ଦକ୍ଷ ମାନବ ସମ୍ବଳର ଚାହିଦା ପୂରଣ କରିବାରେ ସକ୍ଷମ ହେବେ ବୋଲି ସେ କହିଥିଲେ ସେହିପରି ଦକ୍ଷତାରେ ଗୁଣବତ୍ତା ହାସଲ କରି ଯୁବବର୍ଗଙ୍କୁ ନିଯୁକ୍ତିଯୋଗ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ସି.ଏମ.-ଆସ୍ୱାୟାର ଯୋଜନାର ଘୋଷଣା ମଧ୍ୟ କରିଥିଲେ ସେ କହିଥିଲେ ଯେ ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ଯୋଗ୍ୟ କରିବା ପାଇଁ ଦକ୍ଷତାରେ ଗୁଣବତ୍ତା ହାସଲ ଖୁବ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ଗୁଡିକର ଆବଶ୍ୟକତା ଅନୁଯାୟୀ ଉନ୍ନତମାନର ଦକ୍ଷତା ହାସଲ କରିପାରିବ ବୋଲି ସେ କହିଥିଲେ।

ଏଥିରେ ଅନେକ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ଭାରତ ସରକାରଙ୍କ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ଦ୍ୱାରା ସ୍ଥାପିତ ମଡେଲ କ୍ୟାରିୟର ସେଣ୍ଟରଗୁଡିକୁ ସୁଦୃଢ଼ କରିବା, ଯୁବକଯୁବତୀ ମାନଙ୍କ ପାଇଁ ନିଯୁକ୍ତି ଯୋଗ୍ୟ ଦକ୍ଷତା ସୃଷ୍ଟି କରିବା, ଉଦ୍ଭାବନ ଏବଂ ଗବେଷଣାର ଭାବନା ସୃଷ୍ଟି କରିବା ଏବଂ ଓଡିଆ ଯୁବକଯୁବତୀମାନଙ୍କୁ ବିଦେଶର ସର୍ବୋତ୍ତମ ଅନୁଷ୍ଠାନରେ ଉଚ୍ଚ ବୈଷୟିକ ଶିକ୍ଷା ଗ୍ରହଣ କରିବାର ସୁଯୋଗ ଦେବା ଉପରେ ଗୁରୁତ୍ୱ ଦିଆଯିବ ସେ କହିଥିଲେ ଭିତ୍ତିଭୂମି କ୍ଷେତ୍ରରେ ପୁଞ୍ଜିନିବେଶ ବଢୁଥିବାରୁ ଦକ୍ଷ ମାନବ ସମ୍ବଳର ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଉଛି ଆଗାମୀ ଦିନରେ ଏହାର ଆବଶ୍ୟକତା ଆହୁରି ଅନୁଭୂତ ହେବ ତେଣୁ ନିର୍ମାଣ କ୍ଷେତ୍ରରେ ଯୁବବର୍ଗଙ୍କୁ ଦକ୍ଷ କରିବା ପାଇଁ ଆମେ ପ୍ରାୟ ୧୦ଟି ବିଶ୍ୱକର୍ମା କେନ୍ଦ୍ର ସ୍ଥାପନ କରିବୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେହିପରି ସ୍ଥାନୀୟ ଶିଳ୍ପର ଆବଶ୍ୟକତାକୁ ପୂରଣ କରିବା ଦିଗରେ ସ୍ଥାନୀୟ ନିଯୁକ୍ତିର ଆବଶ୍ୟକତା ରହିଛି। ଏଥିପାଇଁ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ବିକେନ୍ଦ୍ରୀକରଣ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ ଏହି ଲକ୍ଷ୍ୟରେ ଜିଲ୍ଲାସ୍ତରରେ ନୂଆ ଓଡିଶା ଜିଲ୍ଲା ଦକ୍ଷତା କେନ୍ଦ୍ର ଖୋଲା ଯାଉଛି ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ସରକାର ସ୍ଥାନୀୟ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ପାଇଁ ଜିଲ୍ଲାଗୁଡିକୁ ସଶକ୍ତ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ଏହା ସହିତ ମୁଖ୍ୟମନ୍ତ୍ରୀ ସ୍କିଲ ଡେଭଲପମେଣ୍ଟ ଫେଲୋସିପ୍ ମଧ୍ୟ ଆରମ୍ଭ କରାଗଲା। ଜିଲ୍ଲା ପ୍ରଶାସନକୁ ଦକ୍ଷତା ବିକାଶରେ ସହଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ଫେଲୋ ମାନଙ୍କର ପ୍ରମୁଖ ଭୂମିକା ରହିବ ବୋଲି ସେ କହିଥିଲେ। ନିଜ ଅଭିଭାଷଣରେ ଦକ୍ଷତାର ଗୁରୁତ୍ୱ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଦକ୍ଷତା ହେଉଛି ପ୍ରଗତିର ମୂଳଦୁଆ ଯୁବଶକ୍ତିର ଦକ୍ଷତା ରାଷ୍ଟ୍ରର ଅର୍ଥନୈତିକ ଶକ୍ତିର ମେରୁଦଣ୍ଡ ଏବଂ ଏହା ଏକ ପ୍ରଗତିଶୀଳ ସମାଜର ପରିଚୟ ମଧ୍ୟ ସୃଷ୍ଟି କରେ ବୋଲି ସେ କହିଥିଲେ।



## ଚିଙ୍ଗୁଡ଼ି ଡାଲମା



ଆବଶ୍ୟକୀୟ ସାମଗ୍ରୀ : ହରଡ଼ ଡାଲି, ଛୋଟ ଚିଙ୍ଗୁଡ଼ି, ବୋଇତାଳୁ (ବୋଇତି କଖାରୁ), କଞ୍ଚା କଦଳୀ, ଆଳୁ, ଫୁଲ କୋବି, ଟମାଟୋ, ପିଆଜ଼, ରସୁଣ, ଅଦା, ପଞ୍ଚଫୁଟଣ, ଶୁଖିଲା ଲଙ୍କା, ଅଳେଇଚ, ଡାଲଚିନ, ତେଜ ପତ୍ର, ଗୋଟା ଜିରା, ହଳଦୀ ଗୁଣ୍ଡ, ଜିରା ଗୁଣ୍ଡ, ଲଙ୍କା ଗୁଣ୍ଡ, ତେଲ, ଧଣିଆ ପତ୍ର, ଲୁଣ

ପ୍ରସ୍ତୁତି ପ୍ରଣାଳୀ : ଚିଙ୍ଗୁଡ଼ିରୁ ଚୋପା ଛଡ଼ାଇ ଭଲ ଭାବେ ଧୋଇ ଦିଅନ୍ତୁ। ଏହା ପରେ ଏଥିରେ ଲୁଣ ଓ ହଳଦୀ ଦେଇ ଗୋଳେଇ ଦିଅନ୍ତୁ ଏବଂ ଏହାକୁ କିଛି ସମୟ ସେମିତି ଛାଡ଼ି ଦିଅନ୍ତୁ। ତା'ଭିତରେ ଡାଲମା ପାଇଁ ଆବଶ୍ୟକ ପରିବା କାଟି ଦିଅନ୍ତୁ। ପରିବା କଟା ସରିବା ପରେ ଚିଙ୍ଗୁଡ଼ିକୁ କଡ଼େଇରେ ଭାଜି ଦିଅନ୍ତୁ। ଏ କାମ ସରିବା ପରେ ପ୍ରେସର କୁକରରେ ଆବଶ୍ୟକ ଅନୁସାରେ ପାଣି ଦେଇ ସେଥିରେ ଡାଲି, କଟା ଫୁଲ କୋବି, ବୋଇତି କଖାରୁ, ଆଳୁ, ଟମାଟୋ, କଞ୍ଚା କଦଳୀ, ଲୁଣ ଓ ହଳଦୀ ଦେଇ ଗ୍ୟାସ୍ ଚୁଲିରେ ବସାନ୍ତୁ। ତିନୋଟି ସିଟି ମାରିଲେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ। ଏବେ ପିଆଜ, ଅଦା, ରସୁଣ, ଶୁଖିଲା ଲଙ୍କା, ଡାଲଚିନି ଆଉ ଅଳେଇଚକୁ ବାଟି ପେଷ୍ଟ ବନାନ୍ତୁ। ଏହା ପରେ କଡ଼େଇକୁ ଚୁଲିରେ ବସାନ୍ତୁ। ଏଥିରେ ତେଲ ପକାନ୍ତୁ। ତେଲ ଗରମ ହୋଇ ଆସିଲେ ତେଜ ପତ୍ର ଓ ଫୁଟଣ ପକାନ୍ତୁ। ଏହା ପରେ ମସଲା ପେଷ୍ଟ ପକାଇ କଷନ୍ତୁ। ଅଳ୍ପ ସମୟ ପରେ ଏଥିରେ ଛୋଟ ଛୋଟ କରି କଟାଯାଇଥିବା ଟମାଟୋ ଖଣ୍ଡଗୁଡ଼ିକୁ ପକାନ୍ତୁ। ଅଳ୍ପ କଷି ସାରିଲା ପରେ ଭଜା ଚିଙ୍ଗୁଡ଼ିକୁ ସେଥିରେ ପକାନ୍ତୁ ଓ ଦୁଇରୁ ତିନି ମିନିଟ୍ କଷନ୍ତୁ। ପରେ କୁକରରେ ଥିବା ଡାଲି ଓ ପରିବା ସିଝାକୁ କଡ଼େଇରେ ପକାଇ ୧୦ ମିନିଟ୍ ଫୁଟାନ୍ତୁ। ଶେଷରେ ଧନିଆ ପତ୍ର ଓ ଜିରା-ଲଙ୍କା ଗୁଣ୍ଡ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଚିଙ୍ଗୁଡ଼ି ଡାଲମା।

## ସୁଖମୟ ଦାମ୍ପତ୍ୟ ଜୀବନ ସହ ଜଡ଼ିତ ଜଣାଅଜଣା କଥା ...

■ ଦାମ୍ପତ୍ୟ ଜୀବନ ସୁଖମୟ ପାଇଁ ଗୁରୁବାର ଦିନ ହଳଦିଆ ବସ୍ତ୍ରରେ ୫ଟି ଗୁଜୁରାତି ରଖି ଗରିବଙ୍କୁ ଦାନ ଦିଅନ୍ତୁ।

■ ଆ ଅନୁଯାୟୀ ଟଙ୍କା ସଞ୍ଚୟ ଅଥବା ରୋଜଗାର ନ ହୋଇପାରିଲେ ଏକ ହଳଦିଆ। କପଡ଼ାରେ ଗୋଟିଏ ଗୁଜୁରାତି ରଖି ତକିଆ ତଳେ ରଖିଲେ, ଏହି ସମସ୍ୟା ଦୂର ହୋଇଯିବ।

■ଶିକ୍ଷା କ୍ଷେତ୍ରରେ ଉନ୍ନତି ଚାହୁଁଥିଲେ, ଗୋଟିଏ ଗୁଜୁରାତିକୁ କ୍ଷୀରରେ ଫୁଟାଇ ନିୟମିତ ସାତଟି ସୋମବାର କୌଣସି ଗରିବ ଲୋକଙ୍କୁ ଦିଅନ୍ତୁ।

■ ଧନ ବୃଦ୍ଧି ପାଇଁ ନିଜ ପର୍ସରେ ସର୍ବଦା ୫ଟି ଗୁଜୁରାତି ରଖନ୍ତୁ।



■ ନିୟମିତ ଗୋଟିଏ ଗୁଜୁରାତି ଖାଇବା ଦ୍ୱାରା ପାଟିର ଦୁର୍ଗନ୍ଧ ସମସ୍ୟା ମଧ୍ୟ ଦୂର ହୋଇଥାଏ।

■ ଆକ୍ୱାରିୟମ -
ଆକ୍ୱାରିୟମକୁ ଶୟନ କକ୍ଷରେ ରଖିବା ଉଚିତ ନୁହେଁ। ଏହାଦ୍ୱାରା ଦାମ୍ପତ୍ୟ ଜୀବନରେ କଳହ ସୃଷ୍ଟି ହୋଇଥାଏ। ପତିପତ୍ନୀଙ୍କ ସ୍ୱାସ୍ଥ୍ୟ ଉପରେ ମଧ୍ୟ କୁପ୍ରଭାବ ପଡ଼ିଥାଏ। ସର୍ବଦା ଚିନ୍ତା ଲାଗି ରହିଥାଏ।

■ ଘିକୁଆଁରୀ -
ଗୃହରେ ଭୁଲ ସ୍ଥାନରେ ବୃକ୍ଷ ଲଗାଇଲେ ଏହା ଅଶୁଭ ଫଳ ପ୍ରଦାନ କରିଥାଏ। ଶୟନ କକ୍ଷରେ କୌଣସି ପ୍ରକାରର ବୃକ୍ଷ ରଖନ୍ତୁ ନାହିଁ କିମ୍ବା ଲଗାନ୍ତୁ ନାହିଁ। ଏହା ବୈବାହିକ ଜୀବନ ଉପରେ କୁପ୍ରଭାବ ପକାଇଥାଏ। ବିଶେଷ କରି ଶୟନ କକ୍ଷରେ ଘିକୁଆଁରୀ ବୃକ୍ଷ ଥିଲେ ପତିପତ୍ନୀଙ୍କ ମଧ୍ୟରେ ଦୂରତ୍ୱ ବଢିଥାଏ। ଏହାସହ ଆର୍ଥିକ କ୍ଷେତ୍ରରେ ମଧ୍ୟ ସମସ୍ୟା ଦେଖାଯାଏ।

■ ଶୟନ କକ୍ଷରେ ଥିବା ଖଟ ଅଳ୍ପ ଭାଙ୍ଗିଥିଲେ ମଧ୍ୟ ଏହାକୁ ବ୍ୟବହାର କରିବା ଉଚିତ ନୁହେଁ। ଏହାଦ୍ୱାରା ଦାମ୍ପତ୍ୟ ଜୀବନରେ କଳହ ସୃଷ୍ଟି ହେବା ସହ ନକରାତ୍ମକ ପ୍ରଭାବ ପଡ଼ିଥାଏ।

■ ଶୟନକକ୍ଷରୁ ନକରାତ୍ମକ ଶକ୍ତି ଦୂର କରିବା ନିମନ୍ତେ ୨ଟି କର୍ପୁର ଆଳତୀ ଶୟନକକ୍ଷରେ କରନ୍ତୁ।
ଶୟନକକ୍ଷରେ ଅଇଁଠା ବାସନ ଆଦୌ ରଖନ୍ତୁ ନାହିଁ। ଏହାଦ୍ୱାରା ସ୍ୱାସ୍ଥ୍ୟ ଜନିତ ସମସ୍ୟା ଦେଖାଯାଏ ଓ ଅଶାନ୍ତି ସୃଷ୍ଟି ହୋଇଥାଏ।

## ଆଲୋଭେରାର ଘରୋଇ ଉପଚାର

ଆଲୋ ଭେରା ବା ଘିକୁଆଁରି କେବଳ ସ୍ୱାସ୍ଥ୍ୟ ନୁହେଁ ତ୍ୱଚା ପାଇଁ ଏକ ବରଦାନ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଥାନ୍ତି। ଏଥିରେ ଥିବା ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ତ୍ୱଚାରେ ବ୍ରଣ, ଦାଗ ପରି ଅନେକ ସମସ୍ୟାକୁ ଭଲ କରିଥାଏ। ତେବେ ଏହାକୁ ଲଗାଇବାର ବିଧି ଆପଣଙ୍କୁ ଜଣାଥିବା ଆବଶ୍ୟକ। ଆସନ୍ତୁ ଜାଣିବା ଘରେ ଘିକୁଆରୀ ବା ଆଲୋ ଭେରା କିପରି ଲଗାଇବା ଉଚିତ।



୧. ଅଲଗା ଅଲଗା ସମସ୍ୟା ପାଇଁ ଆଲୋ ଭେରା ବ୍ୟବହାର କରାଯାଇଥାଏ। ସନବର୍ଣ୍ଣ, ମଶ୍ଚୁରାଇଜର, ଆଣ୍ଟି ଏଜିଙ୍ଗ ଜେଲ, ମେକଅପ ରିମୁଭର, ସ୍କ୍ରବ, ଆଇବ୍ରୋ ଜେଲ ଭାବରେ ଏହାକୁ ବ୍ୟବହାର କରାଯାଇଥାଏ।

୨. ଯଦି ଆପଣଙ୍କ ଘରେ ଆଲୋଭେରା ଗଛ ଅଛି ତେବେ ଆପଣ ଏଥିରୁ ଜେଲ ପ୍ରସ୍ତୁତ କରିପାରିବେ।

୩. ଏହି ଜେଲକୁ ସନବର୍ଣ୍ଣ ପାଇଁ ବ୍ୟବହାର କରିବାକୁ ଚାହୁଁଥିଲେ କିଛି ସମୟ ଫ୍ରିଜରେ ରଖନ୍ତୁ। ପରେ ସେଥିରେ ହାଲକା ଗୋଲାପ ଜଳ ମିଶାଇ ମୁହଁରେ ଲଗାଇ ଦିଅନ୍ତୁ। ଏହିପରି ପ୍ରତିଦିନ ରାତିରେ ଲଗାଇ ଶୁଅନ୍ତୁ।

୪. ସେହିପରି ତ୍ୱଚାରୁ ଡେଡ ସ୍କିନ ସଫା କରିବାକୁ ଚାହୁଁଥିଲେ, ଫେଶୱାସରେ ମୁହଁ ଧୋଇବା ପରେ ଅଳ୍ପ ଏଲୋବେରା ଜେଲ ଲଗାନ୍ତୁ। ଏହା ପରେ ଏକ ଓଦା କପଡ଼ାରେ ମୁହଁକୁ ସ୍କ୍ରବ କରି ପୋଛନ୍ତୁ।

୫. ଆଣ୍ଟି-ଏଜିଙ୍ଗ ଜେଲ ଭାବରେ ମଧ୍ୟ ଏଲୋବେରା ଜେଲ ବ୍ୟବହାର କରାଯାଇପାରିବ। ତେବେ ଏଥିରେ ଭିଟାମିନ ଇ କିମ୍ବା ଭିଟାମିନ ସିର ପାଉଡର ମିଶାଇ ଲଗାନ୍ତୁ।

୬. ମେକଅପ ଛଡ଼ାଇବା ପାଇଁ କଟନରେ ଅଳ୍ପ ଆଲୋ ଭେରା ଜେଲ ନେଇ ମେକଅପକୁ ସଫା କରନ୍ତୁ। ଏପରି କଲେ ଜଲଦି ମେକଅପ ସଫା ହେବା ସହ ଆପଣଙ୍କ ତ୍ୱଚା କୋମଳ ରହିବ।

## ଆଲମାରୀରେ ରଖନ୍ତୁ ଗୋଟିଏ କପ୍ ଚାଉଳ

ବର୍ଷାଦିନେ କପଡ଼ା ନଶୁଖିବାରୁ ଆଲମାରୀରେ ଥିବା ପୋଷାକ ଗନ୍ଧାଇବା ଆରମ୍ଭ କରିଥାଏ। ଏହି ପୋଷାକ ଶୀରର ସମ୍ପର୍କରେ ଆସିଲେ ଫଙ୍ଗଲ୍ ଇନଫେକସନ୍ ହେବାର ଆଶଙ୍କା ରହିଥାଏ। ଯାହାଦ୍ୱାରା ତ୍ୱଚାରେ ବିଭିନ୍ନ ପ୍ରକାର ରୋଗ ଦେଖାଦେଇଥାଏ। ଏସବୁରୁ ରକ୍ଷା ପାଇବା ପାଇଁ ଆପଣ ଔଷଧ ଉପରେ ନିର୍ଭର କରିଥା'ନ୍ତି। ତେବେ ଏଥିପାଇଁ ଚିନ୍ତା କରନ୍ତୁ ନାହିଁ, ପୋଷାକକୁ ଭଲ ରଖିବା ପାଇଁ ଆପଣ କିଛି ଘରକରଣା ଉପାୟ ଅବଲମ୍ବନ କରିପାରିବେ। ଏଥିପାଇଁ ଆଲମାରୀରେ ଗୋଟିଏ କପ୍ ଚାଉଳ ରଖନ୍ତୁ। ଆସନ୍ତୁ ଜାଣିବା ଆଲମାରୀରେ ଚାଉଳ ରଖିଲେ କେଉଁସବୁ ଲାଭ ମିଳିଥାଏ।



- ବର୍ଷା ଦିନେ ଆଲମାରୀରେ ଚାଉଳ ରଖିଲେ ପୋଷାକରେ ହେଉଥିବା ବ୍ୟାକ୍ଟେରିଆ ନଷ୍ଟ ହୋଇଥା'ନ୍ତି ତେଣୁ ଆପଣଙ୍କ କପଡ଼ା ସୁରକ୍ଷିତ ରହିଥାଏ।
- ଚାଉଳ ଆଲମାରୀରୁ ଦୁର୍ଗନ୍ଧ ଦୂର କରିଥାଏ। ଆପଣ ଚାହିଁଲେ ଗୋଟିଏ କପ୍ ଚାଉଳରେ କିଛି ବୁନ୍ଦା ଏସେନ୍ସିଆଲ୍ ଅଏଲ୍ କିମ୍ବା ପରଫ୍ୟୁମ୍ ପକାଇ ମୁହଁରେ କପଡ଼ା ଗୁଡ଼ାଇ ରଖିପାରିବେ। ଏହି କପକୁ ଆଲମାରୀର ଖାଲି ଥିବା ସ୍ଥାନରେ ରଖନ୍ତୁ। ଚାଉଳରେ ପରଫ୍ୟୁମ୍ ପଡ଼ିଥିବାରୁ ଆଲମାରୀ ସହିତ ପୋଷାକ ମଧ୍ୟ ବାସ୍ନା ହେବ।
- ଚାଉଳକୁ ଆଲମାରୀରେ ଗୋଟିଏ ମାସରୁ ଅଧିକ ଦିନ ଯାଏଁ ରଖନ୍ତୁ ନାହିଁ। ଗୋଟିଏ ମାସ ପରେ କପରୁ କପଡ଼ା ବାହାର କରି ଚାଉଳକୁ ବଦଳାଇ ଏଥିରେ ପରଫ୍ୟୁମ୍ ଓ ଏସେନସିଆଲ୍ ଅଏଲ୍ ପକାନ୍ତୁ। କାରଣ ଚାଉଳ ଅଧିକ ଦିନ ରହିଲେ, ଖରାପ ହୋଇଯାଇଥାଏ। ତେଣୁ ପୋଷାକ ଏହା ସମ୍ପର୍କରେ ଆସିଲେ ଶୀଘ୍ର ଖରାପ ହେବାର ସମ୍ଭାବନା ରହିଥାଏ।

## ବୁଧବାର ଦିନକୁ ଦମ୍ପତି ଧ୍ୟାନ ଦିଅନ୍ତୁ

ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ବୁଧବାର ଦିନଟି ବୁଧଗ୍ରହଙ୍କୁ ସମର୍ପିତ। ବୁଧଗ୍ରହଙ୍କୁ ବୁଦ୍ଧି, ବିବେକ ,ଜ୍ଞାନ ପ୍ରଦାନ କରିଥାଆନ୍ତି ବୋଲି କୁହାଯାଏ। ବୁଧବାର ପ୍ରଭୁ ଗଣେଶଙ୍କୁ ପୂଜା ଓ ବୁଧ ଗ୍ରହଙ୍କୁ ଶାନ୍ତ କରିବା ଦ୍ୱାରା ଜାତକରେ ବୁଧଗ୍ରହ ଉତ୍ତମ ସ୍ଥିତିରେ ରହିଥାଆନ୍ତି। ବିଭିନ୍ନ ସମସ୍ୟା ମଧ୍ୟ ଦୂର ହୋଇଥାଏ। ମାତ୍ର ଏପରି କିଛି କାର୍ଯ୍ୟ ରହିଛି, ଯାହା ବୁଧବାର କରିବା ବର୍ଜନୀୟ। ଜାଣନ୍ତୁ - ବୁଧବାର ଦିନ କରଜ ଦେବା ଅଥବା ନେବା ଉଚିତ ନୁହେଁ। ଏହାଦ୍ୱାରା ଆର୍ଥିକ ସମସ୍ୟା ସୃଷ୍ଟି ହୋଇଥାଏ। ବୁଧବାର କରଜ ଦେବା ଅଥବା ନେବା ଦ୍ୱାରା ସଫଳତା ମିଳିପାରି ନଥାଏ।



ନିଜର ଦାମ୍ପତ୍ୟ ଜୀବନ ସୁଖମୟ ଓ ସ୍ୱାମୀଙ୍କ ଦୀର୍ଘାୟୁ ପାଇଁ ସଧବା ମହିଳାମାନେ ଏହି ଦିନ କଳାବସ୍ତ୍ର ପିନ୍ଧନ୍ତୁ ନାହିଁ। ଏହାସହ କଳାରଙ୍ଗର ଅନ୍ୟାନ୍ୟ ଜିନିଷ ମଧ୍ୟ ବ୍ୟବହାର କରନ୍ତୁ ନାହିଁ।

ବୁଧବାର ଦିନ ଆଦୌ କାହାରିକୁ କଠୋର କଥା କୁହନ୍ତୁ ନାହିଁ। ଅପଶବ୍ଦର ମଧ୍ୟ ବ୍ୟବହାର କରନ୍ତୁ ନାହିଁ। ସର୍ଭିଙ୍କ ସହ ମଧୁର ଶବ୍ଦର ପ୍ରୟୋଗ କରିବା ସହ ଉତ୍ତମ ବ୍ୟବହାର ପ୍ରଦର୍ଶନ କରନ୍ତୁ। ଏହାଦ୍ୱାରା ଆର୍ଥିକ କ୍ଷେତ୍ରରେ ଲାଭ ଓ ଅନେକ ସମସ୍ୟା ଦୂର ହୋଇଥାଏ। ସୁଖସମୃଦ୍ଧି ବୃଦ୍ଧି ହୋଇଥାଏ।

ବୁଧବାର ଦିନ ପଶ୍ଚିମ ଦିଗକୁ ଯାତ୍ରା କରିବା ଦ୍ୱାରା ସଫଳତା ପ୍ରାପ୍ତି ହୋଇ ନଥାଏ।

ପ୍ରଭୁ ଗଣେଶଙ୍କୁ ପୂଜାର୍ଚ୍ଚନା କରନ୍ତୁ। ଅଧିକ ମୂଲ୍ୟର ଟଙ୍କାକୁ କୌଣସି କାର୍ଯ୍ୟରେ ନିୟୋଜିତ କରନ୍ତୁ ନାହିଁ।

## କିଡନୀର ଯତ୍ନ ନେବା ଜରୁରୀ

କିଡନୀ ଶରୀରର ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ। ଶରୀରକୁ ସୁସ୍ଥ ରଖିବାରେ କିଡନୀର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। କିଡନୀ ରକ୍ତରୁ ଅତିରିକ୍ତ ପାଣି, ବର୍ଜ୍ୟବସ୍ତୁ ଏବଂ ଅନ୍ୟାନ୍ୟ ଅଶୁଦ୍ଧ ପଦାର୍ଥଗୁଡିକୁ ଫିଲ୍ଟର କରିଥାଏ। କିଡନୀ ରକ୍ତକୁ ସଫା କରିଥାଏ ଏବଂ ଶରୀରରୁ ବିଷାକ୍ତ ପଦାର୍ଥ ପରିସ୍ରା ଜରିଆରେ ବାହାର କରିଥାଏ। କିନ୍ତୁ ଭୁଲ ଜୀବନଶୈଳୀ ଏବଂ ଅଧିକ ଔଷଧ ସେବନ ଯୋଗୁଁ କିଡନୀ ଉପରେ ଭୁଲ ପ୍ରଭାବ ପଡିଥାଏ। ସେଥିପାଇଁ କିଡନୀର ଯତ୍ନ ନେବା ନିହାତି ଆବଶ୍ୟକ।



୧. ସୁସ୍ଥ ରହିବା ପାଇଁ କିଡନୀକୁ ସୁସ୍ଥ ରଖିବା ଆବଶ୍ୟକ। ସେଥିପାଇଁ ନିୟମିତ ବ୍ୟାୟାମ କରିବା ଆବଶ୍ୟକ। ବ୍ୟାୟାମ ରକ୍ତଚାପକୁ ସନ୍ତୁଳିତ ରଖିଥାଏ ଏବଂ ହୃଦୟ ସମ୍ବନ୍ଧୀୟ କୌଣସି ସମସ୍ୟା ହୋଇନାଥାଏ। ଫିଟ୍ ରହିବା ପାଇଁ ନିୟମିତ ଚାଲିବା, ନାଚିବା, ସାଇକେଲ ଚଲାଇବା, ଦୌଡିବା ଆଦି ଅଭ୍ୟାସ ଶରୀରକୁ ସୁସ୍ଥ ରଖିଥାଏ।

୨. ଡାଏବେଟିସ୍ ପାଇଁ କିଡନୀ ପ୍ରଭାବିତ ହୋଇଥାଏ। ସେଥିପାଇଁ ବ୍ଲଡ଼ ସୁଗାର ନିୟନ୍ତ୍ରଣ ରଖିବା ନିହାତି ଆବଶ୍ୟକ। ଉଚିତ ସମୟରେ ଡାକ୍ତରଙ୍କୁ ପରାମର୍ଶ କରି ସ୍ୱାସ୍ଥ୍ୟ ପ୍ରତି ଥିବା ବିପଦ ଏଡାଇ ପାରିବେ। ଅଧିକ ସୁଗାରଯୁକ୍ତ ଖାଦ୍ୟ ସେବନ ବାରଣ କରିବା ଉଚିତ।

୩. ଉଚ୍ଚ ରକ୍ତଚାପ ଯୋଗୁଁ ମଧ କିଡନୀ ପ୍ରଭାବିତ ହୋଇଥାଏ। ସେଥିପାଇଁ ରକ୍ତଚାପ ଉପରେ ନିୟମିତ ନଜର ରଖିବା ଦରକାର। ସଠିକ ଜୀବନଶୈଳୀ ଆପଣାଇ ସୁସ୍ଥ ରହିପାରିବେ।

୪. ମୋଟାପଣ ଅନେକ ରୋଗର କାରଣ ହୋଇଥାଏ। ଓଜନ ବଢିଲେ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖା ଦେଇଥାଏ। ଫଳରେ କିଡନୀ ମଧ ପ୍ରଭାବିତ ହୋଇଥାଏ। ଓଜନ ବଢିବା ଯୋଗୁଁ ମଧୁମେହ, ହୃଦୟ ରୋଗ ଓ କିଡନୀ ରୋଗ ହେବାର ସମ୍ଭାବନା ରହିଛି। ସେଥିପାଇଁ ଓଜନ ନିୟନ୍ତ୍ରଣ କରିବା ଆବଶ୍ୟକ। ଡାଏଟରେ ତଟକା ପନିପରିବା, ଫଳ, ମାଛ, ଶସ୍ୟଜାତୀୟ ଖାଦ୍ୟ ସାମିଲ କରନ୍ତୁ।

୫. ଧୂମପାନ ଶରୀରରେ ରକ୍ତ ବାହକକୁ ହାନି ପହଞ୍ଚାଇଥାଏ। ଧୂମପାନ ଯୋଗୁଁ କିଡନୀରେ ରକ୍ତ ପ୍ରବାହ ମନ୍ଥର ହୋଇଯାଇଥାଏ। ଧୂମପାନ ଯୋଗୁଁ କିଡନୀ କ୍ୟାନସରର ସମ୍ଭାବନା ଅଧିକ ଥାଏ। କିଡନୀକୁ ସୁସ୍ଥ ରଖିବାକୁ ହେଲେ ଧୂମପାନ କରନ୍ତୁ ନାହିଁ।



୬. ଯଦି ଆପଣ ଅଧିକ ଔଷଧ ସେବନ କରୁଛନ୍ତି ତାହେଲେ ସାବଧାନ ହୋଇଯାଆନ୍ତୁ। ଅଧିକ ଔଷଧ କିଡନୀ ପାଇଁ ହାନିକାରକ। ନିୟମିତ ପେନ୍ କିଲର ସେବନ ଦ୍ୱାରା କିଡନୀ ଖରାପ ହେବାର ସମ୍ଭାବନା ରହିଛି। ସେଥିପାଇଁ ପେନ୍ କିଲର ନେବା ପୂର୍ବରୁ ଡାକ୍ତରଙ୍କୁ ପରାମର୍ଶ କରିବା ଉଚିତ।

୭. ୬୦ ବର୍ଷରୁ ଅଧିକ ବୟସ୍କ ଲୋକ, ବିଶେଷ କରି ଯେଉଁମାନେ ହୃଦୟ ରୋଗ, ମଧୁମେହ କିମ୍ବା ଉଚ୍ଚ ରକ୍ତଚାପରେ ପୀଡିତ କିମ୍ବା ଯେଉଁମାନଙ୍କ ଓଜନ ଅଧିକ ସେମାନେ ନିଜ କିଡନୀର ବିଶେଷ ଯତ୍ନ ନେବା ଆବଶ୍ୟକ। ଏମାନେ ସମୟ ସମୟରେ ନିଜ କିଡନୀ ପରୀକ୍ଷା କରାଇବା ଏବଂ ଡାକ୍ତରଙ୍କୁ ପରାମର୍ଶ କରିବା ଆବଶ୍ୟକ।


## କଦଳୀ ନିୟମିତ ଖାଇବା କ୍ଷତିକାରକ !

କଦଳୀ ଏମିତି ଏକ ଫଳ ଯାହା ପ୍ରାୟ ଅଧିକାଂଶ ଲୋକଙ୍କୁ ପସନ୍ଦ। ସାରା ଦୁନିଆରେ ସର୍ବାଧିକ ଖିଆଯାଉଥିବା ଫଳ ହେଲା କଦଳୀ। କଦଳୀର ଅନେକ ସ୍ୱାସ୍ଥ୍ୟଗତ ଫାଇଦା ମଧ ରହିଛି। ଏହା ରକ୍ତଚାପ ନିୟନ୍ତ୍ରଣ କରିଥାଏ। ତାଛଡା ଶ୍ୱାସ ରୋଗ ଓ କ୍ୟାନସର ରୋଗୀଙ୍କ ପାଇଁ ମଧ ପ୍ରଭାବଶାଳୀ। କଦଳୀର ଅନେକ ଲାଭ ରହିଛି। ତେବେ କୌଣସି ବି ଜିନିଷ ଅଧିକ ମାତ୍ରାରେ ସେବନ କରିବା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥାଏ। ସେହିଭଳି ଅଧିକ ମାତ୍ରାରେ କଦଳୀ ସେବନ ମଧ ଶରୀର ପାଇଁ ହାନିକାରକ ହୋଇଥାଏ। ଅଧିକ କଦଳୀ ସେବନ କରିବା ଦ୍ୱାରା ଓଜନ ବଢିଥାଏ। ଓଜନ ବଢିବା ଚିନ୍ତାଜନକ ବିଷୟ। ମୁଖ୍ୟତଃ ସନ୍ଧ୍ୟା ସମୟରେ କଦଳୀ ସେବନ କରିବା କିମ୍ବା ଅଧିକ ମାତ୍ରାରେ କଦଳୀ ସେବନ କଲେ ଶରୀରରେ ଏକ୍ସଟ୍ରା ଫ୍ୟାଟ ସୃଷ୍ଟି କରିଥାଏ ଯାହା ଶରୀର ପାଇଁ ହାନିକାରକ ପ୍ରମାଣିତ ହୋଇପାରେ। ଯଦି ଆପଣ ଓଜନ ବଢାଇବାକୁ ଚାହୁଁଛନ୍ତି ତାହେଲେ କଦଳୀ ସର୍ବୋତ୍ତମ। କଦଳୀରେ ପ୍ରାକୃତିକ ଶର୍କରା ବା ନାଚୁରାଲ ସୁଗାର ରହିଛି। ସେଥିପାଇଁ ଅଧିକ କଦଳୀ ସେବନ କ୍ଷତିକାରକ ହୋଇପାରେ। ମଧୁମେହ ରୋଗୀଙ୍କ ପାଇଁ ଏହା ଘାତକ ପ୍ରମାଣିତ ହୋଇପାରେ। ଶ୍ୱାସ ରୋଗୀ କଦଳୀ ସେବନ କରିବା ଅନୁଚିତ। ଯଦି ଆପଣ ଜିମରେ ବ୍ୟାୟମ କରୁଛନ୍ତି କିମ୍ବା ଦୌଡ଼ୁଛନ୍ତି ତେବେ ଦିନକୁ ୩-୪ କଦଳୀ ଆପଣଙ୍କ ପାଇଁ ସ୍ୱାସ୍ଥ୍ୟକର। କିନ୍ତୁ ଯଦି ଆପଣ କିଛି ୱାର୍କଆଉଟ କିମ୍ବା ବ୍ୟାୟାମ କରୁନାହାନ୍ତି ତାହେଲେ ଦିନକୁ ଗୋଟିଏ କିମ୍ବା ଦୁଇଟି କଦଳୀ ସେବନ କରିପାରିବେ।



# କୃଷ୍ଣା ମହାନ୍ତିଙ୍କୁ ରାଷ୍ଟ୍ରୀୟ ଗାନ୍ଧୀ ପୁରସ୍କାର

ଭୁବନେଶ୍ୱର,୧୫।୭ (ମହାଭାରତ): ରାଷ୍ଟ୍ରୀୟ ସ୍ତରରେ ଗାନ୍ଧୀ ଓ ସର୍ବୋଦୟ ବିଚାରର ସର୍ବୋଚ୍ଚ ସଂଗଠନ ସର୍ବ ସେବା ସଂଘ (ଅଖିଳ ଭାରତ ସର୍ବୋଦୟ ମଣ୍ଡଳ) ପକ୍ଷରୁ ୨୦୨୩ ଆର୍ଥିକ ବର୍ଷ ନିମନ୍ତେ ରାଷ୍ଟ୍ରୀୟ ଗାନ୍ଧୀ ପୁରସ୍କାର ଓଡିଶାର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ତଥା ବିପ୍ଳବିଣୀ ମାଳତୀ ଚୌଧୁରୀଙ୍କ ସୁକନ୍ୟା ବିଶିଷ୍ଟ ସର୍ବୋଦୟ ନେତ୍ରୀ କୃଷ୍ଣା ମହାନ୍ତିଙ୍କୁ ଅନୁଗୁଳସ୍ଥ ବାଜି ରାଉତ ଛାତ୍ରାବାସ ପରିସରରେ ପ୍ରଦାନ କରାଯାଇଛି । ଏହି ପୁରସ୍କାରରେ ଏକ ଲକ୍ଷ ଟଙ୍କାର ସମ୍ମାନ ରାଶି, ମାନପତ୍ର ତଥା ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କ ସହ ସେବାଗ୍ରାମ ଆଶ୍ରମରେ ପ୍ରାତଃଭ୍ରମଣରେ ଏକଦା ଯାଇଥିବା ବାଳିକା କୃଷ୍ଣାଙ୍କର ଏକ ତୈଳଚିତ୍ର ପ୍ରଦାନ କରାଯାଇଥିଲା । ସମ୍ମାନ ସମାରୋହରେ ଅଧ୍ୟକ୍ଷତା କରି ସର୍ବ ସେବା ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଚନ୍ଦନ ପାଲ କହିଲେ ଯେ, କୃଷ୍ଣା ଅପାଙ୍କୁ ଏହି ସମ୍ମାନ ପ୍ରଦାନ କରି ସମଗ୍ର ସର୍ବୋଦୟ ପରିବାର ସମ୍ମାନିତ ହୋଇଛି । ସର୍ବୋଦୟ ଆନ୍ଦୋଳନକୁ ଦେଶବ୍ୟାପୀ ବ୍ୟାପକ କରିବାରେ କୃଷ୍ଣା ଅପାଙ୍କ



ପରିବାରର ଭୂମିକା ସବୁଠୁ ଗୁରୁତ୍ୱପୂର୍ଣ୍ଣ । ବଡବାପା ଗୋପବନ୍ଧୁ ଚୌଧୁରୀ ସର୍ବ ସେବା ସଂଘର ପ୍ରତିଷ୍ଠାତା ସମ୍ପାଦକ, ବାପା ନବକୃଷ୍ଣ ଚୌଧୁରୀ, ବଡଭାଇ ମନମୋହନ ଚୌଧୁରୀ, ଭିଣୋଇ ନାରାୟଣ ଦେଶାଇ ସଂଘର ସଭାପତି ଭାବରେ କାର୍ଯ୍ୟ କରିଥିଲେ । ବଡମା' ରମାଦେବୀ, ମାଆ ମାଳତୀ ଦେବୀ, ବଡ ଦୁଇ ଭଉଣୀ ଅନ୍ନପୂର୍ଣ୍ଣା ମହାରାଣା, ଉତରା ଦେଶାଇ, ବଡ ଭିଣୋଇ ଶରତ ଚନ୍ଦ୍ର ମହାରାଣା, ଭାଉଜ ସୁମିତ୍ରା ଦେବୀ ସମସ୍ତେ ସର୍ବୋଦୟ ଆନ୍ଦୋଳନରେ ଜୀବନଦାନ କରିଥିଲେ । କୃଷ୍ଣା ଅପା ନିଜେ ସାଢେତିନି ବର୍ଷ ବୟସରେ ଇଂରେଜ ସରକାରର ଜେଲରେ ରହିଥିଲେ । ଭୂଦାନ ଗ୍ରାମଦାନ ଆନ୍ଦୋଳନ ହେଉ କି ସଂପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନ, ଗାନ୍ଧୀ ସର୍ବୋଦୟ ଆନ୍ଦୋଳନର ସିପାହୀ ଭାବରେ କୃଷ୍ଣା ଅପାଙ୍କର ଭୂମିକା ଉଲ୍ଲେଖଯୋଗ୍ୟ । ଦଳିତ ଉତଥାନ ହେଉ କି ସାମ୍ପ୍ରଦାୟିକ ସଦଭାବ, ବାଜି ରାଉତ ଛାତ୍ରାବାସ ହେଉ କି ଉତ୍କଳ ଗାନ୍ଧୀ ସ୍ମାରକ ନିଧି ଜୀବନକୁ ବାଜି ଲଗାଇ କୃଷ୍ଣା ଅପା ସର୍ବୋଦୟ ସଂଗଠନଗୁଡିକୁ ସକ୍ରିୟ ରଖିଛନ୍ତି । ସମ୍ମାନର ଉତରରେ କୃଷ୍ଣା ମହାନ୍ତି କହିଲେ ଯେ, ଆଜି ଗଣତନ୍ତ୍ର ବିପଦରେ, ଦଳିତ, ମହିଳା ସମସ୍ତେ ଅତ୍ୟାଚାରର ଶୀକାର ହେଉଛନ୍ତି, ସରକାର ମଦ ପ୍ରସାର ନୀତି ଆପଣେଇଛନ୍ତି, ଆଉ ଏ ଦେଶ କର୍ପୋରେଟ ଓ ଭ୍ରଷ୍ଟ ନେତାଙ୍କ ଦଖଲରେ ଥିବାବେଳେ ଗାନ୍ଧୀ ପୁରସ୍କାର ମୋ ପାଇଁ ଏକ ଆହ୍ୱାନ। ଏହି ସଭାରେ ବିଶିଷ୍ଟ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା, ପଶ୍ଚିମ ଓଡିଶା କୃଷକ ସଂଗଠନର ଆବାହକ ଲିଙ୍ଗରାଜ, ନିୟମଗିରି ଆନ୍ଦୋଳନର ନେତା ଲିଙ୍ଗରାଜ ଆଜାଦ, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସଭାପତି ଜଷ୍ଟିସ ମନୋରଞ୍ଜନ ମହାନ୍ତି, ମହମ୍ମଦ ଶେଖ ହୁସେନ, ଅବିନାଶ କାକଡେ, ଅରବିନ୍ଦ ଅଞ୍ଜୁମ, ଗୌରାଙ୍ଗ ମହାପାତ୍ର, ଅରବିନ୍ଦ କୁଶୱାହା, ମିହିର ପ୍ରତାପ ଦାସ, ଦେବ ପ୍ରସାଦ ରାୟ, ରମେଶ ବେହେରା, ପ୍ରଫେସର ଧନେଶ୍ୱର ସାହୁ, ପ୍ରଶାନ୍ତ ଦାସ, ରାମଚନ୍ଦ୍ର ଶୁକ୍ଳ, ଆର୍ଯ୍ୟଭଟ୍ଟ ମହାନ୍ତି,ପ୍ରମୁଖ ଦେଶର ଗଣତାନ୍ତ୍ରିକ ପରିସ୍ଥିତି ଓ ମହାତ୍ମା ଗାନ୍ଧୀ ଶୀର୍ଷକ ଆଲୋଚନାରେ ଭାଗ ନେଇଥିଲେ।

# ରାଜଭବନ ବୁଲିଲେ କସ୍ତୁରବା ଗାନ୍ଧୀ ମାତୃ ନିକେତନ, ପାଇକମାଳର ଅନ୍ତେବାସୀ

ଭୁବନେଶ୍ୱର,୧୫।୭ (ମହାଭାରତ): ରାଜ୍ୟପାଳ ରଘୁବର ଦାସଙ୍କ ସ୍ୱତନ୍ତ୍ର ନିମନ୍ତ୍ରଣକ୍ରମେ କସ୍ତୁରବା ଗାନ୍ଧୀ ମାତୃ ନିକେତନ, ପାଇକମାଳ, ବରଗଡ଼ର ଅନ୍ତେବାସୀମାନେ ରାଜ ଭବନ ବୁଲି ଦେଖିବା ସହ ପୁରୀ ଯାଇ ଶ୍ରୀଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଛନ୍ତି। ସୂଚନାଯୋଗ୍ୟଯେ ଗତ ଜୁନ୍ ୨୫ ତାରିଖ ଦିନ ରାଜ୍ୟପାଳ ଶ୍ରୀ ଦାସଙ୍କ ବରଗଡ଼ ଜିଲ୍ଲାର ପାଇକମାଳସ୍ଥିତ କସ୍ତୁରବା ଗାନ୍ଧୀ ମାତୃ ନିକେତନ ପରିଦର୍ଶନ ସମୟରେ ଅନ୍ତେବାସୀମାନଙ୍କ ସହ ବାର୍ତାଳାପବେଳେ ସେମାନଙ୍କର ରାଜଭବନ ବୁଲିବା ଏବଂ ପୁରୀରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାର ପ୍ରବଳ ଆଗ୍ରହ ଜାଣିବାକୁ ପାଇଥିଲେ। ଏଣୁ ଅନ୍ତେବାସୀମାନଙ୍କୁ ରାଜଭବନ ବୁଲିବା ସହିତ ପୁରୀରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ନିମନ୍ତେ ରାଜ୍ୟପାଳ ଆମନ୍ତ୍ରଣ କରିଥିଲେ। ତଦନୁଯାୟୀ ଚଳିତ ଜୁଲାଇ ୧୩ ତାରିଖ ଦିନ ୫୦ଜଣ ଅନ୍ତେବାସୀ ଓ ୧୮ଜଣ କର୍ମକର୍ତା ପାଇକମାଳରୁ ଯାତ୍ରା ଆରମ୍ଭକରି ଭୁବନେଶ୍ୱର ରାଜଭବନଠାରେ ରାତ୍ରିଯାପନ କରିଥିଲେ। ଜୁଲାଇ ୧୪ତାରିଖ ସକାଳୁ ପୁରୀ ଯାତ୍ରାକରି ଶ୍ରୀଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଅପାର ଆନନ୍ଦଲାଭ କରିଥିଲେ। ତତ୍‌ପରେ ପୁରୀ ରାଜଭବନରେ ସାମାନ୍ୟ



ବିଶ୍ରାମ କରି ସମୁଦ୍ରକୂଳ ବୁଲି ଦେଖିଥିଲେ ଏବଂ ପରେପରେ ଶ୍ରୀମନ୍ଦିର ପରିକ୍ରମା କରି ଭୁବନେଶ୍ୱର ରାଜଭବନକୁ ପ୍ରତ୍ୟାବର୍ତନ କରିଥିଲେ। ରାଜଭବନ ପରିସରରେ ମୃଗ ପାର୍କ ସହ ଶିଶୁ ଉଦ୍ୟାନ ବୁଲି ଦେଖିଥିଲେ। ଏହି ଅବସରରେ ରାଜଭବନର ଅଭିଷେକ ହଲ୍‌ଠାରେ ରାଜ୍ୟପାଳ ଶ୍ରୀ ରଘୁବର ଦାସଙ୍କ ସହ ଅନ୍ତେବାସୀମାନେ ବାର୍ତାଳାପ କରିଥିଲେ।

ଶ୍ରୀଜଗନ୍ନାଥ ଦର୍ଶନର ଅନୁଭୂତି ସଂପର୍କରେ ରାଜ୍ୟପାଳ ପିଲାମାନଙ୍କଠାରୁ ବୁଝିଥିଲେ। ଅନ୍ତେବାସୀମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସହ ରାଜଭବନ ବୁଲିବାର ସୌଭାଗ୍ୟ ପାଇ ରାଜ୍ୟପାଳଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ରାଜ୍ୟପାଳ ପିଲାମାନଙ୍କୁ କହିଥିଲେଯେ ମହାପ୍ରଭୁ ଶ୍ରୀଜଗନ୍ନାଥ ବିଶ୍ୱ ଠାକୁର ଏବଂ ତାଙ୍କ ଆଶୀର୍ବାଦରେ ତୁମମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ ହେଉ। ଭଲପାଠ ପଢ଼ି ବଡ଼ମଣିଷ ଓ ଉତମ ନାଗରିକ ହେବା ସହ ସେବା ମନୋଭାବ ରଖିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ।

# ପୂର୍ବତନ ମନ୍ତ୍ରୀ ଗଙ୍ଗାଧର ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୫।୭ (ମହାଭାରତ): ଓଡ଼ିଶାର ବରିଷ୍ଠ ଜନନେତା, ପୂର୍ବତନ ମନ୍ତ୍ରୀ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ବରିଷ୍ଠ ଆଇନଜ୍ଞ ସ୍ୱର୍ଗତ ଗଙ୍ଗାଧର ମହାପାତ୍ରଙ୍କ ୧୧୧ତମ ଜୟନ୍ତୀ ରବିବାର ଭୁବନେଶ୍ୱର ବୁଦ୍ଧମନ୍ଦିର ସଭାଗୃହରେ ଗଙ୍ଗାଧର ମହାପାତ୍ର ଫାଉଣ୍ଡେସନ ପକ୍ଷରୁ ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ମହାପାତ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ପ୍ରଦୀପ ପ୍ରଜ୍ୱଳନ କରି ପୂର୍ବତନ ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ, ସ୍ୱର୍ଗତ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ପ୍ରକୃତରେ ଗଙ୍ଗାଧର ମହାପାତ୍ର ଥିଲେ ଅଜାତ ଶତ୍ରୁ। ରାଜନୈତିକ ଦଳମତ ନିର୍ବିଶେଷରେ ସେ ଥିଲେ ସମସ୍ତଙ୍କର ପ୍ରିୟ, 'ଗଙ୍ଗୁ ଭାଇନା'। ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ପ୍ରଫେସର ଡଃ ଜିତେନ୍ଦ୍ର ନାରାୟଣ ଦାସ ସ୍ୱର୍ଗତ ମହାପାତ୍ରଙ୍କୁ ଜଣେ ଦକ୍ଷ ପାର୍ଲାମେଂଟାରିଆନ ଭାବେ ବର୍ଣ୍ଣନା କରିଥିଲେ। ଆଇନ ବ୍ୟବସାୟ ସମୟରେ କୋର୍ଟ ରୁମ୍‌ରେ ତାଙ୍କର ଅକାଟ୍ୟ ଯୁକ୍ତି ପାଖରେ ଅପରପକ୍ଷ ଓକିଲମାନେ ସ୍ତବ୍ଧ ହୋଇଥାନ୍ତି। ମୁଖ୍ୟବକ୍ତା ପ୍ରଦ୍ୟୁମ୍ନ ଶତପଥୀ କହିଲେ ଯେ, ଗଙ୍ଗାଧର ମହାପାତ୍ରଙ୍କ ପରିବାର ସହିତ ମୋର ୫୦ ବର୍ଷର ସମ୍ପର୍କ। ମଣିଷକୁ କିପରି ଭଲ ପାଇବାକୁ ହେବ ତାହା ଗଙ୍ଗାଧର ମହାପାତ୍ରଙ୍କ ଠାରୁ ଶିକ୍ଷା କରିବାର କଥା। ଅନ୍ୟତମ ସମ୍ମାନିତ ଅତିଥି ଭାବେ ପୂର୍ବତନ ଡିନ୍ ପ୍ରଫେସର ଡଃ ବୁଦ୍ଧଦେବ ମିଶ୍ର, ସ୍ୱର୍ଗତ ମହାପାତ୍ରଙ୍କ ଛାତ୍ର ଜୀବନରୁ ସ୍ୱାଧୀନତା ସଂଗ୍ରାମରେ ଓ ଆଜାଦହିନ୍ଦ ଫୌଜରେ ଯୋଗଦାନ ଏବଂ ନେତାଜୀ ସୁଭାଷ ବୋଷଙ୍କ ସହ ସମ୍ପର୍କ ବିଷୟରେ ଆଲୋକପାତ କରିଥିଲେ।

# ନଭେମ୍ବର ୨୦ରୁ ବିଶ୍ୱ ଅଡିଓ ଭିଜୁଆଲ୍ ଓ ମନୋରଞ୍ଜନ ଶିଖର ସମ୍ମିଳନୀ

ଭୁବନେଶ୍ୱର,୧୫।୭ (ମହାଭାରତ): ଭାରତ ନଭେମ୍ବର ୨୦ରୁ ୨୪ ପର୍ଯ୍ୟନ୍ତ ଗୋଆଠାରେ ବିଶ୍ୱ ଅଡିଓ ଭିଜୁଆଲ ଓ ମନୋରଞ୍ଜନ ଶିଖର ସମ୍ମିଳନୀର ପ୍ରଥମ ସଂସ୍କରଣ ରୂପେ ଏକ ଐତିହାସିକ କାର୍ଯ୍ୟକ୍ରମ ଆୟୋଜନ କରିବ ବୋଲି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଘୋଷଣା କରିଛନ୍ତି। ଗୋଆର ମୁଖ୍ୟମନ୍ତ୍ରୀ ଶ୍ରୀ ପ୍ରମୋଦ ସାୱନ୍ତ ଏବଂ କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡ. ଏଲ୍ ମୁରୁଗାନଙ୍କ ସହ ଆଜି ନୂଆଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ଏହି ଘୋଷଣା କରିଛନ୍ତି।

ଏହି ଅବସରରେ ଉପସ୍ଥିତ ଦର୍ଶକଙ୍କୁ ସମ୍ବୋଧିତ କରି ଅଶ୍ୱିନୀ ବୈଷ୍ଣବ କହିଥିଲେ ଯେ, ଗଣମାଧ୍ୟମ ଏବଂ ମନୋରଞ୍ଜନ (ଏମ୍ ଆଣ୍ଡ ଇ) ଦୁନିଆ। ଏକ ଢାଞ୍ଚାଗତ ପରିବର୍ତ୍ତନ ଦେଇ ଗତି କରୁଛି ଏବଂ ପ୍ରଚୁର ଜ୍ଞାନକୌଶଳ ପ୍ରୟୋଗ ଦେଖୁଛି। ଗୋଟିଏ ପଟେ ଏହା ଅନେକ ସୁଯୋଗ ସୃଷ୍ଟି କରିଥିବା ବେଳେ ଅନ୍ୟପଟେ ଏହି ପରିବର୍ତ୍ତନକୁ ବଜାୟ ରଖିବାରେ ସକ୍ଷମ ହୋଇନଥିବା କିଛି ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଚିନ୍ତା ମଧ୍ୟ ସୃଷ୍ଟି କରିଛି। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଅନୁଯାୟୀ, ଆଜିର ସାର୍ବଜନୀନ ନୀତିର ଭୂମିକା ହେଉଛି ଏହି ଢାଞ୍ଚାଗତ ପରିବର୍ତ୍ତନରୁ ଶ୍ରେଷ୍ଠକୁ ଉପଯୋଗ କରିବାରେ ସକ୍ଷମ କରିବା। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ପରିବର୍ତ୍ତନର ମୁକାବିଲା କରିବାରେ ଗଣମାଧ୍ୟମ ଏବଂ ମନୋରଞ୍ଜନର ସମଗ୍ର ଇକୋସିଷ୍ଟମକୁ ସମର୍ଥନ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ।



ଏହାର ଲକ୍ଷ୍ୟ ହାସଲ ପାଇଁ ବାଟ ଏବଂ ଅନ୍ତର୍ନିହିତ ପ୍ରୟାସ ବିଷୟରେ ବକ୍ତବ୍ୟ ରଖି ମନ୍ତ୍ରୀ କହିଥିଲେ ଯେ ଗଣମାଧ୍ୟମ ଏବଂ ମନୋରଞ୍ଜନ କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି କରିବା ଏବଂ ପ୍ରତିଭା ପାଇପ୍ ଲାଇନ୍ ବୃଦ୍ଧି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି । ଏହାକୁ ଉଭୟ ଢାଞ୍ଚାଗତ ଓ ପ୍ରକ୍ରିୟାଗତ ପ୍ରୟାସ ମାଧ୍ୟମରେ କାର୍ଯ୍ୟକାରୀ କରାଯିବ। ଏହି ପ୍ରୟାସଗୁଡିକ ଏକ ଇକୋସିଷ୍ଟମ ସୃଷ୍ଟି କୁ ସୁନିଶ୍ଚିତ କରିବ ଯାହା ଉଚ୍ଚ ମାନର ବିଷୟବସ୍ତୁକୁ ପ୍ରୋତ୍ସାହିତ କରିବ, ଦେଶରେ ଆଇପି ଅଧିକାର ସୃଷ୍ଟି କରିବ ଏବଂ ସୁରକ୍ଷା ଦେବ ଓ ବିଶ୍ୱକୁ ସେମାନଙ୍କ ବିଷୟବସ୍ତୁ ସୃଷ୍ଟି କେନ୍ଦ୍ର ପ୍ରତିଷ୍ଠା ପାଇଁ ଏକ ପ୍ରାକୃତିକ ବିକଳ୍ପ ଭାବରେ ଭାରତକୁ ସ୍ୱୀକୃତି ଦେବ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ପ୍ରୟାସ ପାଇଁ ଏମ୍ ଆଣ୍ଡ ଇ ଶିଳ୍ପ, ଆର୍ଥିକ କ୍ଷେତ୍ର ଏବଂ ପ୍ରଯୁକ୍ତି ବିଦ୍ୟା ଜଗତ ମଧ୍ୟରେ ଘନିଷ୍ଠ ସମନ୍ୱିତ ପ୍ରୟାସ ଆବଶ୍ୟକ। ଏଥିପାଇଁ ସୁଚିନ୍ତିତ ନୀତିଗତ ପଦକ୍ଷେପର ଆବଶ୍ୟକତା ରହିଛି ଏବଂ ଆଗାମୀ ମାସ ମାନଙ୍କରେ ସରକାର ଓ ଶିଳ୍ପ ଏହି ଲକ୍ଷ୍ୟ ହାସଲ ଦିଗରେ ସେମାନଙ୍କ ପ୍ରୟାସକୁ ଏକାଠି କରିବେ ବୋଲି ମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି।

ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ ୱେଭ୍ସ ଏବଂ ଆଇଏଫଏଫଆଇ ସମାନ ସ୍ପେକ୍ଟ୍ରମର ଭିନ୍ନ ଭିନ୍ନ ଅଂଶ ଗଠନ କରିବେ ଏବଂ ୱେଭ୍ସ ଶିଖର ସମ୍ମିଳନୀ ଇନପୁଟକୁ ପ୍ରତିନିଧିତ୍ୱ କରୁଥିବା ବେଳେ ଭାରତୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫଏଫଆଇ) ଏହାର ଆଉଟପୁଟ୍ ଅଟେ। ଇନପୁଟ୍ ଏବଂ ଆଉଟପୁଟର ସମନ୍ୱୟ ଗୋଆକୁ ସୃଜନଶୀଳତା ଏବଂ ପ୍ରତିଭାର ଏକ ପ୍ରମୁଖ କେନ୍ଦ୍ର ଭାବରେ ପ୍ରତିଷ୍ଠା କରିବ ଏବଂ ଅଭିନବତା ଓ କଳାତ୍ମକ ଅଭିବ୍ୟକ୍ତିର ଆଲୋକ ଭାବରେ ଏହାର ସ୍ଥିତିକୁ ସୁଦୃଢ଼ କରିବ। ସେ ଗୋଆ ମୁଖ୍ୟମନ୍ତ୍ରୀଙ୍କୁ ଆଇଏଫଏଫଆଇ ସହିତ ୱେଭ୍ସ ୨୦୨୪ ଆୟୋଜନ କରିଥିବାରୁ କୃତଜ୍ଞତା ଜ୍ଞାପନ କରିଛନ୍ତି, ଯାହା ଦ୍ୱାରା ସ୍ପେକ୍ଟ୍ରମର ଉଭୟ ପ୍ରାନ୍ତ ଏକାଠି ହୋଇପାରିବ।

# କ୍ଷମା ମାଗନ୍ତୁ ମୁକେଶ ଖାନା

ଭୁବନେଶ୍ୱର,୧୫।୭ (ମହାଭାରତ): କଲ୍‌କୀ ସିନେମା ୨୮୯୮ ଏ.ଡି. ର ରିଭ୍ୟୁ କଲାବେଳେ ସିନେ ତାରକା ମୁକେଶ ଖାନା ଓଡ଼ିଶା ଓ ବିହାରୀ ଲୋକଙ୍କର ବୁଦ୍ଧିମତା ଓ ବୁଝିବା ଶକ୍ତିକୁ ନେଇ ଯେଉଁ ଅବାଂଚିତ କମେଂଟ କରିଛନ୍ତି, ତାହା କେବଳ ଓଡ଼ିଆ ଅସ୍ମିତା ପ୍ରତି ଆହ୍ୱାନ ସୃଷ୍ଟି କରିନାହିଁ ସମଗ୍ର ଓଡ଼ିଆ ଜାତିକୁ କ୍ଷୁବ୍ଧ ଓ ଅପମାନିତ କରିଛି । ତାଙ୍କର ଏହି ବିବାଦୀୟ ମନ୍ତବ୍ୟ ନେଇ ମୁକେଶ ଖାନା ନିଜର ସ୍ପଷ୍ଟିକରଣ ଦେବା ପରିବର୍ତେ ଓଡ଼ିଆ ଜାତି ପାଖରେ କ୍ଷମା ମାଗିବା ଓଡ଼ିଆ ଅସ୍ମିତା ପରିଷଦ ପକ୍ଷରୁ ଦାବି କରାଯାଇଛି। ସଂଗଠନର ଆବାହକ ରବି ବେହେରା ଏକ ପ୍ରେସ୍ ବିବୃତିରେ କହିଛନ୍ତି ଯେ, ଏଭଳି ମନ୍ତବ୍ୟ ଦେଇ ମୁକେଶଖାନା ଏକ ଅକ୍ଷମଣୀୟ ଅପରାଧ କରିଛନ୍ତି । ଓଡ଼ିଆ ଜାତିର ବୁଦ୍ଧିମତା ଉପରେ ପ୍ରଶ୍ନ ଚିହ୍ନ ଲଗେଇ ସମଗ୍ର ଓଡ଼ିଆ ଜାତିକୁ ଅପମାନିତ କରିଛନ୍ତି । ତେଣୁ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ଲେଖି ଓଡ଼ିଆ ଅସ୍ମିତାକୁ ଆଘାତ ଦେଇଥିବା ଯୋଗୁଁ କ୍ଷମା ଭିକ୍ଷା କରିବାକୁ ଶ୍ରୀ ବେହେରା ଦାବି କରିଛନ୍ତି ।

# କେଶର ବ୍ୟବସାୟ ଆଳରେ ଅଢ଼େଇ କୋଟି ଠକେଇ

ଭୁବନେଶ୍ୱର,୧୫।୭ (ମହାଭାରତ): କେଶର ବ୍ୟବସାୟରେ ପୁଞ୍ଜି ନିବେଶ କରି କୋଟି କୋଟି ଟଙ୍କା ରୋଜଗାର କରିବାର ଲୋଭ ଦେଖାଇ ୨ କୋଟି ୬୫ଲକ୍ଷ ୧୫ହଜାର ଟଙ୍କା ଠକିଥିବା ୨ଜଣ ନାଇଜେରୀୟ ନାଗରିକଙ୍କ ସମେତ ୩ଜଣ ଠକଙ୍କୁ ଦିଲ୍ଲୀରୁ ଗିରଫ କରିଛି କ୍ରାଇମବ୍ରାଞ୍ଚ ପୁଲିସ। ସେମାନେ ହେଲେ ଖ୍ରୀଷ୍ଟୋଫର ଚିଜୋବାମ୍ ଓରଫ ଚିଜୋବାମ୍ କ୍ରୀଷ୍ଟ, ନାମଦୀ ଷ୍ଟାନ୍ଲୀ ଓରଫ ଜର୍ମାନୀ ଏବଂ ଦିଲ୍ଲୀର ଆର୍ତି ଗୌତମ। ସେମାନଙ୍କ ନିକଟରୁ ୬ଟି ମୋବାଇଲ୍ ଫୋନ୍, ୨ଟି ଲାପ୍ଟପ, ୧୦ଟି ସିମକାର୍ଡ, ୧ ଡଙ୍ଗଲ୍, ୧୦ଟି ବ୍ୟାଙ୍କ୍ ପାସବୁକ୍, ୨ଟି ଡେବିଟ୍ କାର୍ଡ ଏବଂ ଗୋଟିଏ ଆଧାରକାର୍ଡକୁ ପୁଲିସ ଜବତ କରିଛି।

କ୍ରାଇମବ୍ରାଞ୍ଚ ତଥ୍ୟ ଅନୁସାରେ, ଆରତି ନିଜ ନାମରେ ଏବଂ ଅନ୍ୟମାନଙ୍କ ନାମରେ ବେନାମି ବ୍ୟାଙ୍କ୍ ଆକାଉଣ୍ଟ ଖୋଲିଥିଲେ। ଏହି ଆକାଉଣ୍ଟକୁ ନାଇଜେରୀୟ ଠକ ଖ୍ରୀଷ୍ଟୋଫରକୁ ବିକ୍ରି କରୁଥିଲେ। ସେ କେବଳ ଏକାଧିକ ବେନାମୀ ବ୍ୟାଙ୍କ୍ ଆକାଉଣ୍ଟ ସଂଗ୍ରହ ଦାୟିତ୍ୱରେ ଥିଲେୟ ଲୋକଙ୍କଠାରୁ ଠକେଇ ଟଙ୍କା ଆସିବା ପରେ ଏହି ବେନାମୀ ଆକାଉଣ୍ଟକୁ ବ୍ୟବହାର କରୁଥିଲେ। ଟଙ୍କା ଆସିବା ପରେ ସେମାନେ ଏଟିଏମକୁ ଯାଇ ଏହାକୁ ନଗଦ ଆକାରରେ ଉଠାଇ ନେଉଥିଲେ।



ନାଇଜେରୀୟ ଠକ ନାମଦୀ ଷ୍ଟାନ୍ଲୀ କେବଳ ଏଟିଏମକୁ ଯାଇ ନଗଦ ଟଙ୍କା ଉଠାଉଥିଲା। ଏହିଭଳି ଭୁବନେଶ୍ୱରର ଜଣେ ବ୍ୟକ୍ତ ଏହି ନାଇଜେରୀୟ ଠକଙ୍କ ଶିକାର ହୋଇଥିଲେ। ଗିରଫ ଅଭିଯୁକ୍ତ ୨୦୨୩ ଡିସେମ୍ବର ମାସରେ ତାଙ୍କ ସହ ଫେସବୁକ, ହ୍ୱାଟ୍ସଆପ୍ ଏବଂ ଇମେଲ୍ ମାଧ୍ୟମରେ ଯୋଗାଯୋଗ କରିଥିଲେ। ଅଭିଯୁକ୍ତ ତାଙ୍କ ମନରେ ବିଶ୍ୱାସ ଜମାଇବା ପାଇଁ ନିଜକୁ ଓଡିଶାର ପୂର୍ବତନ ଆଇଏଏସ୍ ଅଧିକାରୀ ଭାବରେ କାର୍ଯ୍ୟ କରିଥିବା କହିଥିଲେ। ବର୍ତ୍ତମାନ ସେ ୱାଶିଂଟନ୍, ଡିସିରେ ଥିବା ୱାଲ୍ଡ ବ୍ୟାଙ୍କ୍ରେ କାମ କରୁଥିବା ମିଛ କହିଥିଲେ। ସୋସିଆଲ ମିଡିଆରେ କିଛିଦିନ ଉଭୟ ବାର୍ତାଳାପ କରିବା ପରେ ଅଭିଯୁକ୍ତ ତାଙ୍କୁ ଇମେଲ୍ ମାଧ୍ୟମରେ କେଶର ବ୍ୟବସାୟ କରିବାକୁ କହିଥିଲେ। ଏହି କେଶର ବ୍ୟବସାୟ କଲେ କୋଟି କୋଟି ଟଙ୍କାର ରୋଜଗାର ହେବ ବୋଲି ସ୍ୱପ୍ନ ଦେଖାଇଥିଲେ। ଏହି କେଶର ବ୍ୟବସାୟ ପାଇଁ ସେ ୱାଲ୍ଡ ବ୍ୟାଙ୍କରୁ ଋଣ ମଧ୍ୟ କରିଦେବେ ବୋଲି କହିଥିଲେ। ଏହି ବ୍ୟବସାୟର ମାର୍କେଟିଂ ପାଇଁ ଏକାଧିକ ଏଜେଣ୍ଟ ମାନଙ୍କ ସହ କଥା କରାଯାଇଥିଲେ। ପରୀକ୍ଷା ମୂଳକ ଭାବେ ୧୦ କେଜି କେଶର ନେବାକୁ କହିଥିଲେ। ୧୦ କେଜି ନାଲି କେଶର ପାଇଁ ତାଙ୍କୁ ୨କୋଟି ୬୫ଲକ୍ଷ ୧୫ ହଜାର ଟଙ୍କା ବିଭିନ୍ନ ଆକାଉଣ୍ଟକୁ ପଠାଇଥିଲେ। ଅଭିଯୁକ୍ତମାନେ ଅଧିକରୁ ଅଧିକ ଟଙ୍କା ମାଗିବା ପରେ ସେ ଠକାମିର ଶିକାର ହୋଇଥିବା ଅନୁଭବ କରି କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଥିଲେ। ଏନେଇ କ୍ରାଇମବ୍ରାଞ୍ଚ କେସ୍ ନଂ-୧୦/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ବିମାନବନ୍ଦରରୁ ୧୫ କେଜି ଗଞ୍ଜେଇ ଜବତ

ଭୁବନେଶ୍ୱର,୧୫।୭ (ମହାଭାରତ): ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର କାର୍ଗୋ କମ୍ପ୍ଲେକ୍ସରୁ କଷ୍ଟମସ୍ ବିଭାଗ ୧୫ କେଜି ଗଞ୍ଜେଇ ଜବତ କରିଛି। ଏକ କୋରିଅର୍ ସଂସ୍ଥା ଜରିଆରେ ଏହି ଗଞ୍ଜେଇ ମୁମ୍ବାଇ ପଠାଯାଉଥିଲା। ତେଣୁ ଏହା ବଲିଉଡ୍‌କୁ ଚାଲାଣ ହେଉଥିଲା ବୋଲି ସନ୍ଦେହ କରାଯାଉଛି। କୋରିଅର୍ ସଂସ୍ଥାରେ କିଏ ପଠାଉଥିଲା ଏବଂ କାହା ପାଖକୁ ପଠାଯାଉଥିଲା, ସେନେଇ କଷ୍ଟମସ୍ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ। ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ବିଭାଗୀୟ ଅଧିକାରୀମାନେ ଅଧିକ ବିବରଣୀ ଦେଇନାହାନ୍ତି। କିନ୍ତୁ ଗଞ୍ଜେଇ ମାୟାନଗରୀର ବଲିଉଡ୍‌କୁ ଯାଉଥିଲା ବୋଲି ଆପାତତଃ ନିଶ୍ଚିତ ବୋଲି ସୂଚନା ମିଳିଛି।

ଭୁବନେଶ୍ୱର ବିମାନବନ୍ଦରର କାର୍ଗୋ କମ୍ପ୍ଲେକ୍ସରେ ବିଭିନ୍ନ ଲଗେଜ୍ ଓ ପ୍ୟାକେଟ୍ ସବୁକୁ ସ୍କାନରରେ ଯାଞ୍ଚ କରାଯାଉଥିଲା। ଏତିକିବେଳେ ଏକ ସନ୍ଦିଗ୍ଧ ପ୍ୟାକେଟ୍ ନଜରକୁ ଆସିଥିଲା। ତେଣୁ ସେହି ପ୍ୟାକେଟକୁ ଭଲ ଭାବେ ଯାଞ୍ଚ କରାଯାଇଥିଲା ଏବଂ ସେଥିରେ ୧୫ କେଜି ଓଜନର ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଖବର ପାଇ କଷ୍ଟମସ୍ ବିଭାଗର ଅଧିକାରୀମାନେ ସେହି ପ୍ୟାକେଟକୁ ଜବତ କରିଥିଲେ। ପ୍ୟାକେଟ୍‌ଟି ଭୁବନେଶ୍ୱରସ୍ଥିତ ଡିଟିଡିସି କୋରିଅର୍ ସଂସ୍ଥା ପକ୍ଷରୁ ମୁମ୍ବାଇ ପଠାଯାଉଥିଲା। ତେଣୁ ତୁରନ୍ତ ବିଭାଗୀୟ ଅଧିକାରୀମାନେ ଉକ୍ତ କୋରିଅର୍ ସଂସ୍ଥା ସହ ଯୋଗାଯୋଗ କରି ପ୍ରେରକକୁ ଠାବ କରିବାକୁ ଚେଷ୍ଟା କରିଥିଲେ। ଏନେଇ କଷ୍ଟମସ୍ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି। ଖୁବ୍ ଶୀଘ୍ର ଭୁବନେଶ୍ୱର କୋର୍ଟରେ ଜବତ ଗଞ୍ଜେଇ ଦାଖଲ କରାଯିବ। ଏନେଇ ଅଧିକ ତଦନ୍ତ ଜାରି ରହିଛି। ଏହି ବେଆଇନ ଚାଲାଣରେ କୋରିଅର୍ ସଂସ୍ଥାର ସିଧାସଳଖ ସମ୍ପୃକ୍ତି ଅଛି କି ନାହିଁ, ସେନେଇ ମଧ୍ୟ ଖୋଳତାଡ଼ ଚାଲିଛି। କେଣସି ଅଜଣା ଅପରିଚିତ ବ୍ୟକ୍ତି କୋରିଅର୍ ସଂସ୍ଥା ଜରିଆରେ କେଣସି ମାଲ୍ ପଠାଇବା ସମ୍ଭବ ନୁହେଁ। ତେଣୁ ଗଞ୍ଜେଇ ଚାଲାଣକାରୀକୁ ଠାବ୍ କରିବା କଷ୍ଟମସ୍ ବିଭାଗ ପାଇଁ କାଠିକର ହେବ ନାହିଁ ବୋଲି କୁହାଯାଉଛି। ଅତଏବ ଖୁବ୍ ଶୀଘ୍ର ଏହି ଚୋରା ଚାଲାଣର ପର୍ଦାଫାସ ହେବ ବୋଲି ଚର୍ଚ୍ଚା ଚାଲିଛି।

ମାୟାନଗରୀ ମୁମ୍ବାଇରେ ଓଡ଼ିଶା ଗଞ୍ଜେଇର ବହୁ ଚାହିଦା ରହିଛି। ବିଶେଷକରି ବଲିଉଡ଼ରେ ଓଡ଼ିଶା ଗଞ୍ଜେଇର ଚାହିଦା ବହୁତ। ଅତୀତରେ ବହୁ ନାୟକ ନାୟିକା ଏକଥାକୁ ଖୋଲାଖୋଲି ସ୍ୱୀକାର କରିଛନ୍ତି।

# ଉଚ୍ଚଶିକ୍ଷାରେ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣ ନିୟମ କାର୍ଯ୍ୟକାରୀ କରାଯାଉ : ଶ୍ରୀକାନ୍ତ

ଭୁବନେଶ୍ୱର,୧୫।୭ (ମହାଭାରତ): ଉଚ୍ଚଶିକ୍ଷାରେ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣ ନିୟମ କାର୍ଯ୍ୟକାରୀ କରିବାକୁ ଦାବି କଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା। କଲେଜ ଆଡ଼ମିଶନ ପଛୁଆ ବର୍ଗଙ୍କ ଆଡ଼ମିଶନ ସଂରକ୍ଷଣ ରଖି ନାହାନ୍ତି।

୨୦୧୫ରେ ତତ୍କାଳୀନ ସରକାର ଉଚ୍ଚ ଶିକ୍ଷାରେ ପଛୁଆ ବର୍ଗଙ୍କ ପାଇଁ ୩୭ ପ୍ରତିଶତ ସଂରକ୍ଷଣ କରାଗଲା ବୋଲି କହିଥିଲେ।

ହେଲେ ତାହା ଲାଗୁ ହୋଇପାରିଲାନି। ମେଡ଼ିକାଲ, ଇଞ୍ଜିନିୟରିଂ ଶିକ୍ଷାରେ ଲାଗୁ ହୋଇପାରିନାହିଁ। ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ଆଦିବାସୀ ହୋଇଥିବାରୁ କ୍ୟାବିନେଟ୍ରେ ନିଷ୍ପତି ନିଅନ୍ତୁ । ଗରିବ ଓ ପଛୁଆ ବର୍ଗ ପିଲା ହଇରାଣ ହରକତ ହେଉଛନ୍ତି। ଆସନ୍ତା ଅଗଷ୍ଟ ୯ ତାରିଖରେ ଏସ୍‌ସି, ଏସ୍‌ଟି, ଓବିସି ପିଲାଙ୍କୁ ନେଇ ଗଣ ସମ୍ମିଳନୀ ଆୟୋଜନ କରାଯାଇ ଦାବି ଉପସ୍ଥାପନ କରାଯିବ। ମେଧାବୀ ପିଲା ହଇରାଣ ହେଉଛନ୍ତି। ୨୦୧୫ରେ ନବୀନ ସରକାର ନିଷ୍ପତି ନେଇଥିଲେ। ଓଡ଼ିଶାରେ ୫୦ରୁ ଅଧିକ ପ୍ରତିଶତ ବର୍ଗ ପଛୁଆ। ବର୍ଗ। ରାଜ୍ୟରେ ପଛୁଆ। ବର୍ଗ ଅବହେଳିତ। ଉଚ୍ଚଶିକ୍ଷାରେ ସଂରକ୍ଷଣ ରହୁନି ଯ ନିୟମ କରି ଚୁପ୍ ବସିଛନ୍ତି। ସରକାର ଘୋଷଣା କରନ୍ତୁ ଓବିସିଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ରହୁ ବୋଲି ସାମ୍ବାଦିକ ସମ୍ମିଳନୀରେ ଦାବି କରିଛନ୍ତି ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା ଓ ପୂର୍ବତନ ସାଂସଦ ଅନନ୍ତ ସେଠୀ।

# ବଡ଼ ଅଟ୍ଟାଳିକାରୁ ଆରମ୍ଭ ହେବ ଉଚ୍ଛେଦ

ଭୁବନେଶ୍ୱର,୧୫।୭ (ମହାଭାରତ): ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ଶନିବାର ବରଗଡ଼ ଗସ୍ତରେ ଆସିଥିବା ବେଳେ ଗଣମାଧ୍ୟମ ପ୍ରତିନିଧିମାନେ ସହରସ୍ଥିତ ଲେଙ୍ଗୁ ମିଶ୍ରଛକଠାରୁ ପୁରୁଣା ଜିରା ବ୍ରିଜ୍ ରାସ୍ତାପାର୍ଶ୍ୱ ଜବରଦଖଲ ପ୍ରସଙ୍ଗ ସହିତ ବାଲି ଓ ଖଣି ମାଫିଆଙ୍କ ଦୌରାତ୍ମ୍ୟ ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ତ୍ରୀ ଜବରଦଖଲ ପ୍ରସଙ୍ଗକୁ ନେଇ କହିଥିଲେ, ରାଜ୍ୟ ସରକାର ଇତିମଧ୍ୟରେ ଜବରଦଖଲ ଉଚ୍ଛେଦ ପାଇଁ ନିର୍ଦ୍ଦେଶନାମା ଜାରି କରିସାରିଛନ୍ତି। ତେବେ ଯେଉଁ ଗରିବ ଲୋକ ଯାହା ଘରଡିହ ନାହିଁ ସେଭଳି ଯଦି କେହି ଅଳ୍ପ କିଛି ଜମିରେ ଘରଡିହ କରିଛି ତାହା ନୁହେଁ, ଶହଶହ ସରକାରୀ ଜମି ଜବରଦଖଲ କରିଛନ୍ତି, ଜବରଦଖଲ ଜମିକୁ ଭଡ଼ାରେ ଦେଇଛନ୍ତି ଏବଂ ସରକାରଙ୍କ ରାଜସ୍ୱ ହାନି ଘଟୁଛି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ୫୭ତମ କେରଙ୍ଗ ସର୍ବଧର୍ମ ସମ୍ମିଳନୀ ଉଦ୍‌ଘାଟିତ

ଭୁବନେଶ୍ୱର,୧୫।୭ (ମହାଭାରତ): ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଇଦଗାହ୍ ମଇଦାନରେ ଆରମ୍ଭ ହୋଇଛି, ଦୁଇ ଦିବସୀୟ ବାର୍ଷିକ ସର୍ବଧର୍ମ ସମ୍ମିଳନୀ । ଏହି ସମ୍ମିଳନୀରେ ଉପସଚିବ ଇସଲାହ ଓ ଇରଶାଦ୍ ଭାରତ ମୌଲାନା ଅବଦୁଲ ଓକିଲ ନିଆଜ ପୌରୋହିତ୍ୟ କରିଥିଲେ । ମୁଖ୍ୟ ଅତିଥି ଭାବେ ଜିଲ୍ଲା ଖୋର୍ଦ୍ଧା ଓ ନୟାଗଡ଼ର ଜିଲ୍ଲା ସଭାପତି ଅମିରୁଦ୍ଦିନ ଖାଁ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଜିଲ୍ଲା ଖୋର୍ଦ୍ଧା ଓ ନୟାଗଡ଼ର ପ୍ରଚାର ପ୍ରଭାରୀ ମୌଲାନା ମିର ଅବ୍ଦୁଲ ହଫିଜ,ପୂର୍ବତନ କେରଙ୍ଗ ସଭାପତି ମୁନୱର ଅହମଦ ଖାଁ, ମୌଲାନା ନିଆଜ ଅହମଦ ନାଏକ ଏବଂ ଶବିରୁଦ୍ଦିନ ଖାଁ ଯୋଗ ଦେଇଥିଲେ । ପ୍ରଥମ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ମୌଲାନା ମକସୁଦ ଅଲ୍ଲି ଈଶ୍ୱରଙ୍କ ଅସ୍ତିତ୍ୱ ବିଷୟରେ ମତପ୍ରକାଶ କରି କହିଲେ, ପ୍ରତ୍ୟେକ ଧର୍ମର ସାର ଏକେଶ୍ୱର । ପବିତ୍ର କୋରାନ ଅଲ୍ଲାଃଙ୍କ ବାଣୀ ଏବଂ ବିଜ୍ଞାନ ଅଲ୍ଲାଃଙ୍କ କାରିଗରୀ । ବର୍ତମାନ ଯୁଗର ଆବିଷ୍କାରକୁ ୧୪୦୦ ବର୍ଷ ପୂର୍ବେ ଅଲ୍ଲାଃ ପବିତ୍ର କୋରାନ ମାଧ୍ୟମରେ ସାର୍ବଜନୀନ କରାଇ ଦେଇଥିଲା । ପ୍ରକୃତିକୁ ଦେଖିଲେ ଆମକୁ ନିଶ୍ଚିତ ଅଲ୍ଲାଃଙ୍କ ଅସ୍ତିତ୍ୱର ପରିଚୟ ମଳି ପାରୁଛି । ଦ୍ୱିତୀୟ ବକ୍ତା ଭାବେ ଯୋଗଦେଇ ମୌଲାନା ଶେଖ ଅବ୍ଦୁଲ କାଦିର କହିଲେ,ପବିତ୍ର କୋରାନରେ ସମସ୍ତ ସମସ୍ୟାର ସମାଧାନ ରହିଛି । ପବିତ୍ର କୋରାନ ପୈଗମ୍ବର



ହଜରତ ମୁହମ୍ମଦଙ୍କ ଉପରେ ଅବତୀର୍ଣ୍ଣ ହୋଇଥିଲା । ଜନ୍ମ ଠାରୁ ମୃତ୍ୟୁ ଏବଂ ଇହକାଳ ଠାରୁ ପରକାଳ ପର୍ଯ୍ୟନ୍ତ ସମସ୍ତ ବିବରଣୀ ପବିତ୍ର କୋରାନରେ ଲେଖା ରହିଛି । ପବିତ୍ର କୋରାନ ଜ୍ଞାନର ଗନ୍ତାଗର । ପବିତ୍ର କୋରାନ ଭଲ ମଣିଷ ହେବାର ଉପଦେଶ ଦେଇଥାଏ । ତୃତୀୟ ବକ୍ତା ଭାବେ ଯୋଗଦେଇ ମୌଲାନା କରାମତ ଅହମଦ କହିଲେ, ମୁସଲିମ ଟେଲିଭିଜନ ଅହମଦୀୟା ଏକ ଐଶୀ ଉପହାର । ଏହା ଦ୍ୱାରା ଏକ ଭଦ୍ର ଓ ଉତମ ସମାଜ ଗଠନ ହୋଇ ପାରିଥାଏ । ସନ୍ତାନର ସୁରକ୍ଷା ଏବଂ ଶିକ୍ଷା-ଦିକ୍ଷା ତଥା ସଂସ୍କାରୀ ହେବାର ଏହା ସହାୟକ ହେବ । ଏହା ଦ୍ୱାରା ସମଗ୍ର ସଂସାର ଏକାଠି ହୋଇପାରିଛି । ଧର୍ମଗୁରୁଙ୍କ ଗୁରୁବାଣୀ ଏକକାଳିନ ସମଗ୍ର ସଂସାରରେ ଶୁଣିବାକୁ ଏବଂ ଦେଖିବାକୁ ମିଳି ପାରୁଛି । ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଜଟଣୀର ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ କହିଲେ, କେରଙ୍ଗ ଭାଇଚାରାର ଏକ ଅନନ୍ୟ ଗ୍ରାମ । ଭଲ ଫୁଟବଲ ଖେଳାଳି ଏବଂ ଦେଶର ଯବାନମାନଙ୍କର ଗାଁ କେରଙ୍ଗ । କେରଙ୍ଗ ସମସ୍ତଙ୍କୁ ନିଜର କରିଥାଏ । ସମସ୍ତଙ୍କ ସହ ଭ୍ରାତୃଭାବ ସ୍ଥାପନା କରିଥାଏ । ଏହି ଉଦ୍‌ଘାଟନୀ ଉତ୍ସବରେ ପବିତ୍ର କୋରାନ ପାଠ ମୌଲାନା ଅକବର ଖାଁ କରିଥିବା ବେଳେ ଉର୍ଦ୍ଦୁ ନଜମ ମୋଇନୁଦ୍ଦିନ ଖାଁ ଏବଂ ପରେ ଇସରାଇଲ ଖାଁ ପଢ଼ିଥିଲେ । ଏହି ସର୍ବଧର୍ମ ସମ୍ମିଳନୀ ଦୁଇ ଦିନ ଧରି ଚାଲିବ ବୋଲି ସଭା କମିଟିର ସଚିବ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମକୁ ମୌଲାନା ରୌଶନ ଅହମଦ ତନୱିର ପରିଚାଳନା କରିଥିଲେ ।

# ରାହୁଲଙ୍କ ନେତୃତ୍ୱ ପରୀକ୍ଷା

ଲୋକସଭାରେ ନିର୍ବାଚନରେ କଂଗ୍ରେସ ୯୯ ଆସନ ଜିତି ଥିବାରୁ କଂଗ୍ରେସ ସଂସଦୀୟ ଦଳର ନେତା ରାହୁଲ ଗାନ୍ଧିଙ୍କୁ ଏହି ପଦ ମିଳିଛି । ପ୍ରଥମ ଥର ପାଇଁ ସେ ଏଭଳି ଏକ ପଦ ପାଇଛନ୍ତି ଯାହାର ଗୁରୁତ୍ୱ ବେଶ ଅଧିକ । ସେ କେବଳ କଂଗ୍ରେସ ସଂସଦୀୟ ଦଳର ନେତା ନୁହଁନ୍ତି, ବିରୋଧୀ ମହାମେଣ୍ଟ ଇଣ୍ଡିଆ ବ୍ଲକର ଅଘୋଷିତ ନେତା । ଇଣ୍ଡିଆ ବ୍ଲକ ଏଥର ନିର୍ବାଚନରେ ୨୩୨ ଆସନ ପାଇ ଏକ ଶକ୍ତିଶାଳି ବିରୋଧୀ ଭାବେ ଉଭା ହୋଇଛି । ରାହୁଲ ଏହି ବଡ଼ ମେଣ୍ଟର ନେତୃତ୍ୱ ନେଉଛନ୍ତି । ମେଣ୍ଟରେ କଂଗ୍ରେସ ବ୍ୟତିତ ଡିଏମକେ, ସମାଜବାଦୀ ପାର୍ଟୀ, ଆରଜେଡି, ଟିଏମସି , ବାମସାମ୍ମୁଖ୍ୟ ଇତ୍ୟାଦି ଦଳମାନେ ଅଛନ୍ତି । ସଂସଦୀୟ ଗଣତନ୍ତ୍ରରେ ବିରୋଧୀ ଦଳ ନେତା ପଦର ଗୁରୁତ୍ୱ ଢେର ଅଧିକ । ଗଣତନ୍ତର ସୁରକ୍ଷା ଏବଂ ଏକ ଦୃଢ଼ ଏବଂ ସୁସ୍ଥ ଗଣତନ୍ତ୍ର ନିମନ୍ତେ ବିରୋଧୀ ଦଳର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିରୋଧୀ ଦଳର ନେତାଙ୍କୁ ଛାୟା ପ୍ରଧାନମନ୍ତ୍ରୀ ଭାବେ ବିବେଚନା କରାଯାଇଥାଏ । ପ ଆଜି ପର୍ଯ୍ୟନ୍ତ ସାଧାରଣରେ ଏକ ପ୍ରଶ୍ନ ଉଠୁଥିଲା ଯେ, ପ୍ରଧାନମନ୍ତ୍ରୀ ମୋଦିଙ୍କ ବିକଳ୍ପ କିଏ ? ବିରୋଧୀ ଦଳର ନେତା ବା ପ୍ରଧାନମନ୍ତୀ ପ୍ରାର୍ଥୀ କିଏ ? ରାହୁଲ ବିରୋଧୀ ଦଳ ନେତା ହେବା ପରେ ଏହି ପ୍ରଶ୍ନର ଉତ୍ତର ମିଳିଯାଇଛି । ଭବିଷ୍ୟତରେ କ'ଣ ହେବ, ରାହୁଲଙ୍କ ନେତୃତ୍ୱକୁ ଅନ୍ୟ ବିରୋଧୀ ଦଳମାନେ କେତେଦୂର ଗ୍ରହଣ କରିବେ ତାହା ଭିନ୍ନ କଥା । କିନ୍ତୁ ବର୍ତ୍ତମାନ ପାଇଁ ରାହୁଲ ଗାନ୍ଧି ହେଉଛନ୍ତି ବିରୋଧୀ ଦଳର ସର୍ବସମ୍ମତ ନେତା ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ବିକଳ୍ପ । ନିର୍ବାଚନରେ ଏହି ଜନାଦେଶ ମିଳିଛି । ଏବେ ରାହୁଲଙ୍କ ଦାୟିତ୍ୱ ବଢ଼ିଗଲା । ତାଙ୍କୁ ଏଥର ଅଧିକ ଦକ୍ଷତା ଏବଂ ପରିପକ୍ୱତା ଦେଖାଇବାକୁ ପଡ଼ିବ । ବିରୋଧୀ ଦଳର କାମ କେବଳ ସଂସଦରେ ସରକାରଙ୍କୁ ସବୁ କଥାରେ ନିନ୍ଦା କରିବା , ହଟ୍ଟଗୋଳ କରି ଗୃହକୁ ଅଚଳ କରିଦେବା ନୁହେଁ । ସଂସଦରେ ବିଭିନ୍ନ ରାଷ୍ଟ୍ରୀୟ ପ୍ରସଙ୍ଗ ଏବଂ ଜନସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗରେ ବିତର୍କ ହେବା ଉଚିତ । ଏହାର ନେତୃତ୍ୱ ବିରୋଧୀ ଦଳ ନେତା ନିଅନ୍ତି । ବିରୋଧୀ ଦଳର ସଂଖ୍ୟା କେତେ ତାହା ବଡ଼ କଥା ନୁହେଁ । ବଡ଼ କଥା ହେଲା ସେମାନେ କେତେ ନିଷ୍ଠା ଏବଂ ଦକ୍ଷତାର ସହ ଲୋକଙ୍କ ସ୍ୱାର୍ଥ ଏବଂ ଦେଶର ସମସ୍ୟା ସମ୍ପର୍କରେ ସ୍ୱର ଉତ୍ତୋଳନ କରିପାରୁଛନ୍ତି । ଅତୀତରେ ଆମେ ଅନେକ ଦକ୍ଷ ପାର୍ଲାମେଣ୍ଟାରିଆନ ଦେଖିଛୁ । ପ୍ରଫେସର ମଧୁ ଦଣ୍ଡବତେ, ଡକ୍ଟର ରାମ ମନୋହର ଲୋହିଆ, ମଧୁ ଲିମାୟେ, ଦିନେଶ ଗୋସ୍ୱାମୀ, କେ ପି ଉନ୍ନିକ୍ରିଷ୍ଣନ, ଲାଲକୃଷ୍ଣ ଆଡଭାନୀ, ଅଟଳ ବିହାରୀ ବାଜପେୟୀ, ଚିତ୍ତ ବସୁ, ଜର୍ଜ ଫର୍ଣ୍ଣାଣ୍ଡିଜ, ଚନ୍ଦ୍ରଶେଖରଙ୍କ ଭଳି ଅନେକ ଦକ୍ଷ ସାଂସଦଙ୍କୁ ଦେଶବାସୀ ଦେଖିଛନ୍ତି । ବିଭିନ୍ନ ପ୍ରସଙ୍ଗରେ ସେମାନଙ୍କ ଅକାଟ୍ୟ ଯୁକ୍ତି, ଓଜସ୍ୱିନୀ ଭାଷଣ, ସମ୍ବିଧାନ ଉପରେ ଗଭୀର ଜ୍ଞାନ ଲୋକେ ଦେଖିଛନ୍ତି, ଏହାକୁ ଅନୁଭବ କରିଛନ୍ତି । ଏବେ ସଂସଦରେ ସେମାନଙ୍କ ଭଳି ଦକ୍ଷ ସାଂସଦଙ୍କର ଅଭାବ ପରିଲକ୍ଷିତ ହେଉଛି । ଏହାର କାରଣ ହେଲା ସଂସଦରେ ଗୁଣାତ୍ମକ ବିତର୍କ ହେଉନି । ଅନେକ ଦକ୍ଷ ସାଂସଦ ଗୃହରେ ସେମାନଙ୍କ ବକ୍ତବ୍ୟ ରଖିବାକୁ ସୁଯୋଗ ପାଉ ନାହାଁନ୍ତି । ଅନେକ ସାଂସଦ ସାମ୍ବିଧାନିକ ବିଧିବ୍ୟବସ୍ଥା, ଗଣତାନ୍ତ୍ରିକ ପରମ୍ପରା ସମ୍ପର୍କରେ ଅଜ୍ଞ । ତେଣୁ ଦକ୍ଷ ପାର୍ଲାମେଣ୍ଟାରିଆନଙ୍କ ଅଭାବ ଅନୁଭବ କରାଯାଉଛି । ଏବେ ଏହାର ପୁନରୁଦ୍ଧାର ଜରୁରୀ । ରାହୁଲ ଗାନ୍ଧି ବିରୋଧୀ ଦଳ ନେତା ଭାବେ ସଂସଦର ଗରିମା ବୃଦ୍ଧି ଲାଗି ପ୍ରୟାସ କରିବେ ବୋଲି ଆଶା କରାଯାଇପାରେ । ସଂସଦରେ ଶସ୍ତା କଥା କହି କେବଳ ସରକାରଙ୍କୁ ସମାଲୋଚନା କରିବାର କିଛି ମାନେ ନାହିଁ । ଆଜି ପର୍ଯ୍ୟନ୍ତ ରାହୁଲ ଗୃହରେ କେବେ ନିଜ ଦକ୍ଷତା ପ୍ରଦର୍ଶନ କରିପାରି ନାହାଁନ୍ତି । ଏବେ ତାଙ୍କର ଯଥେଷ୍ଟ ଅଭିଜ୍ଞତା ହେଲାଣି । ତାଙ୍କୁ ଯେଉଁ ଦାୟିତ୍ୱ ଦିଆଯାଇଛି ତାହାକୁ ସେ ସୁଯୋଗ ଭାବେ ଉପଯୋଗ କରିବା କଥା ।

# ଭିତରକନିକାର ଭିତିରି କଥା

**॥ ବାଦଲ ଭୂୟାଁ ॥**

> “ ମ୍ୟାଡାମ୍ କହିଲେ କିଛି ଦିନ ତଳେ ଟିଭିରେ ଦେଖିଥିଲି ଜଣେ ପୁରୁଷ ଏକାଧିକ ଝିଅଙ୍କୁ ଠକି ବାହା ହୋଇଛି । ସେ ଝିଅ ମାନଙ୍କ ଅବସ୍ଥା ଏବେ କ'ଣ ହେବ ? ଏତେ ଖରାପ ଲୋକ ବି ଦୁନିଆରେ ଅଛନ୍ତି ? ଛି ଛି ଏଗୁଡା ଲଜ୍ୟାକର ଘଟଣା । ମୁଁ କହିଲି ଆପଣ ଠିକ୍ କହୁଛନ୍ତି ଯେ ପୁରୁଷଟି ଦୋଷୀ କିନ୍ତୁ ସେ ଝିଅମାନଙ୍କର କ'ଣ କିଛି ଦୋଷ ନାହିଁ କି ? ବାହାଘର ପୂର୍ବରୁ ଝିଅ ଘର ତରଫରୁ କେତେ କ'ଣ ବୁଝନ୍ତି ଓ ଦେଖନ୍ତି ।

ଭିତରକନିକାର ବିଶ୍ ପ୍ରସିଦ୍ଧ କୁମ୍ଭୀର, ଡ୍ଲଫିନ, ଅଳିଭ୍ ରିଡ୍ଲେ କଇଁଛ, ହେନ୍ତାଳବଣ, ବିସ୍ତୃତ ବେଳାଭୂମି ସହିତ ଜୀବଜନ୍ତୁ ଭରା ସବୁଜ ସୁନ୍ଦର ପରିବେଶ ଦେଶ ବିଦେଶର ପର୍ଯ୍ୟଟକ ଓ ଗବେଷକଙ୍କୁ ଆକୃଷ୍ଟ କରିଥାଏ । ବିଗତ ଏକ ଦଶନ୍ଧି ହେଲା, ମୁଁ ପ୍ରତି ବର୍ଷ ଭିତରକନିକା ଭ୍ରମଣ କରିବାକୁ ଯାଇଛି । ଏମିତି ଯିବା ଆସିବା ଭିତରେ ଅନେକ ଅନୁଭୂତିର କଥା ମଧ୍ୟ ଅଛି । ଗତ ବର୍ଷ ମୁଁ ଓ ମୋର ଛଅ ଜଣ ବନ୍ଧୁ ଭିତରକନିକା ବୁଲିବାକୁ ଯାଇଥିଲୁ । ଭିତରକନିକା ଅଭୟାରଣ୍ୟ ମଧ୍ୟରେ ବୋଟରେ ବୁଲିକି କୁମ୍ଭୀର, ପଶୁପକ୍ଷୀ ତଥା ହେନ୍ତାଳ ବଣ ଦେଖିବା ଅତି ଆକର୍ଷଣୀୟ । ବୋଟ ଚାଳକ କହିଲେ ବୋଟର କ୍ଷମତା ୨୦ ଜଣ, ଜଣେ ଲୋକ ଗଲେ ଯେତିକି ଟଙ୍କା ପଡିବ, ୨୦ ଜଣ ଗଲେ ମଧ୍ୟ ସେତିକି ଟଙ୍କା ଲାଗିବ । ତେଣୁ ଆମେ ଚିନ୍ତା କଲୁ ଯଦି ଆଉ କିଛି ପର୍ଯଟକ ଆମ ସହିତ ମିଶିକି ବୁଲନ୍ତେ ତେବେ ଟଙ୍କା ଭାଗକରି ଦେଲେ ଖର୍ଚ୍ଚ ପରିମାଣ କମିଯାଆନ୍ତା । ଯାହା ହେଉ ଆଉ ତିନି ଜଣ ପର୍ଯ୍ୟଟକ ମିଳିଗଲେ । ସେମାନଙ୍କ ମଧ୍ୟରେ ୨ ଜଣ ପୁରୁଷ ଓ ଜଣେ ମ୍ୟାଡାମ୍ ଥିଲେ ।

ବୋଟରେ ଯାତ୍ରା କରୁଥିବା ସମୟରେ ବିଭିନ୍ନ କଥା ଆଲୋଚନା ଚାଲିଥାଏ କିନ୍ତୁ ସେ ମ୍ୟାଡାମ୍ ଜଣକ ଚୁପଚାପ ଥାଅନ୍ତି । କିଛି ସମୟ ପରେ ମୋର ଜଣେ ବନ୍ଧୁ କହିଲେ ସମସ୍ତେ ମିଶିକି ଗୋଟେ ଫଟୋ ଉଠେଇବା । ତା'ପରେ ବନ୍ଧୁ ପଚାରିଲେ ମ୍ୟାଡାମ୍ ଆପଣ କେଉଁଠାରୁ ଆସିଛନ୍ତି ? କ'ଣ କରନ୍ତି ଆପଣ ? ମ୍ୟାଡାମ୍ ଟିକେ ରାଗିଲା ଭଳି କହିଲେ ମୋ ବିଷୟରେ ଜାଣିବାକୁ ଆପଣ କାହିଁକି ଏତେ ବ୍ୟସ୍ତ ? ଖବର କାଗଜ ଓ ଟିଭି ମାଧ୍ୟମରେ ଜାଣିବାକୁ ମିଳୁଛି । ପ୍ରତିଦିନ ଠକ ଓ ଚୋରମାନେ ନୂଆ ନୂଆ ପ୍ରକାରର କୌଶଳ ଅବଲମ୍ବନ କରି ଅନେକ ଝିଅ ଓ ମହିଳା ମାନଙ୍କୁ ଅସୁବିଧାରେ ପକାଉଛନ୍ତି । ତେଣୁ ଅଜଣା ଲୋକଙ୍କ ସହିତ ବେଶି ମିଶିବା, ସେମାନଙ୍କ ସହିତ ଫଟୋ ଉଠେଇବା ଓ ବ୍ୟକ୍ତିଗତ କଥା ସେୟାର କରିବା ଠିକ ନୁହେଁ । ଏପ୍ରକାର କଥା ଶୁଣି ମୁଁ କହିଲି ମ୍ୟାଡାମ୍ ଆପଣଙ୍କୁ ଆମେ ସବୁ ଚୋର ଆଉ ଠକ ଭଳି ଦେଖାଯାଉଛୁ କି ? ମ୍ୟାଡାମ୍ କହିଲେ ଅନେକ ଅଛନ୍ତି ଭଦ୍ରଲୋକ ପରି କଥା କୁହନ୍ତି କିନ୍ତୁ ପରବର୍ତ୍ତୀ ସମୟରେ ସେମାନଙ୍କର ପ୍ରକୃତ ରୂପ ଜଣାପଡେ, ସେତେବେଳକୁ ସେମାନଙ୍କ କବଳରୁ ରକ୍ଷା ପାଇବାର ଉପାୟ ନଥାଏ । ଆଜିକାଲି ଦୁନିଆରେ ଏମିତ ସବୁ ଘଟୁଛି ଯେ ଠକମାନେ ବିଭିନ୍ନ ଉପାୟରେ ବିଶ୍ୱାସ ଜିତିବାକୁ ଚେଷ୍ଟା କରିଥାନ୍ତି ତା'ପରେ ବ୍ଲାକମେଲ୍ କରିଥାନ୍ତି । ମନ୍ଦ ଉଦେଶ୍ୟ ରଖିଥିବା ବ୍ୟକ୍ତି ଯଦି କୌଣସି ଫଟୋ ପାଇଗଲେ ତାକୁ କମ୍ପୁଟର ମାଧ୍ୟମରେ ପରିବର୍ତ୍ତନ କରି ଫେକ ଆକାଉ ଖୋଲି ପୋଷ୍ଟିଂ କରିଥାନ୍ତି, ଆଜିକାଲି ଏଗୁଡା ନିତି ଦିନିଆ ହୋଇଗଲାଣି । ଦୟାକରି ମୋ କଥାକୁ ଖରାପ ଭାବନ୍ତୁନି । ଯାହା କହିଲି ଆଜିକାଲିର ପରିସ୍ଥିତିକୁ ଦେଖିକି କହିଛି, କିଛି ମନ୍ଦ ଲୋକଙ୍କ କାର୍ଯ୍ୟ ପାଇଁ ଭଲ ଲୋକମାନଙ୍କୁ ମଧ୍ୟ ବିଶ୍ୱାସ କରି ହଉନି । ଅବିଶ୍ୱାସର ବାତାବରଣ ମଧ୍ୟରେ ସବୁ କିଛି ଚାଲିଛି । ଆମେ ନାରୀମାନେ ଠକ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଅସୁବିଧାରେ ପଡୁଛୁ । ମୁଁ କହିଲି ଆପଣ ଯାହା କହିଲେ ଠିକ୍ କଥା, ଆଜିକାଲିକା ପରିସ୍ଥିତି ବି ସେମିତି ହୋଇଗଲାଣି । ନିଜେ ସଚେତନ ହେଲେ, ଠକ ମାନଙ୍କ କବଳରୁ ବହୁ ପରିମାଣରେ ରକ୍ଷା ପାଇପାରିବା ।

ମ୍ୟାଡାମ୍ କହିଲେ କିଛି ଦିନ ତଳେ ଟିଭିରେ ଦେଖିଥିଲି ଜଣେ ପୁରୁଷ ଏକାଧିକ ଝିଅଙ୍କୁ ଠକି ବାହା ହୋଇଛି । ସେ ଝିଅ ମାନଙ୍କ ଅବସ୍ଥା ଏବେ କ'ଣ ହେବ ? ଏତେ ଖରାପ ଲୋକ ବି ଦୁନିଆରେ ଅଛନ୍ତି ? ଛି ଛି ଏଗୁଡା ଲଜ୍ୟାକର ଘଟଣା । ମୁଁ କହିଲି ଆପଣ ଠିକ୍ କହୁଛନ୍ତି ଯେ ପୁରୁଷଟି ଦୋଷୀ କିନ୍ତୁ ସେ ଝିଅମାନଙ୍କର କ'ଣ କିଛି ଦୋଷ ନାହିଁ କି ? ବାହାଘର ପୂର୍ବରୁ ଝିଅ ଘର ତରଫରୁ କେତେ କ'ଣ ବୁଝନ୍ତି ଓ ଦେଖନ୍ତି । ଯେମିତିକି ପୁଅଟି ଦେଖିବାକୁ କେମିତିକା, ତା'ର ବ୍ୟବହାର, ପୁଅର ଘରେ ସବୁ କିଏ କିଏ ଅଛନ୍ତି, ସେମାନେ କଣ କରୁଛନ୍ତି, ସେମାନଙ୍କ ବ୍ୟବହାର କେମିତିକା, ପୁଅ କେଉଁ ସାଙ୍ଗମାନଙ୍କ ସହିତ ମିଶୁଛି, ନିଶା ଖାଉଛି କି ନାହିଁ, କେଉଁ ଅନୁଷ୍ଠାନରେ ପଢୁଥିଲା, ଚାକିରି କରିଥିବା ଅନୁଷ୍ଠାନରେ ବୁଝନ୍ତି ପୁଅ ଚାକିରି କରିଛି କି ନାହିଁ, ସ୍ଥାୟୀ କି ଅସ୍ଥାୟୀ, କେତେ ଦରମା ପାଉଛି, ଏମିତି କେତେ କ'ଣ । ପୁଅଟି ସତ କହୁଛି କି ମିଛ କହୁଛି ତାହା ଜାଣିବା ପାଇଁ ଅନେକ ପ୍ରକାର ମାଧ୍ୟମ ଅବଲମ୍ବନ କରାଯାଇଥାଏ । ସେ ଝିଅମାନେ ସେ ବାବୁଙ୍କ ବିଷୟରେ ଏମିତି କ'ଣ ସବୁ ବୁଝିଲେ ଯେ ଗୋଟେ ପରେ ଗୋଟେ ବାହା ହୋଇପଡିଲେ ? ସାଧାରଣତଃ ଜଣେ ପରିବା କିଣିଲା ବେଳେ ପରିବାକୁ ହାତରେ ନେଇ ବାରମ୍ବାର ଦେଖିଥାଏ । ତା'ପରେ ମନ ନବୁଝିଲେ ଦୋକାନୀକୁ ପଚାରେ ବାଇଗଣ କେଉଁଠାରୁ ଆଣିଛ, ଶୁଖିଗଲାଣି, ଦେଶୀ ନା ବିଦେଶୀ ଏମିତି କେତେ କ'ଣ । ଯଦି ପରିବା କିଣିବାବେଳେ ଏତେ ସଚେତନ ତେବେ ଜୀବନସାଥୀ ବାଛିଲା ବେଳେ କେତେ ସଚେତନ ହେବା କଥା ? ମ୍ୟାଡାମ୍ କହିଲେ ଆପଣ ଯାହା କହୁଛନ୍ତି ସତ କଥା କିନ୍ତୁ ବଡ଼ ଦୁଃଖ ଓ ପରିତାପର ବିଷୟ ମହିଳା ଜଣକ ନା ଘରେ ନା ବାହାରେ ନା କର୍ମକ୍ଷେତ୍ରରେ, ସେ କେଉଁଠି ବି ସୁରକ୍ଷିତ ନୁହେଁ । ସମାଜିକ ହିଂସା, ବଳାତ୍କାର, ଦୁଷ୍କର୍ମ, ଯୌତୁକ ହତ୍ୟା ଓ ଘରୋଇ ହିଂସାର ଶିକାର ହେଉଛନ୍ତି । ଆଜିବି ଜଣେ ଝିଅ ଦିନରେ ହେଉ ବା ରାତିରେ ହେଉ ରାସ୍ତାରେ ସୁରକ୍ଷିତ ନୁହେଁ । ମହିଳାଙ୍କ ସୁରକ୍ଷା ପାଇଁ ବିଭିନ୍ନ ପ୍ରକାରର ଆଇନ ରହିଛି ତା'ପରେ ମଧ୍ୟ ଅନେକ ମହିଳା ବିଭିନ୍ନ ପ୍ରକାରର ଶୋଷଣର ଶିକାର ହେଉଛନ୍ତି । ଏଥିପାଇଁ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆସିବା ଦରକାର ଏବଂ ଦୋଷୀ ମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ଯାହା ଫଳରେ ଜଣେ ଖରାପ କାର୍ଯ୍ୟ କରିବା ପୂର୍ବରୁ ବାରମ୍ବାର ଚିନ୍ତା କରିବ । ମୁଁ କହିଲି ପରିସ୍ଥିତି ଏମିତି ହୋଇଗଲାଣି ଯେ ପ୍ରତିଦିନ ନୂଆ ନୂଆ ପ୍ରକାରର ଘଟଣା ଘଟୁଛି । ପ୍ରଥମେ ନିଜେ ସଚେତନ ହେଲେ ଓ ସତର୍କତା ଅବଲମ୍ବନ କଲେ, ଆମେ ନିଜକୁ ସୁରକ୍ଷିତ ରଖିପାରିବା ।


ପଟାମୁଣ୍ଡାଇ, କେନ୍ଦ୍ରାପଡା

ମୋ : ୯୯୩୮୦୬୦୮୮୬


# ସ୍ୱାଧୀନତା ସଂଗ୍ରାମରେ ବିପ୍ଳବୀ ଆନନ୍ଦଚନ୍ଦ୍ର

**॥ ଡଃ ବାସୁଦେବ ଦାସ ॥**

ଊନବିଂଶ ଶତକର ସପ୍ତମ ଦଶକ ବେଳକୁ ନବଜାଗରଣ ଶୁଭଶଙ୍ଖ ନିନାଦିତ ହୁଏ । ଅଭିଜାତ ଶିକ୍ଷିତ ବର୍ଗ ନବ ଚେତନାରେ ମାତୃଭୂମି ଓ ମାତୃଭାଷା ସଂବଳୀ ସ୍ୱର ଉତୋଳନ କରନ୍ତି । ସେହି ସମୟ ଖଣ୍ଡ ମଧ୍ୟରେ ବହୁ ମାତୃ ଭକ୍ତଙ୍କର ଧରାବରଣ ହେବାର ଦେଖାଯାଏ । ଓଡିଶା ଏହି ନବଜାଗରଣକୁ ସ୍ୱାଗତ କରିଛି । ସତ୍ୟବାଦୀ ବକୁଳବନର ସାଧକ ମାନଙ୍କର ଆବିର୍ଭାବ ଓ ସେମାନଙ୍କ କର୍ମ ପରିସର ଏଜାତି ପାଇଁ ଥିଲା ଏକାନ୍ତ ଶୁଭପ୍ରଦ । ସେମାନଙ୍କର ସମସାମୟିକ ଥିଲେ ସ୍ୱାଧୀନତା ସଂଗ୍ରାମୀ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା । କେନ୍ଦ୍ରାପଡାର କନିକା ଅଂଚଳର ଡାଲିକାଏନ୍ଦା ଏକ ଅଖ୍ୟାତ ପଲ୍ଲୀ । ଏହି ଗ୍ରାମର ଜେନା ସାହିର ସୁଖ୍ୟାତି ଥିଲା । ଖଗେଶ୍ୱର ଜେନା ବଙ୍ଗ- ସରକାରଙ୍କ ଅଧୀନତାରେ ପୋଲିସ ଚାକିରି କରିଥିଲେ । ଖଗେଶ୍ୱର ଥିଲେ ସ୍ୱାଧୀନ ଚେତା । ତତକାଳୀନ କଂଗ୍ରେସ ନେତୃବୃନ୍ଦଙ୍କ ସହିତ ଖଗେଶ୍ୱରଙ୍କ ଘନିଷ୍ଠ ସଂପର୍କ ରହିଥିଲା । ସ୍ୱାଧୀନ ମତବ୍ୟକ୍ତ କରି ଖଗେଶ୍ୱର ଚାକିରିରୁ ବର୍ଖାସ୍ତ ହୋଇ ଜଗଦଳ ପୁରରେ ଏକ ଲୁହା ଲକଡି ଦୋକାନ କରି ଜୀବିକା ନିର୍ବାହ କରୁଥିଲେ । ଖଗେଶ୍ୱର ଓ ପତ୍ନୀ ସୁଷମାଙ୍କ କୁଳରେ ୧୮୮୪ ମସିହା ଜୁଲାଇ ୧୭ ତାରିଖରେ ଜନ୍ମ ଗ୍ରହଣ କରିଥିଲେ ପୁତ୍ର ସଂତାନ । ତାଙ୍କର ସାତ ଝିଅ ପରେ ପୁତ୍ରଜାତ ହେତୁ ତାଙ୍କୁ "ଆନନ୍ଦ" ନାମ ରଖିଥିଲେ । ପିତା ଘରକୁ ଆସିଲେ ଆନନ୍ଦଙ୍କୁ ଶ୍ରୀ ଅରବିନ୍ଦ ଚିତରଂଜନ ଦାସ, ରାସବିହାରୀ ଘୋଷଙ୍କ ଭଳି ଜାତୀୟ ବୀର ମାନଙ୍କ କଥା କହିବା ସହ ଦେଶ ଜାତିର ଗୌରବ ସଂପର୍କରେ ପୁତ୍ର ଆନନ୍ଦ ଚନ୍ଦ୍ରଙ୍କୁ ଶୁଣାନ୍ତି ।

ଡାଲିକାଏନ୍ଦା ଚାଟଶାଳୀର ପ୍ରାଥମିକ ଶିକ୍ଷାଲାଭ ପରେ ଆଳି ମାଇନର ସ୍କୁଲ ଓ ଚାନ୍ଦବାଲି ହାଇସ୍କୁଲରୁ ଏଂଟ୍ରାନ୍ସ ପାସ କରି ବାପାଙ୍କ ପାଖକୁ କଲିକତା ଯାତ୍ରା କରିଥିଲେ । ସେହି ସମୟରେ ୧୯୧୨ ମସିହାରେ ବଙ୍ଗ ଭଙ୍ଗ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରି ଆନନ୍ଦ ଚନ୍ଦ୍ର ବ୍ରିଟିଶ ସରକାରଙ୍କର ରୋଷର ଶିକାର ହୋଇ ମାତୃଭୂମିକୁ ପ୍ରତ୍ୟାବର୍ତନ କରିଥିଲେ । ୧୯୧୪ ମସିହାରେ ଉତ୍କଳ ସମ୍ମିଳନୀ ଅଧିବେଶନରେ ଯୋଗଦାନ କରି ମଧୁସୂଦନ ଦାସ, ଗୋପବନ୍ଧୁ ଦାସ ଓ ଫକୀର ମୋହନଙ୍କ ସହିତ ପରିଚିତ ହୋଇ ପାରିଥିଲେ । ଏଠାରେ ସ୍ମରଣୀୟଯେ ୧୯୧୪-୧୯୧୮ ପ୍ରଥମ ବିଶ୍ୱଯୁଦ୍ଧରେ ବିଶ୍ୱ ସ୍ତବ୍ଧ କାତର ହୋଇଯାଇଥିଲା ।

ଜାତୀୟ ସ୍ତରରେ ଆଉ ଏକ ଚେତନାର ମଳୟ ବହିଲା । ଜାତୀୟ କଂଗ୍ରେସର ପ୍ରଚାର ଓ ପ୍ରସାର ପାଇଁ ଅଂଟା ଭିଡିଲେ ନେତୃବୃନ୍ଦ । ଆନନ୍ଦ ଚନ୍ଦ୍ରଙ୍କୁ ଏହି ଆହ୍ୱାନ ଉଦବୁଦ୍ଧ କରି ସାରିଥିଲା । ୧୯୧୭ ମସିହାରେ ମହାତ୍ମାଗାନ୍ଧିଙ୍କୁ ସାକ୍ଷାତ କରିବାକୁ ଯାଇ ସେଠାରେ ଭାରତର ମୁକ୍ତି ଓ ସେବା ସଂପର୍କରେ ତିନିମାସ ଅତିବାହିତ କରି ଫେରିଥିଲେ । ମହାତ୍ମା ଗାନ୍ଧୀଙ୍କ ସାବରମତୀ ଆଶ୍ରମର ଓଡିଶାର ପ୍ରଥମ ଓଡିଆ ଛାତ୍ର ଭାବେ ପରିଗଣିତ ହୋଇଥିଲେ । ୧୯୧୯ରେ ପଂଜାବର ଜାଲିଓ୍ୱନାଓ୍ୱାଲା ବାଗରେ ନୃଶଂସ ଡାୟାରର ଗୁଳିବର୍ଷଣରେ ବହୁ ଲୋକଙ୍କର ପ୍ରାଣହାନି ଭଳି ଲୋମହର୍ଷଣ କାରୀ ଘଟନା ଭାରତବାସୀଙ୍କ ମନରେ ବିଦ୍ରୋହର ବୀଜ ବପନ କରିଥିଲା ।

କନିକା ଓଡିଶାର ଏକ ରାଜ ଶାସନ ଅଂଚଳ /ଜମିଦାର । ୧୯୦୪ ମସିହାରେ ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେବ ପ୍ରଜାପାଉତି ନୀତିର ଉଚ୍ଛେଦ କରିବା ଫଳ ପ୍ରଜାମେଳି ଆରମ୍ଭ ହୋଇଥିଲା, ଯାହାର ନେତୃତ୍ୱ ଗ୍ରହଣ କରିଥିଲେ ବର୍ତନୀର ଦୀନବନ୍ଧୁ ଖଣ୍ଡାୟତ ରାୟ । ତେଣୁ କନିକା ବାସୀଙ୍କ ପ୍ରତି ରାଜାଙ୍କର ଅବିଚାର ଆରମ୍ଭ ହୋଇ ଯାଇଥିଲା । ସେତେବେଳକୁ ଆନନ୍ଦ ଚନ୍ଦ୍ର ଗଙ୍ଗାଧର ପଣ୍ଡାଙ୍କ ଘରେ ଏକ ସ୍କୁଲ ପ୍ରତିଷ୍ଠା କରି ଆନନ୍ଦ ମାଷ୍ଟ୍ରେ ଭାବେ ପରିଚିତ ହେଲେଣି । ତାଙ୍କୁ କେନ୍ଦ୍ରାପଡା ମ୍ୟୁନିସପାଲିଟି ମାସିକ ଦୁଇ ଟଙ୍କା ଗ୍ରାଂଟ ଦେଉଥିଲେ । ଯେଉଁ ଛାତ୍ର ତାଙ୍କ ପାଖରେ ଶିକ୍ଷା ଗ୍ରହଣ କରୁଥିଲେ, ସେମାନଙ୍କୁ ଇଂରେଜ ସରକାର ବିରୋଧରେ, ଭାରତକୁ ସ୍ୱାଧୀନ କରିବା ବିଷୟରେ ଶିକ୍ଷା ଦିଅନ୍ତି । ସନ୍ଧ୍ୟାରେ ତାଙ୍କ ପାଖରେ ଗାଁ ଲୋକେ ନୂଆ ନୂଆ ଖବର ଓ ଦେଶ ବିଷୟରେ ଜାଣିବାକୁ ଆସନ୍ତି । ୧୯୨୦ ଅଗଷ୍ଟ ୮ ତାରିଖରେ ନିଷ୍ପତି ହେଲା ବ୍ରିଟିଶ ସରକାରଙ୍କୁ କୌଣସି କ୍ଷେତ୍ରରେ ସହଯୋଗ କରାଯିବ ନାହିଁ । ବ୍ରିଟିଶ ଦ୍ରବ୍ୟ ବର୍ଜନର ଆହ୍ୱାନ ଗାନ୍ଧିଜୀ ଦେଇ ସାରିଥିଲେ । ଏହି ସମୟରେ ୧୯୨୨ ମସିହାରେ କନିକା ନରେଶ ୬୪ କର ଧାର୍ଯ୍ୟ କରିବା ଫଳରେ ପ୍ରଜା ଅସନ୍ତୋଷ ତୀବ୍ର ରୂପ ଧାରଣ କଲା । ଆନନ୍ଦ ଚନ୍ଦ୍ର ଜଣେ ସମାଜ ସଚେତନ କବି । ସେ ରାଜାଙ୍କର ୬୪ କର ଓ ଆଦାୟର ଉତପୀଡନକୁ କେନ୍ଦ୍ର କରି ଲେଖିଲେ "ଦୁଃଖିନୀ କନିକା" । ଅସୀ ଠାରୁ ମସୀ ଶକ୍ତିଶାଳୀ । ଏ ବହି ନୁହେଁ ବୋମା । ହାତକୁ ହାତ ଦୁଃଖିନୀ କନିକା ପ୍ରସାରିତ ହେବା ଦ୍ୱାରା ରାଜା ଏ ସଂପର୍କରେ ବ୍ରିଟିଶ ସରକାରଙ୍କ ଦୃଷ୍ଟିଗୋଚର ହେଲା । କବି ରାଧାନାଥ ରାୟଙ୍କ ମହାକାବ୍ୟ "ମହାଯାତ୍ରା" ବ୍ୟାଜ୍ୟାପ୍ତି ହେବା ପରେ "ଦୁଃଖିନୀ କନିକା" ବ୍ୟାନ ହେବାର ଗୋଟାଏ ଦୃଷ୍ଟାନ୍ତ ମହାତ୍ମା ଗାନ୍ଧିଙ୍କ ୟଙ୍ଗ ଇଣ୍ଡିଆ ସାପ୍ତାହିକ ପତ୍ରିକାରେ ପ୍ରକାଶ ପାଇଥିଲା । ଆନନ୍ଦ ଚନ୍ଦ୍ରଙ୍କର ଖ୍ୟାତି ଯେତିକି ବଢିଲା କନିକା ରାଜାଙ୍କର ତତୋଧିକ ଅକ୍ରୋସ ପଡିଲା ରାଜା ଅତ୍ୟାଚାରର ରୂପ "ଦୁଃଖିନୀ କନିକା"ରେ କିପରି ମର୍ମରିତ ତାର କେତୋଟି ପଦରୁ ପାଠକ ଅବବଗତ ହୋଇପାରିବେ ।

"ରୌଦ୍ରେ କେ ବସିଲା ଉଠିଲା, ପଥରେ ନାକ କେ ଘଷିଲା ।
ବିବିଧ ମାଡ କେ ସହିଲା, କେ ଗଳେ ନାଗରା ବାନ୍ଧିଲା ।
କେ କାଦୁଅରେ ପୋତା ଗଲା, କେ ବେତ ପ୍ରହାର ସହିଲା ।
ପାଦରେ କେ ଦଳି ହୋଇଲା, କେ ସ୍ଥାନ ଛାଡି ପଳାଇଲା"

ଏହି ଆହ୍ୱାନର ଭୟାବହ ପରିଣିତ ସ୍ୱରୂପ - ପ୍ରଜାମାନେ ବର୍ଦ୍ଧିତ ଖଜଣା ଦେବାକୁ ରାଜି ହେଲେ ନାହିଁ । ରାଜ କର୍ମଚାରୀଙ୍କ ଜିଦ ଯେ ବର୍ଦ୍ଧିତ ହାରରେ ଖଜଣା ନେବେ । କେତେକ ପ୍ରଜା କେନ୍ଦ୍ରାପଡା ଟ୍ରେଜରୀରେ ଖଜଣା ଜମାଦେଲେ । ପ୍ରଜାବୃନ୍ଦଙ୍କର ଦାବିଥିଲା ସରକାରୀ ବନ୍ଦୋବସ୍ତ ।

ସେ ସମୟର ବିହାର- ଓଡିଶା ଗଭର୍ଣ୍ଣର ସାର ହେନି ହୁଇଲର ବିଶ୍ୱାସ କଲେ ଯେ କଂଗ୍ରେସ ଆନ୍ଦୋଳନ କନିକାରେ ତୀବ୍ରତର ହେଉଛି ।ଆନନ୍ଦ ଜେନାଙ୍କ ୪୨ ଏକର ସମ୍ପତିକୁ ବ୍ରିଟିଶ ସରକାର ବ୍ୟାଜ୍ୟାପ୍ତି କରିଥିଲେ । ତେଣୁ ପ୍ରଜାଆନ୍ଦୋଳନକୁ ଦମନ କରିବା ପାଇଁ କଟକରୁ ସଶସ୍ତ୍ର ପୋଲିସ ଆସି ରାଜକନିକାରେ ଅକଥନୀୟ ଅତ୍ୟାଚାର କଲେ ବୋଲି ବିପ୍ଳବୀ ପ୍ରଫୁଲ୍ଲ ଦାସ କହିଛନ୍ତି । ଶେଷକୁ ଏସ ପି ଶ୍ରୀକୃଷ୍ଣ ମହାପାତ୍ର ଆଦେଶରେ ଗୁଳି ଚଳାଇବା ଫଳରେ ବାସୁ ସେଠୀ ଓ ବିଶୁନି ମଡୁଆଳ ପ୍ରାଣ ହରାଇଥିଲେ । ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ "ବନ୍ଦୀର ଆତ୍ମକଥା"ରେ ଏହି ଚିତ୍ର ପ୍ରତିଫଳିତ ହୋଇଅଛି । ଆନନ୍ଦ ଚନ୍ଦ୍ରଙ୍କୁ ମାରିଦେବାର ଷଡଯନ୍ତ୍ର ହେବାର ଜାଣି ଘୋର ନିଶାର୍ଥରେ ବିପଦ ସଂକୁଳ ଖରସ୍ରୋତା ନଦୀ ପହଁରି ଆଳିରେ ଆଶ୍ରୟ ନେଇଥିଲେ । ସେଠାରୁ ତାଙ୍କୁ କେନ୍ଦ୍ରାପଡା ଆଣି କେନ୍ଦ୍ରାପଡାର କଂଗ୍ରେସ ନେତା ଯଦୁମଣି ମଙ୍ଗରାଜ, ବ୍ରହ୍ମାନନ୍ଦ ରାଉତ ଓ କେନ୍ଦ୍ରାପଡା ହାଇସ୍କୁଲର ଶିକ୍ଷକ ବାଳକୃଷ୍ଣ କର ହଜାରିବଗିଚା ଗ୍ରାମରେ ଥଇଥାନ କରାଇଥିଲେ । ଆନନ୍ଦ ଚନ୍ଦ୍ର ଜଣେ ଖ୍ୟାତ ନାମା କବି ଭାବେ ପରିଚିତ । କନିକା ବନ୍ଧୁ, ମାତୃଦେବୀ, ଭକ୍ତ ପ୍ରହ୍ଲାଦ, ମୂଢମତି, ବାର କଥା ଓ ଶତାଧିକ ଜାତୀୟ ସଂଗୀତ ରଚନା କରିଛନ୍ତି । ପ୍ରତ୍ୟେକ ରଚନାରେ ବୈପ୍ଳବିକ ଚେତନା ରହିଅଛି ।

ଆନନ୍ଦ ଚନ୍ଦ୍ର୧୯୩୦ ମସିହା ଲବଣ ସତ୍ୟାଗ୍ରହ ୧୯୩୪ ଗାନ୍ଧୀଙ୍କ ହରିଜନ ପଦଯାତ୍ରା ଓ ୧୯୪୨ ଭାରତ ଛାଡ ଆନ୍ଦୋଳନରେ ଅଂଶ ଗ୍ରହଣ କରିଥିଲେ । କନିକା ମଣ୍ଡଳରୁ ସେ ୪୦୦୦ କଂଗ୍ରେସ ସଦସ୍ୟ କରି ବେଶ ଚର୍ଚ୍ଚିତ ହୋଇଥିଲେ । ମହାନ ବିପ୍ଳବୀଙ୍କୁ ରାଜ ଚକ୍ରାନ୍ତରେ କେନ୍ଦ୍ରାପଡାର ଏକ ବସାଘରେ ବିଷପାନ କରାଇ ମାରିଦିଆଗଲା ୧୯୪୬ ମସିହା ଜାନୁଆରୀ ୨୭ ତାରିଖରେ । ସୁଖର କଥା- ତାଙ୍କ ସ୍ମୃତିରେ କେନ୍ଦ୍ରାପଡା ହାଇସ୍କୁଲ ଛକରେ ଆନନ୍ଦ ଚନ୍ଦ୍ର ଜେନାଙ୍କର ଏକ ପ୍ରତିମୂର୍ତି ନିର୍ମିତ ହୋଇ ବିପ୍ଳବର ମାର୍ଗ ଦର୍ଶାଉଅଛି । ପ୍ରତିବର୍ଷ ଜୟନ୍ତୀ ଓ ଶ୍ରାଦ୍ଧ ପାଳନ କରାଯାଉଅଛି ।


**ବଳଦେବ କଲୋନି, ଜୟପୁରା, କେନ୍ଦ୍ରାପଡା**


# ବଢୁଛି ହାଇପୋଥର୍ମିଆ

**॥ ଡାକ୍ତର ବିଷ୍ଣୁପ୍ରସାଦ ମହାପାତ୍ର ॥**

ପ୍ରବଳ ଥଣ୍ଡା ଯୋଗୁ ମାନସିକ ଚାପ ସୃଷ୍ଟି ହୋଇପାରେ । ଯାହାକୁ ହାଇପୋର୍ଥେମିଆ ବା ଅଳ୍ପତାପ କୁହନ୍ତି । ଏହାର ଅନ୍ୟନାମ କୋଲ୍ଡ ଟ୍ରେସ ସିଣ୍ଡ୍ରୋମ । ଏଥିରେ ଜଣେ ରୋଗୀଙ୍କର ମାନସିକ ଓ ହୃଦୟ ପ୍ରଭାବିତ ହୋଇଥାଏ । କେତେକ କ୍ଷେତ୍ରରେ ରୋଗୀ କିଛି ଜାଣିପାରେ ନାହିଁ ଓ ପାଗଳ ଭଳି ବ୍ୟବହାର କରେ ।

ଏକ ରିପୋର୍ଟ ଅନୁସାରେ ହାଇପୋର୍ଥେମିଆ ଯୋଗୁଁ ଆମେରିକାରେ ପ୍ରତିବର୍ଷ ଅତି କମରେ ୧୫୦୦ ମୃତ୍ୟୁ ହେଉଛି । ବୟସାଧିକ ଲୋକ ଓ ପୁରୁଷଙ୍କୁ ଏହି ରୋଗ ସାଧାରଣତଃ ଅଧିକ ହୁଏ । ସଠିକ ସମୟରେ ହାଇପୋର୍ଥେମିଆକୁ ଜାଣି ତାହାର ଉପଯୁକ୍ତ ଚିକିତ୍ସା କରାନଗଲେ ରୋଗୀର ଜୀବନ ଯିବାର ଆଶଙ୍କା ମଧ୍ୟ ରହିଥାଏ । ହାଇପୋର୍ଥେମିଆ ଶବ୍ଦ ଗ୍ରୀସ ଭାଷାରୁ ଆସିଛି । ଯାହାର ଅର୍ଥ ଶରୀର ଅଭ୍ୟନ୍ତରର ଉତ୍ତାପ ୩୫.୦ ଡିଗ୍ରୀ ସେଲସିୟସରୁ କମ ହେବା । ଏହାର ଲକ୍ଷଣ ତାପମାତ୍ରା ଉପରେ ନିର୍ଭର କରେ । ତିନି ପ୍ରକାରର ହୋଇପୋର୍ଥେମିଆ ରହିଥାଏ । ସାମାନ୍ୟ ହାଇପୋର୍ଥେମିଆ ହୋଇଥିଲେ କମ୍ପନ ଓ ଏନଜାଇଟି ଦେଖାଯାଏ । ମଧ୍ୟମ ହାଇପୋର୍ଥେମିଆ ହେଲେ କମ୍ପ ବନ୍ଦ ହୋଇଯାଏ ଓ ଏନଜାଇଟି ବୃଦ୍ଧି ପାଏ । ସାଙ୍ଘାତିକ ହାଇପୋର୍ଥେମିଆ ହେଲେ ପାରାଡ୍କ୍ସିକାଲ ଅନଡ୍ରେସିଙ୍ଗ ହୁଏ । ଅର୍ଥାତ ଜଣେ ନିଜ ମାନସିକ ସ୍ଥିତି ହରାଇ ବସେ । ଏହିଭଳି ପରିସ୍ଥିତିରେ ରୋଗୀ ନିଜ ଲୁଗା ଫିଙ୍ଗି ଦିଏ ଓ ଅତ୍ୟଧିକ ବ୍ୟଗ୍ର ହେତୁ ହୃଦସ୍ପନ୍ଦନ ଧୀର ହୋଇଯାଏ ।

ହାଇପୋର୍ଥେମକିଆ ରୋଗର ଦୁଇଟି ମୁଖ୍ୟ କାରଣ ଥାଏ । ସ୍ୱାଭାବିକ ଭାବରେ ଅତ୍ୟଧିକ ଥଣ୍ଡା ସଂସ୍ପର୍ଶରେ ଆସିଲେ ଏହି ରୋଗ ହୁଏ । କୌଣସି କାରଣ ବଶତଃ ଦେହର ଉତ୍ତାପ ସୃଷ୍ଟି କମିଗଲେ ବା ଉତ୍ତାପ କ୍ଷୟ ହେଲେ ମଧ୍ୟ ଏହା ହୁଏ । ଅନ୍ୟାନ୍ୟ କାରଣ ମଧ୍ୟରେ ସାଧାରଣତଃ ଅତ୍ୟଧିକ ମଦନିଶା, ବୟସାଧିକ୍ୟ, ଅରୁଚି ଓ କମ ରକ୍ତଶର୍କରା ଥିଲେ ମଧ୍ୟ ହାଇପୋର୍ଥେମିଆ ହୋଇଥାଏ । ଦେହ ଉତ୍ତାପ ଥର୍ମୋରେଗୁଲେସନ ଦ୍ୱାରା ଏକ ନିର୍ଦ୍ଦିଷ୍ଟ ମାନରେ ସ୍ଥିର ରହେ । ଦେହ ଉତ୍ତାପ ବଢ଼ାଇବା ନିମନ୍ତେ କମ୍ପ, ଅଧିକ ସ୍ୱେଚ୍ଛାକୃତ କର୍ମ କରିବା ଓ ଉଷୁମ ଲୁଗା ଘୋଡ଼ାଇ ହେବା ଆବଶ୍ୟକତା ହୋଇଥାଏ । ରୋଗୀର ଲକ୍ଷଣ ଓ ଅବସ୍ଥା ଦେଖି ବା ଦେହର ଆଭ୍ୟନ୍ତରୀଣ ଉତ୍ତାପ ମାପି ହାଇପୋର୍ଥେମିଆ ରୋଗ ନିର୍ଣ୍ଣୟ କରାଯାଏ ।


ଲକ୍ଷଣ : ମାନସିକ ଚାପ ଓ ଅସ୍ଥିରତା କାରଣରୁ ରୋଗୀ ଅଧିକରୁ ଅଧିକ ସମୟ ଅନ୍ଧକାରରେ କାଟିବାକୁ ପସନ୍ଦ କରେ । ପରିବାର ଓ ସାଙ୍ଗସାଥୀଙ୍କ ସହ କଥାବାର୍ତ୍ତା ବନ୍ଦ କରିଦିଏ । ଏକ ପ୍ରକାରର ଅବସାଦକୁ ରୋଗୀ ଚାଲିଯାଏ । ଯଦି କେହି ରୋଗୀଙ୍କ ସହ କଥା ହେବାକୁ ଚେଷ୍ଟା କରିଥାନ୍ତି, ରୋଗୀ ତାଙ୍କ ଉପରେ ବିରକ୍ତି ପ୍ରକାଶ କରନ୍ତତି । ବେଳେ ଅତ୍ୟଧିକ ରାଗି ରୋଗୀ ଜିନିଷପତ୍ର ଫୋପାଡା ଫିଙ୍ଗା କରିଥାନ୍ତି । ହାଇପୋର୍ଥେମିଆ ହୋଇଥିଲେ ରୋଗୀ ଅଧିକ ଖାଦ୍ୟ ଖାଇଥାନ୍ତି । ଅନ୍ୟପକ୍ଷରେ କେତେକ ରୋଗୀ ଖାଦ୍ୟ ଖାଇବା ଛାଡ଼ି ଦେଇଥାନ୍ତି । ଫଳରେ ସେମାନଙ୍କର ସ୍ୱାସ୍ଥ୍ୟରେ ଅଚାନକ ଅବନତି ଘଟିଥାଏ । କୌଣସି ସ୍ଥାନରେ ବସିବା ସମୟରେ ରୋଗୀ ଆଖି ବନ୍ଦ କରି ବସିବାକୁ ପସନ୍ଦ କରିଥାନ୍ତି । ଏହିପରି ନକରିବାକୁ ବାରଣ କଲେ, ରୋଗୀ ବିରକ୍ତି ପ୍ରକାଶ କରେ । କେତେକ କ୍ଷେତ୍ରରେ ରୋଗୀର ହୃଦସ୍ପନ୍ଦନ ବୃଦ୍ଧି ପାଇଯାଏ ଓ ରକ୍ତଚାପ ଦେଖାଯାଏ ।

ଉପଚାର : ଉଷୁମ ପାନୀୟ, ଗରମ କପଡ଼ା ଓ ଶାରୀରିକ କାର୍ଯ୍ୟ କରିବା ଏହି ରୋଗର ଉତ୍ତମ ଉପଚାର । ମଧ୍ୟମ ହାଇପୋର୍ଥେମିଆ ଥିଲେ ରୋଗୀକୁ ଉଷୁମ କମ୍ବଳ ଘୋଡେଇ ଗରମ ତେଲ ମାଲିସ କରାଯାଏ । ମଧ୍ୟମ ଓ ସାଙ୍ଘାତିକ ହୋଇଥିଲେ ଏକ୍ସଟ୍ରାକର୍ପୋରିଆଲ ମେମ୍ବ୍ରେନ ଅକ୍ସିଜେନେସନ କିମ୍ବା କାର୍ଡ଼ିଓପଲମୋନାରୀ ବାଇପାସ ଚିକିତ୍ସା ଉପକାରୀ ହୁଏ । ରୋଗୀ ହୃଦସ୍ପନ୍ଦନ ଧୀର ହୋଇଗଲେ ଉପରୋକ୍ତ ଉପଚାର ସହିତ କାର୍ଡ଼ିଓପଲମୋନାରୀ ରସସିଟେସନ କରାଯାଏ । ଏହି ବ୍ୟବସ୍ଥାକୁ ୩୨୦ ଡିଗ୍ରୀ ସେଲସିୟସ ଉତ୍ତାପ ବଢ଼ିବା ପର୍ଯ୍ୟନ୍ତ ଚାଲୁରହେ । ଯଦି ଏହି ଉପଚାର ଦ୍ୱାରା କିଛି ଉନ୍ନତି ନ ହୁଏ ବା ରକ୍ତ ପଟାସିଅମ ୧୨ ମି.ମୋଲ/ଲିଟରରୁ ଅଧିକ ରହେ ତେବେ ରିସସିଟେସନ ବନ୍ଦ କରିଦିଆଯାଏ । ଏ କ୍ଷେତ୍ରରେ ଡାକ୍ତରୀ ପରାମର୍ଶରେ ଚିକିତ୍ସା କରିବା ହିଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଉପାଦେୟ ।


ସହଯୋଗୀ ପ୍ରଫେସର, ଆନେସ୍ଥେସିଆ ଆଣ୍ଡ କ୍ରିଟିକାଲ କେୟାର, ଏମକେଜି, ବ୍ରହ୍ମପୁର, ଦୂରଭାଷ : ୮୨୮୦୧୨୭୯୧୦

## ଯୁବ ସାମ୍ବାଦିକ ଦୁର୍ଘଟଣାରେ ମୃତ





**ଅନୁଗୋଳ,(ମହାଭାରତ) :** ଅନୁଗୋଳ ଜିଲ୍ଲା ବଅଁରପାଳ ଥାନା ବଉଳି ଗଡ଼ ପଞ୍ଚାୟତ ଅଞ୍ଚଳରେ ଖବର ସଂଗ୍ରହ କରି ଫେରିବା ବାଟରେ ଯୁବ ସାମ୍ବାଦିକ ଦୁର୍ଘଟଣା ରେ ମୃତ। ମୃତ ସାମ୍ବାଦିକ ଜଣଙ୍କ ହେଲେ ବଅଁରପାଳ ସମ୍ବାଦ ପ୍ରତିନିଧି ତଥା ବ୍ଲକ୍ ସାମ୍ବାଦିକ ସଂଘ ସଭାପତି ରାଜେଶ କୁମାର ନାୟକ। ରାଜେଶ ଆଜି ସକାଳ ସମୟରେ ଘରୁ ନ୍ୟୁଜ ସଂଗ୍ରହ ପାଇଁ ବଅଁରପାଳ ଅଞ୍ଚଳ କୁ ଆସି ଘରକୁ ଫେରିବା ସମୟରେ ବଉଳିଗଡ଼ ପଞ୍ଚାୟତ ବ୍ରିଜ ଅତିକ୍ରମ କରିବା ପରେ ଗାଡି ବର୍ଷା ପାଇଁ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ଗଛ ରେ ବାଡ଼େଇ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଓ ପରିବାର ଲୋକେ ବଅଁରପାଳ ଅଞ୍ଚଳରେ ଥିବା ହସ୍ପିଟାଲ କୁ ନେଇ ଯାଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଜିଲ୍ଲା ମୁଖ୍ୟଚିକିତ୍ସାଳୟ କୁ ସ୍ଥାନାନ୍ତରିତ କରାଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଯୁବ ସାମ୍ବାଦିକ ଜଣେ ମିଷ୍ଟି ଭାସି ଓ ପର ଉପକାରି ଥିବାରୁ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ମାଧବ ସେବା ଚାରିଟେବୁଲ ଟ୍ରଷ୍ଟ ବୃକ୍ଷ ରୋପଣ



**ଅନୁଗୋଳ,(ମହାଭାରତ) :** ଅନୁଗୋଳ ବ୍ଲକ ଅନ୍ତର୍ଗତ ଖଣ୍ଡହତକ୍ଷ ଗ୍ରାମର ଖେଳ ପଡିଆ ଠାରେ ମାନବ ସେବା - ମାଧବ ସେବା ଚାରିଟେବୁଲ ଟ୍ରଷ୍ଟ ଅନୁଷ୍ଠାନ ତରଫରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପାଖାପାଖି ଦୁଇସହ ବୃକ୍ଷରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ଚିନ୍ମୟୀ ଦାସ ଏବଂ ଅଙ୍ଗକ୍ଷରବନ୍ଧ ଗ୍ରାମର ସରପଞ୍ଚ- ଶ୍ରୀମତୀ ସୁଜାତା ସାହୁ,ସମିତି ସଭ୍ୟା - ଶ୍ରୀମତୀ ସୁଜାତା ସ୍ୱାଇଁ ଯୋଗଦେଇଥିଲେ । ଖଣ୍ଡହତକ୍ଷ ଗ୍ରାମ ର ଖେଳ ପଡିଆ ଠାରେ ମାନବ ସେବା - ମାଧବ ସେବା ଚାରିଟେବୁଲ ଟ୍ରଷ୍ଟ ର ସଦସ୍ୟ ମାନଙ୍କ ସହ ଗ୍ରାମର ବରିଷ୍ଠ ବ୍ୟକ୍ତି - ରଞ୍ଜନ କୁମାର ସାହୁ, ହାଡିବନ୍ଧୁ ବେହେରା, ଅଶୋକ କୁମାର ସାହୁ ଓ ଟ୍ରଷ୍ଟ ର ସଦସ୍ୟ- ସୁବ୍ରତ ବେହେରା, ଚନ୍ଦନ କୁମାର ସାହୁ, ତନ୍ମୟ ବିଶ୍ୱାଳ, ଆଲୋକ ବେହେରା, ତପନ ବେହେରା, ରାକେଶ ରଞ୍ଜନ ପ୍ରଧାନ,ଦେବେନ୍ଦ୍ର ବେହେରା,ନବୀନ ପ୍ରଧାନ,ଲିବୁ ବେହେରା, ଅଜୟ ପ୍ରଧାନ,ଜ୍ଞାନେନ୍ଦ୍ର ସାହୁ, ଏବଂ ଯୁବଗୋଷ୍ଠୀ ଯୋଗଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ । ଏହା ମଧ୍ୟ ବହୁଦିନ ଧରି ଗ୍ରାମ ର ରାସ୍ତା କଡ଼ରେ ଶ୍ମଶାନ ଓ ବିଭିନ୍ନ ଖୋଲା ଜାଗାରେ ବୃକ୍ଷ ରୋପଣ କାର୍ଯ୍ୟ ଯାରି ରହିବ ବୋଲି ମାନବ ସେବା- ମାଧବ ସେବା ଚାରିଟେବୁଲ ଟ୍ରଷ୍ଟ ତରଫରୁ କୁହାଯାଇଛି । ଦିନକୁ ଦିନ ଅମ୍ଳଜାନ ଅଭାବରୁ ସମସ୍ତେ ନିଜନିଜ ଗ୍ରାମ ର ଖୋଲା ଯାଗାରେ ବୃକ୍ଷ ଲଗାନ୍ତୁ ବୋଲି ଅନୁଷ୍ଠାନ ତରଫରୁ ଅନୁରୋଧ ମଧ୍ୟ କରାଯାଇଛି ।

## ଦେଶକରମ ପରବ ପାଇଁ ପ୍ରସ୍ତୁତି ବୈଠକ

**ପାଟଣା,(ମହାଭାରତ) :** ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ ଖଜୁରୀଡିହା ସାହି ଠାରେ ଶୁକ୍ରବାର କୁଡୁମି ମାନଙ୍କର ରାଜ୍ୟ ସ୍ତରୀୟ ଦେଶକରମ ପରବ ପାଳନ ପ୍ରସ୍ତୁତି ବୈଠକ ହୋଇ ଛି । ଏହି ବୈଠକ ତରଣୀ ସେନ ମହାନ୍ତ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଛି । ଏଥିରେ କେନ୍ଦୁଝର ଓ ମୟୁରଭଞ୍ଜ ଜିଲ୍ଲା ରୁ ବହୁ ସଂଖ୍ୟା ରେ କୁଡୁମି ସମ୍ପ୍ରଦାୟ ର ବରିଷ୍ଠ ଲୋକମାନେ ଉପସ୍ଥିତ ଥିଲେ। ଏଥିରେ ଡାକ୍ତର ପ୍ରତାପ ଚନ୍ଦ୍ର ମହାନ୍ତ,ଅବସର ପ୍ରାପ୍ତ ଅଧାପକ ଲକ୍ଷ୍ମୀଧର ମହାନ୍ତ, ଇଂ ସୁରେନ୍ଦ୍ର ମହାନ୍ତ, ପ୍ରଭାତ ରଞ୍ଜନ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।ବୈଠକରେ ରାଜ୍ୟ ସ୍ତରୀୟ ଦେଶକରମ ପରବ କିପରି ଅନୁଷ୍ଠିତ ହେବ ସେବିଷୟରେ ଆଲୋଚନା କରାଯାଇଥିଲା। ଏହିକରମ ପରବ ପାଇଁ ଏକ କମିଟି ଗଠିତ ହୋଇଥିଲା। ସେଥିରେ ସର୍ବ ସମ୍ମତି କ୍ରମେ ଛବି ରାଣୀ ମହାନ୍ତ ସଭାପତି, ରମେଶ ଚନ୍ଦ୍ର ମହାନ୍ତ ସମ୍ପାଦକ ଏବଂ ନିରୋଦ ଲୋଚନ ମହାନ୍ତ କୋଷାଧକ୍ଷ ରୂପେ ମନୋନୀତ ହୋଇଥିଲେ। ଏହି କାର୍ଯ୍ୟକ୍ରମ କୁ ସତ୍ୟନାରାୟଣ ମହାନ୍ତ ସଂଯୋଜନା କରିଥିବା ବେଳେ ଶଶୀ ମହାନ୍ତ, ଚିନ୍ତାମଣି ଖିରୋଦ ମହାନ୍ତ ଯଯାତି ମହାନ୍ତ, କାର୍ତିକ ମହାନ୍ତ, ଦିଲ୍ଲୀପ ମହାନ୍ତ ଗୌତମ ମହାନ୍ତ, ସେବତୀ ମହାନ୍ତ, ମମତା ମହାନ୍ତ, ଗୌରୀ ମହାନ୍ତ, ପୁଷ୍ପଲତା ମହାନ୍ତ, ହେମାମାଳିନୀ ମହାନ୍ତ କାର୍ଯ୍ୟକ୍ର୍ୟମ ପରିଚାଳନା କରିଥିଲେ ।

## ସାହୁ ସମାଜ ପକ୍ଷ ରୁ ବୃକ୍ଷ ରୋପଣ



**ଟିଟଲାଗଡ,(ମହାଭାରତ) :** ବଲାଙ୍ଗୀର ଜିଲ୍ଲା ସଇଁତଲା ସାହୁ ସମାଜ ପକ୍ଷରୁ ବୃକ୍ଷ ରୋପଣ ଅନୁଷ୍ଠିତ ହେଇଯାଇଛି । ସ୍ଥାନୀୟ ସାନ୍ଦାଶମୁଣ୍ଡା ଠାରେ ସାହୁ ସମାଜ ପକ୍ଷରୁ ,,ବୃକ୍ଷ ହିଁ ଜୀବନ,, ର ବାର୍ତା କୁ ନେଇ ସଇଁତଲା ସାହୁ ସମାଜ ର କର୍ମକର୍ତା ମାନେ ବୃକ୍ଷ ରୋପଣ କରାଯାଇଛି । ଆଜି ସନଦାସ ମୁଣ୍ଡା - ଜୁନାନିମାଲ ରାସ୍ତା କଡ଼ ଠାରେ ବର, ଲିମ୍ବ, କୃଷ୍ଣଚୁଡା, କଦମ୍ବ, ଆମ୍ବ, ପଣସ, ପିପିଲ, ସହ କିଛି ଔଷଧ ବୃକ୍ଷ ରୋପଣ କରାଯାଇଛି । ଏହି କାର୍ଯ୍ୟକ୍ରମ ରେ ସାହୁ ସମାଜ ସଭାପତି ଛବିଲାଲ ସାହୁ, ନାରାୟଣ ସାହୁ,ହରିବନ୍ଧୁ ସାହୁ, ଭୀଷ୍ମ ସାହୁ, ଟଙ୍କଧର ସାହୁ, ବିଶ୍ୱନାଥ ସାହୁ, ଅଭିମନ୍ୟୁ ସାହୁ, ରଥି ସାହୁ ଚୂଡ଼ାମଣି ସାହୁ, ବିନୋଦ ସାହୁ, ନିରଞ୍ଜନ ସାହୁ, ଦିଲୀପ ସାହୁ,ଆଶିଷ ସାହୁ, ଅଲେଖ ସାହୁ ପ୍ରମୁଖ ଗଛ ଲଗାଇ ଥିଲେ । ତେବେ ଗଛ ର ରକ୍ଷଣପାଇଁ ଆଶିଷ ସାହୁ ଓ ପରିବାର ଙ୍କୁ ଦାଇତ୍ୱ ନେଇ ଥିଲେ ।

## ସଫେଇ କାର୍ଯ୍ୟକ୍ରମ ସହ ବୃକ୍ଷ ରୋପଣ



**ଅନୁଗୋଳ,(ମହାଭାରତ) :** ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ ଅନ୍ତର୍ଗତ ?କାଣ୍ଡସର ଜୟ ଜଗନ୍ନାଥ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ଆଜି ନାଲକୋ ନଗର ଥାନା ଚର୍ତୁପାର୍ଶ ସଫେଇ କାର୍ଯ୍ୟକ୍ରମ ସହ ବୃକ୍ଷ ରୋପଣ କରାଯାଇଛି । ସେହି ପରିପ୍ରେକ୍ଷୀରେ ସଭାପତି ଅନନ୍ତ ବାରିକ ଓ ସାଧାରଣ ସମ୍ପାଦକ ସୁଧାକର ସାହୁଙ୍କ ତତ୍ୱାବଧାନରେ ଅନୁଗୋଳ ଜିଲ୍ଲାର ବରିଷ୍ଠ ସମାଜ ସେବୀ ଚିନ୍ମୟୀ ଦାସ ,ଜୟ ଜଗନ୍ନାଥ ସ୍ୱେଚ୍ଛାସେବୀ ଅନୁଷ୍ଠାନ ର ଉପଦେଷ୍ଟା ତଥା ପୂର୍ବତନ ସରପଂଚ ବିଷ୍ଣୁ ଚରଣ ବେହେରା, ଶ୍ରୀକାନ୍ତ କୁମାର ସାହୁ , ସୁକାନ୍ତ ନାଥ, ଅଜୟ ସାହୁ, ସନାତନ ନାଏକ, ପ୍ରଫୁଲ୍ଲ ସାହୁ, ପତିତପାବନ ବାଡ଼ିଆ, ଜିତେନ୍ଦ୍ର ନାଏକ,କାଣ୍ଡସର ଗ୍ରାମ୍ୟ ଉନ୍ନୟନ କମିଟିର ସାଧାରଣ ସମ୍ପାଦକ ପତିତପାବନ ଗଡ଼ନାୟକ ଓ ଅନୁଷ୍ଠାନ ର ସମସ୍ତ କାର୍ଯ୍ୟକର୍ତ୍ତା ମାନଙ୍କ ସହଯୋଗ ରେ ନାଲକୋ ନଗର ଆଦର୍ଶ ଥାନାର ଥାନା ଅଧିକାରୀ ପ୍ରଦୀପ ମହନ୍ତ ଏବଂ ଥାନା ର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସୁନ୍ଦର ଭାବରେ ସମାପନ କରିଥିଲେ। ପୂର୍ବରୁ ବହୁଦିନ ଧରି ବିଦ୍ୟାଳୟ , ମଠ, ମନ୍ଦିର,ଶ୍ମଶାନ ଘାଟ ଓ ବିଭିନ୍ନ ଖୋଲା ଯାଗାରେ ବୃକ୍ଷ ରୋପଣ କାର୍ଯ୍ୟ ଜାରି ରହିଛି ଏବଂ ଆଗକୁ ମଧ୍ୟ ଜାରି ରହିବ ବୋଲି ଅନୁଷ୍ଠାନ ତରଫରୁ କୁହାଯାଇଛି, ଅମ୍ଳଜାନ ଅଭାବରୁ ସମସ୍ତେ ନିଜନିଜ ଗ୍ରାମ ର ଖୋଲା ଜାଗାରେ ବୃକ୍ଷ ଲଗାନ୍ତୁ ବୋଲି ଅନୁଷ୍ଠାନ ତରଫରୁ ଅନୁରୋଧ କରାଯାଇଛି।

# ଚାଷ ଜମି ପାଲଟିଛି ହାତିଗାଁ ସଂରକ୍ଷିତ ଜଙ୍ଗଲ

- ୪୦୦ ଏକର ଜଂଗଲରେ ମକା ଚାଷ ପାଇଁ ପ୍ରସ୍ତୁତି
- ଟ୍ରାକ୍ଟର ଗୁଡ଼ିକକୁ ହଟାଇଲେ ଗ୍ରାମବାସୀ

**ରାଇଘର,(ମହାଭାରତ) :** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ହାତିଗାଁ ସଂରକ୍ଷିତ ଜଂଗଲ ଏବେ ଚାଷ ଜମିରେ ପରିଣତ ହେବାରେ ଲାଗିଛି । ଗ୍ରାମବାସୀଙ୍କ ମଧ୍ୟରେ ଫାଟ , ସୁରକ୍ଷା ସମିତିର ନିଷ୍କ୍ରିୟତା ସହିତ ବନ ବିଭାଗର ଅବହେଳା ଯୋଗୁଁ ନବରଙ୍ଗପୁର ଜିଲ୍ଲାର ସବୁଠାରୁ ବଡ଼ ଏହି ସଂରକ୍ଷିତ ଜଂଗଲ ଏବେ ଧ୍ୱଂସ ଅଭିମୁଖ । ଗତକାଲି ଏହି ସଂରକ୍ଷିତ ଜଙ୍ଗଲରେ ଖାଲେପାରା ଗ୍ରାମର କିଛି ପରିବାର ଟ୍ରାକ୍ଟର ଲଗାଇ ଚାଷ କରୁଥିବା ବେଳେ ଉକ୍ତ ଗ୍ରାମର ଅନ୍ୟ ଲୋକେ ଏହାକୁ ବିରୋଧ କରିଥିଲେ । ଏ ନେଇ ବନ ବିଭାଗକୁ ଖବର ଦେଇଥିଲେ ହେଁ କୌଣସି ଆଧିକାରୀ କର୍ଣ୍ଣପାତ କରିଥିବାରୁ ଶେଷରେ ଜଙ୍ଗଲକୁ ଯାଇ ଚାଷ କରୁଥିବା ଲୋକଙ୍କୁ ତଡ଼ିଥିଲେ । ତେବେ ଏହି ସଂରକ୍ଷିତ ଜଂଗଲର ପ୍ରାୟ ୪ ଶହ ଏକର ଜମିରେ ଟ୍ରାକ୍ଟର ଲଗାଇ ଚାଷ କରାଯାଇଥିବା ଦେଖିବାକୁ ମିଳିଛି । ବନ ବିଭାଗ ଏପଟେ ଗଛ ଲଗାଇ କୃତ୍ରିମ ଜଂଗଲ ସୃଷ୍ଟି କରୁଥିବା ବେଳେ ହଜାର ହଜାର ବର୍ଷର ଏ ସଂରକ୍ଷିତ ଜଂଗଲ ଏବେ ଟାଙ୍ଗରା ଭୂଇଁ ପାଲଟି ଗଲାଣି ।

ସୁଚନା ଅନୁଯାୟୀ ହାତିଗାଁ ସଂରକ୍ଷିତ ଜଂଗଲର ଖାଲେପାରା ଅଞ୍ଚଳରେ ପ୍ରାୟ ଶହ ଶହ ଏକର ଜଂଗଲରୁ ଗଛ କାଟି ଚାଷ ଜମି ଭାବେ ବ୍ୟବହାରକୁ ନେଇ ଉକ୍ତ ଗ୍ରାମର ଗ୍ରାମ ବାସୀଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା । ଉକ୍ତ ଗ୍ରାମର ୧୦ ରୁ ୧୨ ପରିବାର ଗଛ କାଟି ସଫା କରି ଚାଷ କରୁଥିବା ବେଳେ ବାକିତକ ଗ୍ରାମବାସୀ ଏହାକୁ ବିରୋଧ କରି ଆସୁଥିଲେ । ଗତ ଦୁଇ ବର୍ଷ ପୂର୍ବେ ବନ ବିଭାଗ ଏଥିରେ ହସ୍ତକ୍ଷେପ କରି ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ଏକର ଜଂଗଲକୁ ଉଦ୍ଧାର କରି ସୁରକ୍ଷା ନିମନ୍ତେ ଗ୍ରାମବାସୀଙ୍କୁ ହସ୍ତାନ୍ତର କରିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଉକ୍ତ ଉଦ୍ଧାର ହୋଇଥିବା ଖାଲି ସ୍ଥାନରେ ନୂତନ ଜଙ୍ଗଲ ସୃଷ୍ଟି କରିବାରେ ଗୁରୁତ୍ୱ ନ ଦେବା ଫଳରେ ଏବେ ଏହି ଜମିକୁ ନେଇ ପ୍ରତି ବର୍ଷ ଚାଷ ସମୟରେ ଉତ୍ତେଜନା ଦେଖା ଦେଉଛି । ଗତକାଲି ଉକ୍ତ ଜଂଗଲ ଜମିରେ କିଛି ଲୋକ ଟ୍ରାକ୍ଟର ଲଗାଇ ଚାଷ କରୁଥିବା ବେଳେ ଖାଲେପାରା ଗ୍ରାମର ଜଙ୍ଗଲ ସୁରକ୍ଷା କରୁଥିବା ରାମଚନ୍ ଗଣ୍ଡ , ମାନସିଂ ଗଣ୍ଡ , ଅମିଲ ଗଣ୍ଡ ଓ ସନ୍ତୁ ଗଣ୍ଡଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଘଟଣା ସ୍ଥଳରେ ପହଞ୍ଚି ଟ୍ରାକ୍ଟର ଗୁଡ଼ିକକୁ ହଟାଇଥିଲେ । ଏଥିସହିତ ଘଟଣା ସ୍ଥଳରୁ ନବରଙ୍ଗପୁର ଡି ଏଫ୍ ଓ ଓ ରାଇଘର ରେଞ୍ଜରଙ୍କୁ ଫୋନ କରି ଅବଗତ କରାଇଥିଲେ । କିନ୍ତୁ ବନ ବିଭାଗର କୌଣସି ପ୍ରତିକ୍ରିୟା ନ ମିଳିବାରୁ ଶେଷରେ ସେମାନେ ଚାଷ ହୋଇଥିବା ଜଂଗଲକୁ ନିଜେ ସୁରକ୍ଷା ଦେବାକୁ ନିଷ୍ପତ୍ତି ନେଇଥିଲେ । ଏଥିସହିତ ତୁରନ୍ତ ବନ ବିଭାଗ ଉକ୍ତ ଜଂଗଲରେ କଟା ଯାଇଥିବା ଗଛର ସ୍ଥାନରେ ନୂତନ ଜଙ୍ଗଲ ସୃଷ୍ଟି କରିବାକୁ ଦାବୀ କରିଛନ୍ତି। ଏଥିସହିତ ହାତିଗାଁ ସଂରକ୍ଷିତ ଜଂଗଲକୁ ମାଫିଆ ରାଜନେତା ଓ କୋଟିପତି ଚାଷୀଙ୍କ କବଳରୁ ବନ ବିଭାଗ ଉଦ୍ଧାର କରିବାକୁ ଦାବୀ କରିଛନ୍ତି । ଅନ୍ୟପଟେ ସ୍ଥାନୀୟ ବନ ବିଭାଗ ପକ୍ଷରୁ ଏକ ଟିମ୍ ଜଂଗଲ ମଧ୍ୟକୁ ଯାଇ ତଦନ୍ତ କରି ଫେରିଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି ।

ପ୍ରକାଶ ଥାଉକି ଦୀର୍ଘ ୧୫ ରୁ ୨୦ ବର୍ଷ ଧରି ଜଂଗଲ ମାଫିଆ ମାନେ ହାତିଗାଁ ସଂରକ୍ଷିତ ଜଂଗଲରୁ ଗଛ କାଟି ବଡ଼ ବଡ଼ ଚାଷୀ ତଥା ରାଜନେତାଙ୍କୁ ବିକ୍ରି କରି ଆସୁଥିବା ଦେଖିବାକୁ ମିଳିଛି । ରାଜନେତାଙ୍କ ପ୍ରଭାବ ଓ କୋଟିପତି ଚାଷୀ ଏହି ଜଂଗଲ ଜମିରେ ନିଜ ନିଜର ପ୍ରତିଆରା ବଜାଇ ରଖିଥିବା ଫଳରେ ଦିନକୁ ଦିନ ଜଂଗଲ କ୍ଷୟ ହେଉଥିବା ସହିତ ଭୟ ଏବଂ ଟଙ୍କାର ଲୋଭ ଯୋଗୁଁ ବନ ବିଭାଗ ଏଠି ନିଷ୍କ୍ରିୟ ମନେ ହେଉଛି । ତେବେ ବନ ବିଭାଗ ର କାଗଜପତ୍ରରେ ସଂରକ୍ଷିତ ଜଂଗଲ ରହିଥିଲେ ହେଁ ମାନଚିତ୍ର ରେ କିଛି ଦିନ ମଧ୍ୟରେ ହାତିଗାଁ ଜଂଗଲ ଉଭାନ ହୋଇଯିବ ବୋଲି ବୁଦ୍ଧିଜୀବି ମହଲରେ ଆଲୋଚନା ହେଉଛି ।

## ତହଁକ୍ ପକ୍ଷରୁ 'ଆସ ଗଛ୍ ଜଗାମା' କବିତା କାର୍ଯ୍ୟକ୍ରମ



**ବଲାଙ୍ଗୀର,(ମହାଭାରତ) :** ଗଛ ହିଁ ଜୀବନ ଗଛ ସଂଖ୍ୟା ଦିନକୁ ଦିନ କମି ଯିବାରୁ ନାହିଁ ନ ଥିବା ଗ୍ରୀଷ୍ମତାପ ସହିବାକୁ ପଡୁଛି । ନିଜ ପାଇଁ ଗଛ ଟିଏ ଲଗାଇ ତାର ଯତ୍ନ ନେବା ଆମ ପାଇଁ ନିତାନ୍ତ ଆବଶ୍ୟକ ବୋଲି ଆଜି ଚନ୍ଦନଭାଟୀ ଉଚ୍ଚ ବିଦ୍ୟାଳୟ ପରିସରରେ ତହଁକ୍ କୁଟୁମ୍ ପକ୍ଷରୁ ହୋଇ ଥିବା ' ଆସ ଗଛ୍ ଜଗାମା ' ଭିତ୍ତିକ ଏକ କବିତା ଆସରରେ ଅତିଥି ମାନେ ମତବ୍ୟକ୍ତ କରିଥିଲେ । କବି ନିରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବରେ ସ୍କୁଲ ପ୍ରଧାନ ଶିକ୍ଷକ ରଞ୍ଜନ ପଧାନ ଯୋଗ ଦେଇ ଥିବା ବେଳେ ମୁଖ୍ୟ ବକ୍ତା ଭାବରେ ନେପାଲ ବାଗ ଏବଂ ସମ୍ମାନିତ ଅତିଥି ଭାବରେ ଦିଗାମ୍ବର ନାଏକ, ଦେବେନ୍ଦ୍ର ନାଏକ, ଜଗବନ୍ଧୁ ପଟେଲ ଯୋଗ ଦେଇ ଥିଲେ । ଦ୍ୱିତୀୟ ପର୍ଯ୍ୟାୟ କବିତା ଆସରରେ ବାସନ୍ତୀ ମଞ୍ଜରୀ ହନୁମାନଙ୍କ ସଭାପତିତ୍ୱରେ ଅଶୋକ ଖମାରୀ, ଉମାକାନ୍ତ ପାଣିଗ୍ରାହୀ, ସିଦ୍ଧେଶ୍ୱର ମିଶ୍ର ଯୋଗ ଦେଇଥିଲେ । ଜ୍ୟୋତିରାଣୀ ମିଶ୍ର ଏବଂ କବିତା ମିଶ୍ରଙ୍କ ସଂଯୋଜନାରେ ପ୍ରାୟ ୪୦ ରୁ ଉର୍ଦ୍ଧ୍ୱ କବି ପ୍ରକୃତି ପରିବେଶ ଉପରେ କବିତା ପାଠ କରିଥିଲେ । ସମ୍ପାଦକ ରାଜେଶ ଦଣ୍ଡସେନା ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିବାବେଳେ ଦିଲୀପ କୁମାର ମିଶ୍ର ସଭା ପରିଚାଳନା କରିଥିଲେ । ରାଜୀବ ଭୋଇ, ପୁଷ୍ପାଞ୍ଜଳି ମେହେର , ମିଲନ ପଣ୍ଡା, ସୁଦେଷ୍ଣା ମିଶ୍ର, ଗରିବ ମଲ୍ଲିକ, ଘନଶ୍ୟାମ ମେହେର, ନିକିତା ସା, ସାଲିନି ସା, ଗୋବର୍ଦ୍ଧନ ଭୋଇ, ଦୁଖିଶ୍ୟାମ ଦିକ୍ଷିତ, ମନୋରଞ୍ଜନ ସା, ରୋଶନ ସାହୁ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ କବି ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ୮ମ ଜାତୀୟ ସ୍ତରୀୟ ଆଲୋଚନା ଚକ୍ର



**ଭୁବନେଶ୍ୱର,(ମହାଭାରତ) :** ଜ୍ଞାନପ୍ରକାଶ ପରିବାର ତରଫରୁ ୮ମ ଜାତୀୟ ସ୍ତରୀୟ ଆଲୋଚନା ଚକ୍ର ଜୟଦେବ ଭବନ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି। ବରେଣ୍ୟ ଅତିଥି ଡ. ଲକ୍ଷ୍ମୀଧର ବେହେରା, ନରେଶ ବାରାନା (ଆଡଭୋକେଟ, ନୂଆଦିଲ୍ଲୀ) ଡ. ଇତିରାଣି ସାମନ୍ତ, ଚିତ୍ତରଞ୍ଜନ ପାଣିଗ୍ରାହୀ, ରାଜେନ୍ଦ୍ର ମେହେର,ଶ୍ରୀମତି ଅମ୍ବିକା ସ୍ୱାଇଁ, ସରୋଜ କୁମାର ସାହୁ ଓ ଜ୍ଞାନଚାନ୍ଦ ଶତପଥି ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟ ଉଦଘାଟନ କରିଥିଲେ। ବିଭିନ୍ନ ରାଜ୍ୟରୁ ଆସିଥିବା ଅତିଥିମାନେ ଏହି ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ଦୀର୍ଘାୟୁ ହେବାପାଇଁ ଆଶୀର୍ବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଜ୍ଞାନପ୍ରକାଶ, ଗଜପତି ଶାଖାର ସଭାପତି ଶ୍ରୀମତି ସ୍ନିଗ୍ଧା ମିଶ୍ରଙ୍କ ସମେତ ମୋଟ ୧୮ ଜଣ ବିଶିଷ୍ଟ ବ୍ୟକ୍ତି ଗଜପତି ଜିଲ୍ଲାକୁ ପ୍ରତିନିଧିତ୍ୱ କରିଥିଲେ । ସେମାନଙ୍କ ମଧ୍ୟରୁ ଡଃ.କଲ୍ୟାଣୀ ମିଶ୍ରଙ୍କୁ ଶିକ୍ଷା ସମ୍ମାନରେ ସମ୍ମାନିତ କରାଯାଇଥିଲା ଏବଂ ସଭାପତି ଶ୍ରୀମତୀ ସ୍ନିଗ୍ଧା ମିଶ୍ରଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏହା ସହ ସମସ୍ତ ଅଂଶଗ୍ରହଣକାରୀ ଜ୍ଞାନପ୍ରକାଶ ପରିବାର ସମ୍ମାନରେ ସମ୍ମାନିତ ହୋଇଥିଲେ । ଏହି ବୈଠକରେ ଶିକ୍ଷା ,ସାହିତ୍ୟ ଓ ସଂସ୍କୃତି ଉପରେ ଆଲୋକପାତ କରାଯାଇଥିଲା। ଇତ୍ୟବସରରେ ଅତିଥିଗଣଙ୍କ କରକମଳରେ 'ଜ୍ଞାନପ୍ରକାଶ' ପତ୍ରିକା ଉନ୍ମୋଚିତ ହୋଇଥିଲା। ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ତଙ୍କ ମନୋରଞ୍ଜନ କରାଯାଇଥିଲା।

## ବଜ୍ରପାତରେ ଜଣେ ମୃତ, ଜଣେ ଗୁରୁତର

**ବଡ଼ଚଣା,(ମହାଭାରତ) :** ଯାଜପୁର ଜିଲ୍ଲାର ବଡଚଣା ବ୍ଲକ ଅନ୍ତର୍ଗତ ସୋଲର ପଞ୍ଚାୟତର ସୋଲର ଗ୍ରାମର ଉତ୍କଳ ଓଝା ବୟସ ୩୭ ଓ ତାଙ୍କ ସାନଭାଇ ବିକ୍ରମ ଓଝା ବୟସ ୨୯ ଦିନ ସମୟରେ ନିଜ ବିଲରେ ମାଟି ହିଡ଼ ଦେବାକୁ ଯାଇଥିଲେ। ସେହି ସମୟରେ ଦୁଇ ଭାଇଙ୍କୁ ଘଡଘଡି ମାରିଥିଲା ବେଳେ ଦୁଇ ଭାଇ ତଳେ ପଡ଼ିଯାଇଥିଲେ। ସଙ୍ଗେ ସଙ୍ଗେ ସ୍ଥାନୀୟ ଗ୍ରାମର ଲୋକେ ଦୁଇ ଭାଇଙ୍କୁ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ। ସେଠାରେ ବଡ ଭାଇ ଉତ୍କଳ ଓଝା ଙ୍କୁ ଡ଼ାକ୍ତର ମୃତୁ ଘୋଷଣା କରିଥଲେ। ଏବଂ ସାନଭାଇ ବିକ୍ରମ ଗୁରୁତର ଥିବାରୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତେବେ ସାନଭାଇ ବିକ୍ରମ ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସୂଚନା ମିଳିପାରି ନାହିଁ।

## ରାସ୍ତା ଉପରେ ଭିଡ଼ ଜମାଉଛନ୍ତି ବୁଲା ଗାଈଗୋରୁ

### କାଞ୍ଜିଆହୁଦା ନିର୍ମାଣ ଦାବି



**ନୟାଗଡ଼,(ମହାଭାରତ) :** ନୟାଗଡ଼ ସହରାଞ୍ଚଳର ପ୍ରମୁଖ ରାସ୍ତା ଗୁଡ଼ିକ ଗାଈଗୋରୁ ଙ୍କ ଦ୍ୱାରା କବଳିତ ହୋଇଥିବା ବେଳେ ଏଥିପାଇଁ ନାନା ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ଦିନରାତି ବୁଲା ଗାଈଗୋରୁ ରାସ୍ତା ଉପରେ ଏଣେତେଣେ ବୁଲାବୁଲି କରିବା ସହ ଶୋଇ ରହୁଛନ୍ତି। ଫଳରେ ସାଧାରଣରେ ଯାତାୟାତ ଏବଂ ଯାତ୍ରୀବାହୀ ବସ୍ ଚଳାଚଳରେ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ନୟାଗଡ଼ ସହରର ମୁଖ୍ୟ ରାସ୍ତା ଉପରେ ଗାଈଗୋରୁ ଶୋଇରହି ମଳତ୍ୟାଗ କରିବା ଯୋଗୁ ରାସ୍ତା ଅପରିଷ୍କାର ହେବା ସହ ପରିମଳ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାସ୍ତା ଉପରକୁ ଗୋରୁଙ୍କୁ ନ ଛାଡ଼ିବା ପାଇଁ ନିର୍ଦ୍ଦେଶ ଥିଲେ ମଧ୍ୟ ସ୍ଥାନୀୟ ବାସିନ୍ଦା ତଥା ଗୋପାଳକ ମାନେ କିନ୍ତୁ ନିୟମ ମାନୁନାହାନ୍ତି। ସ୍ଥାନୀୟ ପ୍ରଶାସନର ସ୍ଥାଣୁତା କର୍ତ୍ତୃପକ୍ଷଙ୍କ ଖାମ୍‌ଖିଆଲି ନୀତି ଯୋଗୁ ଗୋପାଳକ ମାନେ ଗାଈଗୋରୁଙ୍କୁ ରାସ୍ତା ଉପରେ ନିର୍ଭୟରେ ଛାଡୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତା ଉପରୁ ଗାଈଗୋରୁଙ୍କ ହଟାଇବା ନିମନ୍ତେ ପୌର ପାଳିକା କର୍ତ୍ତୃପକ୍ଷ ଗୋପାଳକ ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସହରାଞ୍ଚଳବାସୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ବୁଲା ଗାଈଗୋରୁଙ୍କ ନିମନ୍ତେ କାଞ୍ଜିଆହୁଦା ନିର୍ମାଣ ନିମନ୍ତେ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ମଧ୍ୟ ପୌର ପାଳିକା କର୍ତ୍ତୃପକ୍ଷ ସମସ୍ୟାର ସମାଧାନ ଦିଗରେ ଧ୍ୟାନ ଦେଉନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ବିଭିନ୍ନ ସମୟରେ ମୁଖ୍ୟ ରାସ୍ତା ଉପରେ ଷଣ୍ଢ ଲଢେଇ ଯୋଗୁ ଅପ୍ରୀତିକର ପରିସ୍ଥିତ ମଧ୍ୟ ସୃଷ୍ଟି ହେଉଛି। ଜିଲ୍ଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି।

## ପୋଖରୀରେ ବୁଡି ଯୁବକ ମୃତ

**ଆସିକା,(ମହାଭାରତ) :** ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଗୁଡ଼ିଆଲି ଗ୍ରାମ ରାଞ୍ଚ ବନ୍ଧ ରେ ବୁଡି ଜଣେ ଯୁବକ ଙ୍କ ମୃତ୍ୟୁ ହୋଇଛି । ମୃତ ଯୁବକ ହରିଜନ ବସ୍ତିର ବର୍ଷୀୟ ଭିକାରି ନାୟକ(୨୮) ହୋଇଥିବା ଜଣାପଡିଛି । ପ୍ରକାଶ ଥାଉକି ଭିକାରି ଗାଧୋଇବା ଲାଗି ନିକଟ ରାଞ୍ଚ ବନ୍ଧକୁ ଯାଇଥିବା ବେଳେ ବହୁ ସମୟ ଧରି ଘରକୁ ଫେରିନଥିଲେ । ପରିବାର ଲୋକେ ତାଙ୍କୁ ବହୁ ଖୋଜା ଖୋଜି ପରେ ପୋଖରୀ ଭାସୁଥିବା ଦେଖି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । କବିସୂର୍ଯ୍ୟନଗର ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଭିକାରିଙ୍କୁ ଉଦ୍ଧାର କରିଥିବା ବେଳେ ପରିବାର ସଦସ୍ୟ ଚିକିତ୍ସା ନିମନ୍ତେ ଆସିକା ଉପଖଣ୍ଡ ଚିକିତ୍ସାଳୟ ରେ ଭର୍ତି କରିଥିଲେ । ଏଠାରେ ଡାକ୍ତର ତାଙ୍କ ମୃତ୍ୟୁ ଘୋଷଣା କରିଥିବା ବେଳେ ମୃତକ ଙ୍କ ପରିବାର ସଦସ୍ୟ ଙ୍କ ପକ୍ଷରୁ କବିସୂର୍ଯ୍ୟନଗର ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ମେଡ଼ିକାଲରେ ପହଞ୍ଚି ମୃତଦେହ ଜବତ କରିବା ସହିତ ତଦନ୍ତ ଚଳାଇଛି ।



# ମହାବାହୁର ଏକାଦଶ ତମ ବାର୍ଷିକ ଉତ୍ସବ ଓ ଆଲୋଚନାଚକ୍ର

**କପ୍ତିପଦା,(ମହାଭାରତ) :** କପ୍ତିପଦା -ଉଦଳା ସ୍ଥିତ ସନ୍ଧାନ ଗୃହ ପରିସରରେ ଭକ୍ତିଜ୍ଞାନ ସଂଚାର ସେବା ସମିତି ତରଫରୁ ମହାବାହୁର ଏକାଦଶ ତମ ବାର୍ଷିକ ଉତ୍ସବ, ମହାବାହୁ - ୨୦୨୪ ଲୋକାର୍ପିତ ସହିତ କିମ୍ବଦନ୍ତୀରେ ଜଗନ୍ନାଥ ଶୀର୍ଷକ ଉପରେ ଏକ ଆଲୋଚନା ଚକ୍ର ମହାବାହୁର ମୁଖ୍ୟ ସମ୍ପାଦକ ତଥା ପୂର୍ବତନ ଅଧ୍ୟକ୍ଷ ଡ. ଦିଲୀପ କୁମାର ଦୀକ୍ଷିତଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ମଞ୍ଚାସୀନ ସମସ୍ତ ଅତିଥି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଧୂପ, ନୈବେଦ୍ୟ, ପୁଷ୍ପମାଲ୍ୟ ଅର୍ପଣ କରିବା ପରେ, ଉଦଳାର ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ସଭା ସାଂସଦ ବୀରଭଦ୍ର ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଭଦ୍ରକ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଯୋଗଦେଇ ଥିଲେ । ବିଶିଷ୍ଟ ବକ୍ତା ଭାବେ ଅବସରପ୍ରାପ୍ତ ଭେଷଜ ବିଶେଷଜ୍ଞ ଡାକ୍ତର ଭାଗବତ ବେହେରା, ସମ୍ମାନିତ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସନାତନ ଜେନା, ଅବସରପ୍ରାପ୍ତ ପ୍ରାଧ୍ୟାପକ କରୁଣାକର ମହାପାତ୍ର, ଭୋଳାନାଥ ସାହୁ ପ୍ରମୁଖ ଯୋଗ ଦେଇ କିମ୍ବଦନ୍ତୀରେ ଜଗନ୍ନାଥ ଶୀର୍ଷକ ଉପରେ ଅନେକ ଆଲୋଚିତ ଓ ଅନାଲୋଚିତ ତଥ୍ୟମାନ ବର୍ଣ୍ଣନା କରି ଏକ ଭାବମୟ ପରିବେଶ ସୃଷ୍ଟି କରିପାରିଥିଲେ । ଏହି କାର୍ଯ୍ୟକ୍ରମରେ ଭକ୍ତିଜ୍ଞାନ ସଂଚାର ସେବା ସମିତିର ଅଧ୍ୟକ୍ଷ ପଣ୍ଡିତ ଲକ୍ଷ୍ମୀଧର ପୁଥାଳ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ପ୍ରଦାନ କରି ବିଷୟବସ୍ତୁ ଉପରେ ସଂକ୍ଷିପ୍ତ ତଥ୍ୟ ପ୍ରଦାନ କରିଥିଲେ । ମହାବାହୁର ସମ୍ପାଦକ ରବିକାନ୍ତ ମହାପାତ୍ର ବାର୍ଷିକ ବିବରଣୀ ପଠନ କରିବା ସହ ମହବାହୁ ପୁସ୍ତକ ଉପରେ ସମ୍ୟକ ସୂଚନା ଦେଇଥିଲେ । ପ୍ରାଥମିକ ପର୍ଯ୍ୟାୟରେ ମଞ୍ଚାସୀନ ସମସ୍ତ ଅତିଥି ମାନଙ୍କ ଦ୍ୱାରା ଜଗନ୍ନାଥ ଚେତନା ଉପରେ ଆଧାରିତ ଆଧ୍ୟାତ୍ମିକ ପୁସ୍ତକ ମହାବାହୁର ଦଶମ ଅର୍ଘ୍ୟ ଲୋକାର୍ପିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମହାବାହୁର ସହ ସମ୍ପାଦକ ଆର୍. ଡି. ଏସ୍.



କଲେଜର ଅଧ୍ୟାପକ ଦିଲ୍ଲୀପ କୁମାର ପ୍ରମାଣିକ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସୁନ୍ଦର ଭାବେ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ଦାସବାବୁ ଅତିଥିମାନଙ୍କୁ ମଞ୍ଚକୁ ଆହ୍ୱାନ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ, ଜୟପୁର ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ରଜତ କୁମାର ପଣ୍ଡା ମଂଗଳାଷ୍ଟକମ ପାଠ କରିବା ସହ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶ୍ରୋତା ବର୍ଗଙ୍କ ଦ୍ୱାରା କିମ୍ବଦନ୍ତୀରେ ଜଗନ୍ନାଥ ଶୀର୍ଷକ ଉପରେ ଜ୍ୟୋତ୍ସ୍ନା ରାୟ, ପ୍ରମିଳା ଜେନା, ସତ୍ୟବ୍ରତ ମିଶ୍ର, ପରେଶ ଚନ୍ଦ୍ର ସାହୁ, ଚିତ୍ରଶିଳ୍ପୀ ରାଜାରାମ ବେହେରା, ପ୍ରିୟବ୍ରତ ବାରିକ ପ୍ରମୁଖ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ସ୍ୱୟଂସିଦ୍ଧା ପରିଡା,ସୁଶ୍ରୀ ଅଭିପ୍ସା ମହାପାତ୍ର, ଜ୍ୟୋତି ରେଖା ରଣା, ସୁଶ୍ରୀ ଅଭିଲିପ୍ସା ମହାପାତ୍ର, ମୀନତି ମହାପାତ୍ର ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜଗନ୍ନାଥ ପ୍ରେମୀ ତଥା ସାରସ୍ୱତ ସାଧକ ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ,ଡ. ଶ୍ୟାମସୁନ୍ଦର ପଣ୍ଡା, ମନୋରଞ୍ଜନ ମଲ୍ଲିକ, ରୁକ୍ମଣୀ ସାହୁ, ମୋନାଲିସା ଭଞ୍ଜ, ଶଶିଧର ବାରିକ, ଅକ୍ଷୟ କମିଲା , ସୁବ୍ରତ ମହାନ୍ତି, ସନ୍ତୋଷ ବାଛିନୀ, ନମିତା ରାଉତ, ରବିନ୍ଦ୍ର କୁମାର ଆଚାର୍ଯ୍ୟ, ସର୍ବେଶ୍ୱର ମହାପାତ୍ର, ସତ୍ୟବ୍ରତ ମିଶ୍ର, ପ୍ରହଲ୍ଲାଦ ଦାସ, ଅବ୍ଜୁବନ୍ଧୁ ବାରିକ, ବାଲ୍ମିକୀ ନାୟକ, ଦଳଗୋବିନ୍ଦ ପୁହାଣ, ପ୍ରଭାତ ପରିଡା, ନରେନ୍ଦ୍ର ଜେନା, ଉପେନ୍ଦ୍ର ନାଥ ପୁହାଣ ପ୍ରମୁଖ ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ପରିଶେଷରେ ଓଡ଼ିଶାର ବିଭିନ୍ନ କଣୋ ଅନୁକୋଣରୁ ଆଧାତ୍ମିକ ପୁସ୍ତକ ମହାବାହୁ ପାଇଁ ଲେଖା ପଠେଇ ଥିବାରୁ ସମସ୍ତଙ୍କୁ ମୁଖ୍ୟ ସମ୍ପାଦକ ଡ. ଦୀକ୍ଷିତ ଧନ୍ୟବାଦ ଜଣାଇଥିଲେ।

# ବାଳିକା ଉଚ୍ଚବିଦ୍ୟାଳୟରେ ଶିକ୍ଷକ ମରୁଡ଼ି

**ବୁଗୁଡ଼ା,(ନି.ପ୍ର) :** ସ୍ଥାନୀୟ ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ମରୁଡ଼ି ଯୋଗୁଁ ପିଲାଙ୍କ ପାଠପଢ଼ା ଏବେ ସଂକଟମୟ ପରିସ୍ଥିତି ଦେଇ ଗତି କରୁଥିବାରୁ ପିଲାଙ୍କ ଭବିଷ୍ୟତକୁ ନେଇ ଅଭିଭାବକଙ୍କ ମନରେ ଘୋର ଚିନ୍ତା ଘାରିଛି। ଏହି ବିଦ୍ୟାଳୟରେ ଷଷ୍ଠରୁ ଦଶମ ପର୍ଯ୍ୟନ୍ତ ୫ଟି ଶ୍ରେଣୀରେ ପଢୁଥିବା ମୋଟ ୩୧୨ ଜଣ ଛାତ୍ରୀଙ୍କ ପାଇଁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଓ କ୍ରୀଡ଼ା ଶିକ୍ଷକଙ୍କ ସମେତ ମାତ୍ର ୬ ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ରହିଥିବା ବେଳେ ଏହି ବିଦ୍ୟାଳୟରେ ଗତ ୬ ସେପ୍ଟେମ୍ବର ୨୦୨୧ ଠାରୁ ସ୍ଥାୟୀ ପ୍ରଧାନ ଶିକ୍ଷକ ପଦବୀ ସାଙ୍ଗକୁ ଟିଜିଟି ଆର୍ଟସର ୨ଟି , ଟିଜିଟି ସିବିଜେଡ୍ ୧ଟି , ଟିଜିଟି ପିସିଏମ୍ ୧ଟି, ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ପଦବୀ ଖାଲି ପଡ଼ିଛି। ୧୯୬୪ରେ ସ୍ଥାପିତ ବୁଗୁଡ଼ା ଅଞ୍ଚଳର ସର୍ବ ପୁରାତନ ଏହି ବାଳିକା ଉଚ୍ଚ ବିଦ୍ୟାଳୟରେ ୧୨ ଜଣ ପରିବର୍ତ୍ତେ ୬ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ରହିଥିବାରୁ ଷଷ୍ଠ ଓ ସପ୍ତମ ଶ୍ରେଣୀ ପିଲାଙ୍କ କାମଚଳା ପାଠପଢ଼ା ଚାଲିଥିବା ବେଳେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ଛାତ୍ରୀଙ୍କ ପାଠପଢ଼ାରେ ଘୋର ଅସୁବିଧା ହେଉଛି। ଶିକ୍ଷକ ଅଭାବ ଯୋଗୁଁ ପ୍ରତ୍ୟେକ ଶ୍ରେଣୀରେ କୋଡ଼ୋଟି ପିରିଅଡ୍ ପାଠ ପଢ଼ାଯାଉଥିବା ବେଳେ ଅନ୍ୟ କେତେକ ପିରିଅଡ ଖାଲି ପଡୁଥିବାରୁ ପିଲାଏ ମଜା ମଜଲିସ୍ କରି ଘରକୁ ଫେରୁଛନ୍ତି। ଏଥି ସହ ନବମ ଓ ଦଶମ ଶ୍ରେଣୀରେ



ଯଥାକ୍ରମେ ୮୮ ଓ ୯୨ ଜଣ ଛାତ୍ରୀ ଥିଲେ ସୁଦ୍ଧା କୌଣସି ସେକ୍ସନ ନଥିବାରୁ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଏ ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀର ହିନ୍ଦୀ ଓ ସଂସ୍କୃତ ପଢ଼ାଇବାକୁ କେହି ଶିକ୍ଷକ ନଥିବାରୁ ଏସବୁ ବିଷୟରେ ପିଲେ ଦୁର୍ବଳ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ଆର୍ଥିକ ବୋଝରୁ ମୁକୁଳିବା ପାଇଁ ଅଭିଭାବକମାନେ ବିଭିନ୍ନ ବେସରକାରୀ ବିଦ୍ୟାଳୟରୁ ନିଜ ନିଜ ପିଲାଙ୍କୁ ଆଣି ଏଠି ନାମ ଲେଖାଉଥିବା ବେଳେ ଏବେ ଏଠାକାର ଶିକ୍ଷକ ମରୁଡ଼ି ପରିସ୍ଥିତି ଯୋଗୁଁ ସେମାନେ ମହରଗରୁ ଆସି କାନ୍ତାରରେ ପଡ଼ିଛନ୍ତି ବୋଲି କ୍ଷୋଭ ପ୍ରକାଶ କରୁଛନ୍ତି। ଅନ୍ୟପକ୍ଷରେ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟରେ ଶିକ୍ଷକ ମରୁଡ଼ି ଯୋଗୁଁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା କଥାକୁ ସ୍ୱୀକାର କରିବା ସହ ଏହି ବିଦ୍ୟାଳୟ ପାଇଁ ଗଣିତ, ବିଜ୍ଞାନ ଓ ସଂସ୍କୃତ ଆଦି ତିନୋଟି ବିଷୟର ଶିକ୍ଷକ ପଦବୀ ପୂରଣ ପାଇଁ ମଞ୍ଜୁରି ମିଳିଥିବା ବେଳେ ହିନ୍ଦୀ ବିଷୟ ଅଧ୍ୟାପନା ପାଇଁ ଡେପୁଟେସନରେ ଜଣଙ୍କୁ ପ୍ରେରଣ କରିବାକୁ ଆବେଦନ କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି। ତେବେ ଏହି ଉଚ୍ଚ ବିଦ୍ୟାଳୟରେ ରହିଥିବା ଶିକ୍ଷକ ମରୁଡ଼ି ସମସ୍ୟାକୁ ଦୂର କରିବା ପାଇଁ ଶିକ୍ଷା ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ ନିମନ୍ତେ ସାଧାରଣରେ ଦାବି ହେଉଛି।

# ସିଫାରେ ଜାତୀୟ ମତ୍ସ୍ୟଚାଷୀ ଦିବସ

**ପିପିଲି,(ନିପ୍ର) :** ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅନ୍ତର୍ଗତ କୌଶଲ୍ୟାଗଙ୍ଗ ସ୍ଥିତ କେନ୍ଦ୍ରୀୟ ମଧୁରଜଳ ଜୀବପାଳନ ଅନୁସନ୍ଧାନ ସଂସ୍ଥା (ସିଫା) ଠାରେ ଜାତୀୟ ମତ୍ସ୍ୟଚାଷୀ ଦିବସ ସମାରୋହରେ ପାଳିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ କୃଷି ଗବେଷଣା ଓ ଶିକ୍ଷାବିଭାଗ ସଚିବ ତଥା ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ମହାନିର୍ଦ୍ଦେଶକ ଡଃ ହିମାଂଶୁ ପାଠକ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସିଫା ପରିସରରେ ଜିନୋମ୍ ଏଡିଟିଂ ଫାସିଲିଟିର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ରୋହି ମାଛର କଙ୍କାଳ ମାଂସପେଶୀ ବୃଦ୍ଧି ଏବଂ ରୋଗ ପ୍ରତିରୋଧକ ଶକ୍ତିର ଅଭିବୃଦ୍ଧି ବିକାଶରେ ଜିନୋମ୍ ଏଡିଟିଂ ଫାସିଲିଟିର ଏହି ଜିନୋମ୍ ଏଡିଟିଂ ସୁବିଧା ବେଶ୍ ସହାୟକ ହେବ ବୋଲି ଡଃ ପାଠକ ପ୍ରକାଶ କରିଥିଲେ। ଏହି ଅବସରରେ ସିଫାର ଜ୍ଞାନକୌଶଳରେ ପ୍ରସ୍ତୁତ ସିଫାକ୍ସ, ସିଫାଏଲ୍-ଚେକ୍, ସିଫାଏମ୍-ଚେକ୍‌ର ଜ୍ଞାନକୌଶଳ ହସ୍ତାନ୍ତର ଓ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା।




ଏଥିସହ ବାର୍ଷିକ ହେକ୍ଟର ପିଛା ୨୦ଟନ୍ ଉତ୍ପାଦନ ଲକ୍ଷ୍ୟ ନେଇ ସିଫା ପରିସରରେ ଏକ ସ୍ମାର୍ଟ ପୋଖରୀକୁ ଡଃ ପାଠକ ଉଦ୍‌ଘାଟନ କରିଥିଲେ। ଉକ୍ତ ପୋଖରୀରେ ଯାନ୍ତ୍ରିକ ଉପାୟରେ ମାଛ ଅମଳ, ସ୍ମାର୍ଟ ପଣ୍ଡ୍ ଫିଡର, ସ୍ୱର୍ଣଜ୍ଞାପକ ଅମ୍ଳଜାନ ଯୋଗାଣ ପଦ୍ଧତି ରହିଅଛି। ଏହା ସହିତ କ୍ୟାଟ୍‌ଫିସ୍ ରିସର୍କୁଲେଟୋରୀ ଅକ୍ୱାକଲଚର ସିଷ୍ଟମ୍ ଓ କୋଇ କାର୍ପର ପ୍ରଜନନ ସୁବିଧାର ଶୁଭାରମ୍ଭ କରିବା ସହ ଭୌଗୋଳିକ ସ୍ଥିତି ସମର୍ଥନ ନିଷ୍ପତି ପ୍ରଣାଳୀ 'ସିଫା ଆକ୍ୱା-ନିର୍ଣ୍ଣୟ'କୁ ଡଃ ପାଠକ ଲୋକାର୍ପଣ କରିଥିଲେ। ତତ୍‌ସହିତ ସେଠାରେ ବ୍ରୁଡ୍‌ବ୍ୟାକ୍ ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ଡଃ ପାଠକ ଯୋଗଦେଇ ସିଫା ଦ୍ୱାରା କୃଷକମାନଙ୍କୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ବୈଜ୍ଞାନିକ ଜ୍ଞାନକୌଶଳର ଭୂୟସୀ ପ୍ରଶଂସା କରିବା ସହ ସ୍ୱର୍ଣଜ୍ଞାପକ ଓ ଏଆଇ ଜ୍ଞାନକୌଶଳର ଉପଯୋଗ କରି ସ୍ମାର୍ଟ କୃଷି ପ୍ରଣାଳୀକୁ କୃଷକମାନଙ୍କ ନିକଟରେ ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥି ଭାବେ ଆଇସିଏଆର ର ଉପ-ମହାନିର୍ଦ୍ଦେଶକ (ମତ୍ସ୍ୟବିଜ୍ଞାନ) ଡଃ ଜୟକୃଷ୍ଣ ଜେନା ଯୋଗଦେଇ ମତ୍ସ୍ୟ ପ୍ରଜନନ ପଦ୍ଧତିର ସରଳୀକରଣ ଓ ଉଚ୍ଚମାନର ମତ୍ସ୍ୟ ଉତ୍ପାଦନ କରି ତାହାର ରପ୍ତାନୀ ଉପରେ ଗୁରୁତ୍ୱ ଦେଇଥିଲେ। କେନ୍ଦ୍ର ସରକାରଙ୍କ କୃଷି ଶିକ୍ଷା ଉପ-ମହାନିର୍ଦ୍ଦେଶକ ଡଃ ରାକେଶ ଚନ୍ଦ୍ର ଅଗ୍ରୱାଲ ସମ୍ମାନିତ ଅତିଥିଭାବେ ଯୋଗଦେଇ 'ନେପା' ପ୍ରକଳ୍ପ ସଂପର୍କରେ ଆଲୋକପାତ କରିବା ସହ ଏହାକୁ କିପରି କୃଷକମାନଙ୍କର କୃଷି କ୍ଷେତ୍ରରେ ସଠିକ୍ ଉପଯୋଗ କରାଯାଇ ପାରିବ ସେ ସଂପର୍କରେ ବର୍ଣ୍ଣନା କରିଥିଲେ। ଆଇସିଟିର ସହମହାନିର୍ଦ୍ଦେଶକ ଡଃ ଅନିଲ ରାୟ ନିଜର ବକ୍ତବ୍ୟ ରଖିଥିଲେ। ସିଫାର ନିର୍ଦ୍ଦେଶକ ଡଃ ପି. କେ. ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ଅବସରରେ ସିଫାର ବିଭିନ୍ନ ସଫଳତା ସଂପର୍କରେ ଆଲୋକପାତ କରିଥିଲେ। 'ନେପା' ପ୍ରକଳ୍ପ ଓ ଏହାର ସଫଳତା ସଂପର୍କରେ ଦିଲ୍ଲୀ ସ୍ଥିତ ଆଇଏଆରଆଇ ର ବୈଜ୍ଞାନିକ ଡଃ ଆର.ଏନ୍. ସାହୁ ଆଲୋକପାତ କରିଥିଲେ। ଏହି ଅବସରରେ ୧୪ଜଣ ମତ୍ସ୍ୟଚାଷୀ ଓ ଉଦ୍ୟୋଗୀଙ୍କୁ ସଂବର୍ଦ୍ଧିତ କରାଯାଇଥିବା ବେଳେ 'ନେପା'ର ୱେବ୍‌ସାଇଟ୍ ଓ ଆଇଆଇଡବ୍ଲୁଏମ୍ ପ୍ରସ୍ତୁତ ଉତ୍ପାଦ ଗୁଡ଼ିକର ଲୋକାର୍ପଣ କରାଯାଇଥିଲା।

## ବାଲି ଓ ଚିପସ୍ ବୋଝେଇ ଭାରିଯାନ ଜବତ

**କେନ୍ଦୁଝର,(ନିପ୍ର):** କେନ୍ଦୁଝର ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଘଟଗାଁ, ଘସିପୁରା ଓ ରାମଚନ୍ଦ୍ରପୁର ଥାନା ଅଞ୍ଚଳରେ ଶନିବାର ସକାଳେ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଧାର୍ଯ୍ୟ କ୍ଷମତା ଠାରୁ ଅଧିକ ବାଲି ଓ ଚିପସ୍ ବୋଝେଇ ୧୩ଟି ଭାରୀଯାନ ଜବତ କରିଥିବା ବେଳେ ଏହି ମାମଲାରେ ୮ଜଣ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ପୁଲିସ ପ୍ରଶାସନ ପକ୍ଷରୁ କୁହାଯାଇଛି। ଘଟଗାଁ ଥାନା ପୁଲିସ ପକ୍ଷରୁ ଧାର୍ଯ୍ୟ କ୍ଷମତା ଠାରୁ ଅଧିକ ବାଲି ବୋଝେଇ ୪ଟି ହାଇୱାକୁ ଜବତ କରାଯାଇଥିବା ବେଳେ ଏହି ମାମଲାରେ ୫ଜଣଙ୍କୁ ଗିରଫ କରାଯାଇଛି। ଘସିପୁରା ଥାନା ପୁଲିସ ପକ୍ଷରୁ ଧାର୍ଯ୍ୟ କ୍ଷମତା ଠାରୁ ଅଧିକ ବାଲି ବୋଝେଇ ୩ଟି ବାଲି ବୋଝେଇ ଓ ୨ଟି ଚିପସ୍ ବୋଝେଇ ହାଇୱାକୁ ଜବତ କରାଯାଇଥିବା ବେଳେ ଏହି ମାମଲାରେ ୩ଜଣ ଚାଳକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ରାମଚନ୍ଦ୍ରପୁର ଥାନା ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ଧାର୍ଯ୍ୟ କ୍ଷମତା ଠାରୁ ଅଧିକ ଚିପସ୍‌ବୋଝେଇ ୪ଟି ହାଇୱାକୁ ଜବତ କରାଯାଇଛି। ଏ ନେଇ ସମ୍ପୃକ୍ତ ଥାନା ମାନଙ୍କରେ ପୃଥକ୍ ପୃଥକ୍ ମାମଲା ରୁଜୁ କରାଯାଇଥିବା ବେଳେ ଏହାର ଉପଯୁକ୍ତ ତଦନ୍ତ କରି ଆଇନାନୁଯାୟୀ ପଦକ୍ଷେପ ଗ୍ରହଣ ନିମନ୍ତେ ଆଞ୍ଚଳିକ ପରିବହନ ଅଧିକାରୀ କେନ୍ଦୁଝର ଓ ଖଣି ଉପନିର୍ଦ୍ଦେଶକ କେନ୍ଦୁଝରଙ୍କୁ ଅବଗତ କରାଯାଇଥିବା ପୁଲିସ ପ୍ରଶାସନ ପକ୍ଷରୁ କୁହାଯାଇଛି।

# ବିପଦ ସଙ୍କୁଳ ଅବସ୍ଥାରେ ବିଦ୍ୟୁତ ଖୁଣ୍ଟ

**ନିଶ୍ଚିନ୍ତକୋଇଲି,(ନି.ପ୍ର):** ନିଶ୍ଚିନ୍ତକୋଇଲି ବ୍ଲକ କଟିକଟା ଗ୍ରାମପଂଚାୟତ ନୂଆଗାଁରେ ଟାଟା ପାୱାରର ଏକ ବିଦ୍ୟୁତ୍ ଖୁଂଟ ବିପଦ ସଙ୍କୁଳ ଅବସ୍ଥାରେ ରହିଥିବାର ଅଭିଯୋଗ ହୋଇଛି। ଏହାର ପ୍ରତିକାର ଦିଗରେ ପ୍ରଶାସନିକ ସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଅସୁରେଶ୍ୱର ଟାଟା ପାୱାର ସହକାରୀ ଯନ୍ତ୍ରୀଙ୍କ ଅଧିନରେ ନୂଆଗାଁ ଅଂଚଳରେ ବିଦ୍ୟୁତ ଖୁଂଟ ଓ ତାରର ରକ୍ଷଣାବେକ୍ଷଣା ଦାୟୀତ୍ୱ ରହିଛି। ମାତ୍ର ଏହି ଗ୍ରାମରେ ବିପଦ ସଙ୍କୁଳ ଅବସ୍ଥାରେ ଓ ଅର୍ଦ୍ଧ ଭଗ୍ନ ଅବସ୍ଥାରେ ଏକ ବିଦ୍ୟୁତ ଖୁଂଟ ଝୁଲି ରହିଛି। ଏପରିକି ରାସ୍ତା ଉପରକୁ ମଧ୍ୟ ତାର ବିପଦ ସଙ୍କୁଳ ଅବସ୍ଥାରେ ଝୁଲି ରହିଛି। ଏହି ରାସ୍ତା ଦେଇ ଦୈନନ୍ଦିନ



କୋମଳମତି ଶିଶୁମାନେ ସ୍ଥାନୀୟ ଅଙ୍ଗନ ୱାର୍ଡି କେନ୍ଦ୍ର ଓ ବିଦ୍ୟାଳୟକୁ ଯାଆସ କରିଥାନ୍ତି। ଏପରିକି ସ୍ଥାନୀୟ ଲୋକ ମଧ୍ୟ ଯାଆସ କରିଥାନ୍ତି। ଟିକିଏ ପବନ ହେଲେ ଏହି ବିଦ୍ୟୁତ ଖୁଂଟ ଓ ତାର ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରିଥାଏ। ଏପରିକି ବିଦ୍ୟୁତ ଖୁଂଟ ଓ ତାର ବିପଦ ସଙ୍କୁଳ ଅବସ୍ଥାରେ ରହିଥିବା କାରଣରୁ ଏହି ଗ୍ରାମକୁ ଜରୁରୀ କାଳୀନ ପରିସ୍ଥିତିରେ ଦମକଳ ଗାଡି କିମ୍ବା ଆମ୍ବୁଲାନ୍ସ ଯାଇ ଆସିପାରୁନଥିବା ସ୍ଥାନୀୟ ଲୋକେ ଅଭିଯୋଗକରିଛନ୍ତି। ଟାଟା ପାୱାର କଡାଗଣ୍ଡାକରି ବିଦ୍ୟୁତ ଉପଭୋକ୍ତାଙ୍କ ଠାରୁ ଦେୟ ଆଦାୟ କରୁଥିଲା ବେଳେ ଲୋକଙ୍କୁ ଉପଯୁକ୍ତ ସେବା ଯୋଗାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବାର ଅଭିଯୋଗ ହୋଇଛି। ଏହି ବିପଦ ସଙ୍କୁଳ ଖୁଂଟକୁ ଉଠାଇ ନେବା ନିମନ୍ତେ ସ୍ଥାନୀୟ ଲୋକେ ବାରମ୍ବାର ଦାବି କରିଆସୁଥିଲେ ମଧ୍ୟ ଏଥିପ୍ରତି କେହିହେଲେ କର୍ଣ୍ଣପାତ କରୁନଥିବାର ଅଭିଯୋଗ ହୋଇଛି। ତେବେ ଟାଟା ପାୱାରର ଦାୟୀତ୍ୱ ହୀନତା ହେତୁ ଯଦି ଏହି ଗ୍ରାମରେ କିଛି ଅଘଟଣ ଘଟେ ତେବେ ଏଥିପାଇଁ କିଏ ଦାୟୀ ରହିବେ ବୋଲି ଲୋକେ ପ୍ରଶ୍ନ କରିଛନ୍ତି।

## କ୍ରୀଡାଙ୍ଗନ ଓ ସାହିତ୍ୟ ସୃଜନୀ ତାଲିମ ସମ୍ପନ୍ନ

**ରେଙ୍ଗାଲିକ୍ୟାମ୍ପ,(ନିପ୍ର):** ରାଜ୍ୟ ପ୍ରାଧିକରଣ ଓସେପା ପକ୍ଷରୁ ବରଗଡ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଅତାବିରା ଓ ଭେଡେନ ବ୍ଲକର ୫୮ଟି ହାଇସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ନେଇ ତିନି ଦିନ ଧରି ଚାଲିଥିବା କ୍ରୀଡ଼ାଙ୍ଗନ ଓ ସାହିତ୍ୟ ସୃଜନୀ ତାଲିମ ଶିବିର ସମ୍ପନ୍ନ ହୋଇଯାଇଅଛି। ଅତାବିରା ବ୍ଲକ୍ ପତ୍ରାପାଲି ଉଚ୍ଚ ବିଦ୍ୟାଳୟରେ କ୍ରୀଡାଙ୍ଗନ ଓ ଅତାବିରା ବାଳିକା ହାଇସ୍କୁଲରେ ସାହିତ୍ୟ ସୃଜନୀ ତାଲିମ ଦିଆଯାଉଥିଲା। ଗତ ୧୧ ତାରିଖରୁ ଏହା ଆରମ୍ଭ ହୋଇ ଆଜି ଶେଷ ହୋଇଯାଇଛି। ଅତାବିରା ଓ ଭେଡେନ ଉଭୟ ବ୍ଲକର ୫୪ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ସାହିତ୍ୟ ସୃଜନୀ ଓ ୫୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ କ୍ରୀଡାଙ୍ଗନ ତାଲିମ ନେଉଥିଲେ। ପତ୍ରାପାଲି ତାଲିମ କେନ୍ଦ୍ରର ପ୍ରଧାନ ଶିକ୍ଷୟିତ୍ରୀ ସଂଗୀତା ରାଣୀ ମିଶ୍ରଙ୍କ ତତ୍ତ୍ୱାବଧାନରେରେ ଓ ବରିଷ୍ଠ ଶିକ୍ଷକ ଟୁନା କର୍ଣ୍ଣଙ୍କ ପରିଚାଳନାରେ ତାଲିମ ଚାଲିଥିବା ବେଳେ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁରେନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେରେ ତାଲିମ ସୁଚାରୁ ରୂପେ ସମ୍ପନ୍ନ ହୋଇଥିବା ଜଣାପଡ଼ିଛି।

# ନିମ୍ନମାନର କାମ ଅଭିଯୋଗ

**ଗୋପାଳପୁର,(ନିପ୍ର):** ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ମନ୍ଦିଡି ଗ୍ରାମ ପଞ୍ଚାୟତ ମନ୍ଦିଡି ଠାରେ ଶିଶୁ ମାନଙ୍କ ମନୋରଞ୍ଜନ ଏବଂ ଖେଳିବା ପାଇଁ ପଞ୍ଚାୟତ ପକ୍ଷରୁ ଆମ ଗାଁ ଆମ ବିକାଶ



ଯୋଜନାରେ ଗତ ୨୦୨୧ ମସିହାରେ ଭୈରବୀ ମନ୍ଦିର ପାନ୍ଥନିବାସ ସମ୍ମୁଖରେ ଏକ ଶିଶୁ ଉଦ୍ୟାନ ନିର୍ମାଣ କରାଯାଇଥିଲା। କିନ୍ତୁ ଏହାର ନିର୍ମାଣ କାମ ନିମ୍ନମାନର ହୋଇଥିବାରୁ ବ୍ୟବହାର ହେବା ପୂର୍ବରୁ ଭଙ୍ଗାରୁଜା ଅବସ୍ଥାକୁ ଚାଲି ଆସିଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ଗୋପାଳପୁର ବିଧାୟକ ତଥା ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ଅଭିଯୋଗ କରିବା ପରେ ଆଜି ମନ୍ତ୍ରୀ ପାର୍କ ଅଞ୍ଚଳ ବୁଲି ଦେଖିବା ସହ ଏହାର ତଦନ୍ତ କରାଯିବା ସହ ଅଭିଯୁକ୍ତ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ ୨୦୨୧ ମସିହାରେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇ ଶିଶୁ ଉଦ୍ୟାନ କାମ କରାଯାଇଥିଲା। ଏହା ସହ ଉଦ୍ୟାନର ପାଚେରୀ ନିର୍ମାଣ ବାବଦକୁ ମଧ୍ୟ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ନିର୍ମାଣ ହୋଇଥିବା ପାଚୋରୀ କାମ ଅତି ନିମ୍ନ ମାନର ହୋଇଥିବା ଯୋଗୁଁ ଭାଙ୍ଗି ଯାଇଥିବା ସହ ଉଦ୍ୟାନର ସମ୍ମୁଖ ଗେଟର ନାମଫଳକ ମଧ୍ୟ ସଂପୂର୍ଣ୍ଣ ଉଡ଼ିଗଲାଣି। ଆଜି ବାଣିଜ୍ୟ ପରିବହନ ଓ ଖଣି ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏକ ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ମନ୍ଦିଡି ଯାଇଥିବା ବେଳେ ସ୍ଥାନୀୟ ଅଞ୍ଚଳର ଗୋକୁଳ କରଙ୍କ ସମେତ ଅଞ୍ଚଳବାସୀ ପାର୍କର ଅବ୍ୟବସ୍ଥା ନେଇ ଅଭିଯୋଗ କରିବା ସହ ଶିଶୁ ଉଦ୍ୟାନର ସମସ୍ତ ତଥ୍ୟ ଦେଇଥିଲେ। ମନ୍ତ୍ରୀ ଏହାକୁ ବୁଲି ଦେଖିବା ସହିତ ଭଗ୍ନ ଅବସ୍ଥାରେ ରହିଥିବା ଦେଖି ଉଦବେଗ ପ୍ରକାଶ କରିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ଏନେଇ ଜିଲ୍ଲାପାଳଙ୍କୁ ଏକ ଦରଖାସ୍ତ ଲେଖି ଜଣାଇବା ପାଇଁ କହିବା ସହ ତୁରନ୍ତ ଏହା ନେଇ ବ୍ଲକ ପ୍ରଶାସନ ପକ୍ଷରୁ ତଦନ୍ତ କରାଇବେ ବୋଲି କହିଥିବା ଜଣାପଡିଛି।

# 'ଆମ କଥା ଆମ ବ୍ୟଥା' ପୁସ୍ତକ ଲୋକାର୍ପିତ

**ପିପିଲି,(ନିପ୍ର):** ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଲେଖକ ଓ ସ୍ତମ୍ଭକାର ଅର୍ଜୁନ ଘଡେଇଙ୍କ ଦ୍ୱାରା ରଚିତ ପୁସ୍ତକ 'ଆମ କଥା ଆମ ବ୍ୟଥା' ଲୋକାର୍ପିତ ହୋଇଯାଇଛି। ଏହି ଅବସରରେ ଭକ୍ତ ସାଲବେଗ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଦାଣ୍ଡମୁକୁନ୍ଦପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ, ବିଶିଷ୍ଟ ସ୍ତମ୍ଭକାର ତଥା ଗାନ୍ଧିବାଦୀ ପ୍ରହଲ୍ଲାଦ କୁମାର ସିଂହ, ପିପିଲି ବ୍ଲକ ଅଧକ୍ଷା ଦେବସ୍ୱିନୀ ନନ୍ଦ, ଶିକ୍ଷାବିତ୍ ରମେଶ ଚନ୍ଦ୍ର ପଣ୍ଡା, କବି ତଥା ପ୍ରକାଶକ ଭିକାରୀ ଧଳ, ଦାଣ୍ଡମୁକୁନ୍ଦପୁର ସରପଞ୍ଚ ପରେଶ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ପୁସ୍ତକକୁ ଉନ୍ମୋଚନ କରିବା ଅବସରରେ ଲେଖକ ଶ୍ରୀ ଘଡେଇଙ୍କ ସମାଜ ସଂସ୍କାର ଧର୍ମୀ ଆଲେଖ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ।





ବିଭିନ୍ନ ଖବରକାଗଜରେ ପ୍ରକାଶିତ ଶ୍ରୀ ଘଡେଇଙ୍କ ଉଚ୍ଚ କୋଟିର ଆଲେଖ୍ୟ ସର୍ବଦା ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ ବୋଲି ବିଧାୟକ ଶ୍ରୀ ପଟ୍ଟନାୟକ ପ୍ରକାଶ କରିବା ସହ ପିପିଲି ଅଞ୍ଚଳର ଅନ୍ତର୍ନିହିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଦିଗରେ ଭକ୍ତ ସାଲବେଗ ସାହିତ୍ୟ ସଂସଦର ଉଦ୍ୟମକୁ ସେ ଉଚ୍ଚ ପ୍ରଶଂସା କରିଥିଲେ। ନିଜର ଅନୁଭବ ଓ ଦୂରରୁ ଅନୁଶୀଳନ କରିଥିବା ଆବେଗପୂର୍ଣ୍ଣ ଘଟଣା ଓ ସାମାଜିକ ବ୍ୟବସ୍ଥାକୁ ବିଭିନ୍ନ ଲେଖା ମାଧ୍ୟମରେ ଏହି ପୁସ୍ତକରେ ପ୍ରକାଶ କରାଯାଇଥିବା ସଂପର୍କରେ ଶ୍ରୀ ଘଡେଇ ପ୍ରକାଶ କରିବା ସହ ଏଥିପାଇଁ ସମସ୍ତ ପାଠକଙ୍କୁ ଧନ୍ୟବାଦ ଦେଇଥିଲେ।

ପିପିଲି ସାଂସ୍କୃତିକ ପରିଷଦର ସଂପାଦକ ତଥା ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ରମେଶ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ରଘୁନାଥ ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷାବିତ୍ ପ୍ରସନ୍ନ କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ଲେଖକଙ୍କ ନାତୁଣୀ ଦିବ୍ୟାଶା ଦର୍ଶନୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପିପିଲି ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅପରାହ୍ନରେ ଆୟୋଜିତ କବିତା ପାଠୋତ୍ସବରେ ବିଭିନ୍ନ ଜିଲାରୁ ଆସିଥିବା ଶତାଧିକ କବି ମାନେ ନିଜର ସ୍ୱରଚିତ କବିତା ପାଠ କରିଥିଲେ। ଏହାକୁ ଡ଼ଃ ସରୋଜିନୀ ପଟ୍ଟନାୟକ ଓ ବିପିନ ବିହାରୀ ମହାନ୍ତି ସଂଯୋଜନା କରିଥିଲେ।

# ଜଳସେଚନ ଉପଯୋଗୀ 'ରଙ୍ଗବନ୍ଧ'ର ଉଦ୍ଧାର ଓ ଉନ୍ନତିକରଣ ପାଇଁ ଗ୍ରାମବାସୀଙ୍କ ଦାବି

**ପାରଳାଖେମୁଣ୍ଡି,(ନି.ପ୍ର):** ଗଜପତି ଜିଲ୍ଲା କାଶୀନଗର ବ୍ଲକ୍ ଅନ୍ତର୍ଗତ କେ. ସିତାପୁର ପଞ୍ଚାୟତର ସିଂଙ୍ଗିପୁରଗୁଡ଼ା ଅଞ୍ଚଳର ମାଳତୀ ପାହାଡ ପାଦ ଦେଶରେ ରହିଥିବା ରଙ୍ଗବନ୍ଧ ଜଳ ସେଚନ ଉପଯୋଗୀ ବନ୍ଧଟି ଦୀର୍ଘବର୍ଷ ଧରି ପୋତି ହୋଇପଡ଼ି ରହିଛି। କେତେକଙ୍କ ଦ୍ୱାରା ଜବରଦଖଲ ହୋଇ ଅତ୍ୟନ୍ତ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିବା ଜଳସେଚନ ଉପଯୋଗୀ "ରଙ୍ଗବନ୍ଧ" ର ଉଦ୍ଧାର ଓ ଉନ୍ନତି କରଣ କରାଯିବାକୁ ଅଞ୍ଚଳବାସୀ ଦୃଢ଼ ଦାବୀ ଜଣାଇଛନ୍ତି। ପୂର୍ବରୁ ୩ ଏକର ପରିମିତ ଜମିରେ ରହିଥିବା ଏହି ଜଳସେଚନ ଉପଯୋଗୀ ରଙ୍ଗବନ୍ଧ ପୋତିହେବା ସହ ଜବରଦଖଲ ହୋଇ ରହିଛି। ଏହି ଗ୍ରାମର ଚାଷୀ ମାନଙ୍କ ବହୁବାର ଦାବି ହେବା ଫଳରେ ଏହି ରଙ୍ଗବନ୍ଧର ଉଦ୍ଧାର ଓ ଉନ୍ନତିକରଣ ଦିଗରେ ଲୋକଙ୍କ ଜବରଦଖଲ ସମାଧାନ ହୋଇ ଜମି ଅଞ୍ଚଳ ଚିହ୍ନଟ କରି ଏ ଦିଗରେ ପଦକ୍ଷେପ ସ୍ୱରୂପ ଅମୃତ ସରୋବର ଯୋଜନାରେ ସାମିଲ କରାଯାଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ମାଟି ଖୋଳା କାର୍ଯ୍ୟ ଗତ ଡିସେମ୍ବର ମାସରେ ଆରମ୍ଭ କରାଯାଇଥିଲା। ଗଜପତି ଜିଲ୍ଲା ମାଇନିଙ୍ଗ ବିଭାଗ ଏହା ଜାଣି ଘଟଣା ସ୍ଥଳରେ ପହଞ୍ଚି ରଙ୍ଗବନ୍ଧର ମାଟିଖୋଳା କାର୍ଯ୍ୟକୁ ବନ୍ଦ କରିଦେବା ସହ ବିନା ଅନୁମତିରେ ମାଟିଖୋଳା କାର୍ଯ୍ୟ କରୁଥିବା ଅଭିଯୋଗ କରି ପାରଳା ଥାନାରେ ସରପଞ୍ଚଙ୍କ ନାମରେ ଲିଖିତ ଅଭିଯୋଗ ଦାଏର କରାଯାଇଛି। ସିଙ୍ଗିପୁର ଗ୍ରାମବାସୀଙ୍କ ପକ୍ଷରୁ ଗ୍ରାମର ବରିଷ୍ଠ ନାଗରିକ ତଥା ଚାଷୀ ସୁମନ୍ତ ଚିନ୍ତାଡା ଏ ସମ୍ପର୍କରେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, କୃଷି , କୃଷକ ଓ ଜଳସେଚନର ଉନ୍ନତି ପାଇଁ ଅଞ୍ଚଳର ସରପଞ୍ଚ କେ: ତେଜେଶ୍ୱର୍ ରାଓ ଅହରହ ଉଦ୍ୟମ କରିଆସୁଛନ୍ତି। ଚାଷୀଙ୍କ ଜମିକୁ କିଭଳି ଠିକ୍ ଭାବେ ପାଣି ଟୋପାଏ ମିଳିବ ସେଥିପାଇଁ ସେ ସିଙ୍ଗିପୁରଗୁଡ଼ା ଅଞ୍ଚଳରେ ଜଳସେଚନ ଉପଯୋଗୀ ତଥା ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିବା ଏବଂ ବର୍ତ୍ତମାନ ଜବରଦଖଲ ହୋଇଥିବା ରଙ୍ଗବନ୍ଧ ଉଦ୍ଧାର ପାଇଁ ଜମି ଚିହ୍ନଟ କରି କାର୍ଯ୍ୟାଦେଶ କ୍ରମେ ମାଟି ଖୋଳା କାର୍ଯ୍ୟ ଆରମ୍ଭ କରିଥିଲେ। ହେଲେ ଏ ଦିଗରେ ମାଇନିଙ୍ଗ ଅଧିକାରୀ ମାନେ ଆସି ହଇରାଣ କରିବା ଉଦ୍ଦେଶ୍ୟ ନେଇ କାମ ବନ୍ଦ କରି ଦେଇଥିଲେ। ଯାହାକି ଏହା ଅତ୍ୟନ୍ତ ନିନ୍ଦନୀୟ। ତେଣୁ, ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ଚାଷୀଙ୍କ ହିତ ପାଇଁ ମହତ୍ ଉଦ୍ଦେଶ୍ୟ ନେଇ





ଚାଲିଥିବା ରଙ୍ଗବନ୍ଧ କାର୍ଯ୍ୟକୁ ସମାଧାନ କରି ପୂର୍ବଭଳି ସ୍ୱାଭାବିକ କରିବାକୁ ନିବେଦନ କରିଛନ୍ତି। ସରପଞ୍ଚ ଶ୍ରୀ ରାଓ କହିଛନ୍ତି ଯେ, ଏ ଅଞ୍ଚଳରେ ଲୋକେ ମୁଖ୍ୟତଃ ଚାଷ କାର୍ଯ୍ୟ ଉପରେ ନିର୍ଭର କରିଥାନ୍ତି। ବର୍ଷା ହେଲେ ଚାଷ, ନ ହେଲେ ନାହିଁ। ଏପରି ସ୍ଥଳେ ଗତ କିଛିବର୍ଷ ହେଲା ଅଞ୍ଚଳରେ କମ ବୃଷ୍ଟିପାତ ଯୋଗୁଁ ଏ ଅଞ୍ଚଳରେ ମରୁଡ଼ି ପ୍ରାୟ ହୋଇପଡିଛି। ଏହି ରଙ୍ଗବନ୍ଧ ତଳ ମୁଣ୍ଡରେ ଥିବା ଏବଂ ଏହି ବନ୍ଧ ଉପରେ ନିର୍ଭର କରୁଥିବା ୨୦୦ ହେକ୍ଟରରୁ ଅଧିକ ଚାଷଜମି ପ୍ରଭାବିତ ହୋଇଥିଲା। ଏହି ସବୁ ଦୃଷ୍ଟିରେ ରଖି ଏହି ରଙ୍ଗବନ୍ଧର ଉଦ୍ଧାର ଓ ଉନ୍ନତି କରଣ ପାଇଁ ପଦକ୍ଷେପ ନିଆଯାଇଥିଲା । ହେଲେ ଏଭଳି ମହତ୍ କର୍ଯ୍ୟପ୍ରତି ବୈମାତୃକ ମନୋଭାବ ପୋଷଣ କରି ମାଇନିଙ୍ଗ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଯେଭଳି ଭାବେ ହୀନକାର୍ଯ୍ୟ କରି ବନ୍ଦ କରି ଦେଇଥିଲେ, ଏଥିପ୍ରତି ଅଞ୍ଚଳବାସୀ ବିଶେଷ ଭାବେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ କେ. ତେଜେଶ୍ୱର ରାଓ କହିଛନ୍ତି ଯେ, ଏ ଅଞ୍ଚଳରେ ଶତାଧିକ ହେକ୍ଟର ଚାଷ ଜମି ଥିବା ବେଳେ ଏଠାରେ ଜଳସେଚନର କୌଣସି ବ୍ୟବସ୍ଥା ନାହିଁ ଏବଂ ଚାଷୀମାନେ କେବଳ ବର୍ଷାଜଳ ଉପରେ ନିର୍ଭର କରି ଧାନଚାଷ ସହ ବିଭିନ୍ନ ଚାଷ କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଚାଷୀଙ୍କ ହିତ ପାଇଁ ସରପଞ୍ଚ ଶ୍ରୀ ରାଓ, ପଞ୍ଚାୟତର ସିଙ୍ଗିପୁରଗୁଡ଼ା ଅଞ୍ଚଳରେ ତଥା ମାଳତୀ ପାହାଡ ପାଦ ଦେଶରେ ଥିବା ୩ ଏକର ପରିମିତ ଜମି ବିଶିଷ୍ଟ ରଙ୍ଗବନ୍ଧ ଦୀର୍ଘବର୍ଷ ଧରି ଅନେକ ଜମି ପୋତି ହୋଇପଡ଼ିଥିବା ବେଳେ ଅନେକ ଜମି ଜବରଦଖଲ ହୋଇ ଶୁଷ୍କ ପରିତ୍ୟକ୍ତ ଅବସ୍ଥାରେ ଥିଲା। ଏହାର ଉଦ୍ଧାର ଓ ଉନ୍ନତି କରଣ ପାଇଁ ଆବଶ୍ୟକ ପଦକ୍ଷେପ ସ୍ୱରୂପ ଜବରଦଖଲକାରୀ ଓ ଲୋକଙ୍କ ସହ କଥାବାର୍ତ୍ତା ହୋଇ ଏହାର ସମାଧାନ କରିବା ସହ ଜମି ମାପଜୁପ ଚିହ୍ନଟ କରି ଅନୁମତି ଅପେକ୍ଷା କରି ଏବଂ କାର୍ଯ୍ୟାଦେଶ ପାଇ ବନ୍ଧ ଖୋଳା ଆରମ୍ଭ କରିଥିଲେ। ଏଥିପାଇଁ ସରପଞ୍ଚ ତେଜେଶ୍ୱର ରାଓ ଅମୃତ ସରୋବର ଯୋଜନାରେ ମନରେଗା କନଭରଜେନ୍ସିରେ ମାଟି ଖୋଳା କାର୍ଯ୍ୟ ଆରମ୍ଭ କରିଥିଲେ। ଚାଷ ଜଳସେଚନ କ୍ଷେତ୍ରରେ ଶତାଧିକ ଚାଷୀ ପରିବାର ଏହା ଉପରେ ନିର୍ଭର କରିଥାନ୍ତି, କାରଣ ଏହାର ଜଳଧାରଣ କ୍ଷମତା ୩ ଏକରରୁ ଅଧିକ ରହିଥିବା ବେଳେ ଏହା ଉପରେ ୨ଶହରୁ ଅଧିକ ହେକ୍ଟର ଚାଷଜମି ଜଳସେଚନ କ୍ଷେତ୍ରରେ ନର୍ଭାର କରିଥାଏ। ତେବେ ଏଭଳି ମହତ୍ କାର୍ଯ୍ୟ ଚାଲିଥିବା ବେଳେ ମାଇନିଙ୍ଗ ଅଧିକାରୀ ମାନେ ଘଟଣା ସ୍ଥଳକୁ ଆସି କାମ ବନ୍ଦ କରିଦେବା ଉଚିତ୍ ହେଲାନାହିଁ ବୋଲି ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ରଙ୍ଗବନ୍ଧ ଉନ୍ନତିକରଣ ଏବଂ ଚାଷ ଜମିକୁ ପାଣି ଦେବା ଭଳି ସକ୍ଷମ କରାଯିବା ପାଇଁ ପ୍ରଶାସନ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସାଧାରଣରେ ଦାବି ହୋଇଛି।

# ନୟାଗଡ଼ ସହରରେ ବ୍ୟାପୁଛି ଡେଙ୍ଗୁ, ଚେତୁନି ପୌର ପରିଷଦ



**ନୟାଗଡ଼,(ମହାଭାରତ) :** ବର୍ତ୍ତମାନ ବର୍ଷା ଋତୁ ଆରମ୍ଭ ହୋଇଯାଇଛି । ଲଗାଣ ବର୍ଷା ଯୋଗୁ ସମସ୍ତ ଖାଲାଖମାରେ ପାଣି ଭର୍ତ୍ତି ହୋଇଥିବା ବେଳେ ବଣବୁଦା ମଧ ବଢ଼ିବାରେ ଲାଗିଲାଣି । ଏହାକୁ ତାଳ ଦେଇ ଜିଲ୍ଲାରେ ଏବେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ମଧ ବୃଦ୍ଧି ପାଇବାରେ ଲାଗିଛି । ସେଥି ମଧ୍ୟରୁ ଅଧାରୁ ଅଧିକ ନୟାଗଡ଼ ପୌର ପରିଷଦର ବିଭିନ୍ନ ୱାର୍ଡ ରେ ରହୁଥିବା ଆକ୍ରାନ୍ତ ମାନେ ରହିଛନ୍ତି । ତଥାପି ପୌର ପରିଷଦ ଏହାକୁ ସେତେଟା ଗୁରୁତ୍ୱ ପ୍ରଦାନ କରୁଥିବା ପରି ମନେ ହେଉନାହିଁ । ଏପର୍ଯ୍ୟନ୍ତ ସହରର ବିଭିନ୍ନ ଡ୍ରେନରେ ମଶାମରା ତେଲ ପଡ଼ିବା ଆରମ୍ଭ ହୋଇ ନାହିଁ । ଏହାସହ ୱାର୍ଡ ରେ ଧୂଆଁଗାଡ଼ି ମଧ ବୁଲୁ ନାହିଁ । ଫଳରେ କେବଳ ଡେଙ୍ଗୁ ନୁହେଁ ମ୍ୟାଲେରିଆ ମଧ ବ୍ୟାପିବାର ଆଶଙ୍କା ସୃଷ୍ଟି ହୋଇଛି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ସୂଚନା ମୁତାବକ, ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ୧୨ ଜଣ ଡେଙ୍ଗୁ ଚିହ୍ନଟ ହୋଇଛନ୍ତି । ସେଥିମଧ୍ୟରୁ କେବଳ ନୟାଗଡ଼ ପୌର ପରିଷଦର ୬ ଜଣା ବାହାର ଜିଲ୍ଲାରୁ ଆକ୍ରାନ୍ତ ହୋଇ ଆସି ଏଠାରେ କିଛି ରୋଗୀ ସଂକ୍ରମଣ ବଢ଼ାଇଛନ୍ତି । ତେଣୁ ସେମାନଙ୍କୁ ବର୍ତ୍ତମାନ ଚିହ୍ନଟ କରାଯାଇ ଚିକିତ୍ସା କରାଯାଉଛି । ଗତ ବର୍ଷ ଜିଲ୍ଲାରେ ୧୮୩ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ । ସେଥିମଧ୍ୟରୁ ନୟାଗଡ଼ ସହରର ଅଧିକ ରୋଗୀ ରହିଥିଲେ । ଏଣୁ ପୌର ପରିଷଦ ଏଥିରେ ଚେତିଯିବା ଆବଶ୍ୟକ ମାତ୍ର ବର୍ଷା ଆରମ୍ଭ ହୋଇଯାଇଥିଲେ ମଧ ଏ ଦିଗରେ କିଛି ବି ପଦକ୍ଷେପ ନ ନିଆଯିବା ଘଟଣା ସମସ୍ତଙ୍କୁ ଚକିତ କରିଛି । ଗତ ସପ୍ତାହରେ ପୌର ପରିଷଦ ପକ୍ଷରୁ ନୟାଗଡ଼ର ସମସ୍ତ ୧୬ଟି ୱାର୍ଡରେ ଥିବା ଖୋଲା ଡ୍ରେନ ଗୁଡ଼ିକର ଏକ ତାଲିକା ଯନ୍ତ୍ରୀମାନେ ପ୍ରସ୍ତୁତ କରିଛନ୍ତି । ନୟାଗଡ଼ ସହରରେ ଏକାଧିକ ୱାର୍ଡ ରେ ଡ୍ରେନ୍ ମୁକୁଳା ପଡ଼ିଛି । ବଡ଼ବଡ଼ ବିଲ୍ଡିଂ ର ବର୍ଜ୍ୟ ଜଳ, ଏମିତିକି ପାଇଖାନା ପାଇପ୍‌କୁ ମଧ କିଛି ବ୍ୟକ୍ତି ଓ ଅନୁଷ୍ଠାନ ଡ୍ରେନକୁ ଛାଡ଼ି ଦେଇଛନ୍ତି । ଫଳରେ ବିଭିନ୍ନ କଲୋନିରେ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି । ଏହି ଅଞ୍ଚଳରେ ରହୁଥିବା ଲୋକ ମାନଙ୍କର ଚଳିବା ମୁସ୍କିଲ ହୋଇଛି । ଦୀର୍ଘ ଦିନ ଧରି ନୟାଗଡ଼ ପୌରପାଳିକାରେ ଏମିତି ଅବସ୍ଥା ଲାଗି ରହିଛି । ମାତ୍ର ଏ ଦିଗରେ ପୌର ପ୍ରଶାସନ କିଛି ବି ପଦକ୍ଷେପ ନେଇପାରୁନାହିଁ । ଏ ନେଇ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କୁ ପଚାରିବାରୁ, ବିଭିନ୍ନ ଡ୍ରେନ୍‌ରେ ମଶାମରା ତେଲ ପକାଇବା ପାଇଁ ଗତ କାଉନସିଲ ବୈଠକରେ ଆଲୋଚନା କରାଯାଇଛି । ଏହା ସହ ଅଚଳ ହୋଇପଡ଼ିଥିବା ଟିଫା ମେସିନକୁ ସଜଡ଼ା ଯାଇଛି । ଏଣୁ ଆସନ୍ତା ସପ୍ତାହ ଠାରୁ ମଶାମରା ତେଲ ପକାଯିବା ସହ ବିଭିନ୍ନ ୱାର୍ଡ ରେ ପାଳି କରି ଟିଫା ମେସିନ ଦ୍ୱାରା ଧୂଆଁ ଛଡ଼ାଯିବ । ଏହା ସହ ମୁକୁଳା ପଡ଼ିଥିବା ଡ୍ରେନର ତାଲିକା ପ୍ରସ୍ତୁତ କରାଯାଇଛି । ଦୁଇ-ତିନିଟି ଖୋଲା ପଡ଼ିଥିବା ଡ୍ରେନ୍ ବିପଦ ସଙ୍କୁଳ ଅବସ୍ଥାରେ ରହିଛି, ଯାହା ପିଡବ୍ଲୁଡି ଅଧୀନରେ ରହିଛି । ସେଥିପାଇଁ ସେମାନଙ୍କୁ ଚିଠି ଲେଖିଯାଇଛି ଏହା ସହ ଅନୁଦାନ ଆସିବା ପରେ ଖୋଲା ପଡ଼ିଥିବା ଏହି ଡ୍ରେନ ଗୁଡ଼ିକ ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା କହିଛନ୍ତି ।

# ନିଜ ଘର ବାହୁଡ଼ିଲେ ତିନି ଠାକୁର



**ପାଟଣା,(ମହାଭାରତ) :** ଆଜି ପବିତ୍ର ବାହୁଡା ଯାତ୍ରା । କେନ୍ଦୁଝରର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ମଲ୍ଲୀପଶି ଠାରେ ତିନୋଟି ରଥରେ ତିନିଠାକୁର ବିରାଜମାନ ହୋଇ ବାହୁଡ଼ିଛନ୍ତି ତିନି ଠାକୁର । ମଲ୍ଲିପଶି ଠାରେ ଆୟୋଜିତ ବାହୁଡାଯାତ୍ରା ରେ ୨୦ ରୁ ୨୫ ହଜାର ଭକ୍ତଙ୍କ ସମାଗମ ହୋଇଥିଲା । ତିନି ଠାକୁରଙ୍କ ଛେରାପହଁରା ରାଜା ରବୀନ୍ଦ୍ର ନାରାୟଣ ସିଂଙ୍କ ଦ୍ୱାରା ନୀତିକାର୍ଯ୍ୟ ସମ୍ପାଦନା ହୋଇଥିବା ବେଳେ ପଣ୍ଡିତ କ୍ଷୀରୋଦ ଚନ୍ଦ୍ର ମିଶ୍ରଙ୍କ ସହିତ ଅନ୍ୟ ପଣ୍ଡିତ ମାନେ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ । ତିନି ଠାକୁର ରଥାରୂଢ ହେବା ପରେ ରାଜା ରବିନ୍ଦ୍ର ନାରାୟଣ ସିଂ ଛେରାପହଁରା କାର୍ଯ୍ୟ ସମ୍ପାଦନ କରିଥିଲେ । ଏହାପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା ।ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକ ବାହୁଡା ଯାତ୍ରା ରେ ସାମିଲ ହୋଇ ରଥ ଟାଣିବା ସହିତ ସମସ୍ତ ଙ୍କୁ ଉତ୍ସାହିତ କରିଥିଲେ । ମଲ୍ଲୀପଶି ଠାରେ ହେଉଥିବା ରଥଯାତ୍ରା ପୁରୀ ଶଙ୍କରାଚାର୍ଯ୍ୟଙ୍କ ଆଜ୍ଞା ନିର୍ଦ୍ଦେଶ ରେ ରଥଯାତ୍ରା ପ୍ରତିବର୍ଷ ହେଉଛି । ଏହି ରଥଯାତ୍ରା କୁ ଦାରୁବ୍ରହ୍ମ ପ୍ରତିଷ୍ଠା ସଂସ୍ଥାନ ରଥଯାତ୍ରା କମିଟି ଓ ଆଦିତ୍ୟବାହିନୀ ଏବଂ ଆନନ୍ଦ ବାହିନୀ ଦ୍ୱାରା ରଥଯାତ୍ରା ଅନୁଷ୍ଠିତ ହୋଇଥାଏ । ଏଠାରେ ଦେବୀ ସୁଭଦ୍ରା ଙ୍କ ରଥକୁ କେବଳ ମହିଳା ମାନେ ଟାଣି ଥାନ୍ତି ।ହଜାର ହଜାର ମହିଳା ମାନେ ଭଜନ କୀର୍ତ୍ତନ କରି ରଥ କୁ ଟାଣି ନେବା ଦୃଶ୍ୟ ଏକ ଭକ୍ତି ଭାବର ବାତାବରଣ ସୃଷ୍ଟି ହୋଇଥିଲା ।ଏହା ବ୍ୟତୀତ ବିଭିନ୍ନ ଅନୁଷ୍ଠାନ ଭଜନ କୀର୍ତ୍ତନ ସହିତ ନୃତ୍ୟ ପରିବେଷଣ କରି ପରିବେଶ କୁ ଭକ୍ତିମୟ କରିଥିଲେ । ଠାକୁରଙ୍କ ସେବା ନିମନ୍ତେ ସେବାୟତ ଭାବେ ଆଦିତ୍ୟ ବାହିନୀ,ଆନନ୍ଦ ବାହିନୀ ର ସଦସ୍ୟ ମାନେ ତିନି ଠାକୁରଙ୍କ ସେବା ଯୋଗାଇ ଥାନ୍ତି ।ରଥଯାତ୍ରା କୁ ଶୃଙ୍ଖଳିତ କରିବା ପାଇଁ ପାଟଣା ଥାନା ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ରଥଯାତ୍ରା କୁ ଶୃଙ୍ଖଳିତ କରିବା ପାଇଁ ଡ୍ରାଇଭର ମହାସଂଘ,ପାଟଣା କଲେଜ ଏନ ସି ସି,ସହିତ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ମାନେ ସାମିଲ ହୋଇଥିଲେ ।ଏହା ବ୍ୟତୀତ ରାରାସକଳା, ଡୁମୁରିଆ, ଟାଙ୍ଗରପଡା, ରାଜନଗର ଠାରେ ଶାନ୍ତି ଶୃଙ୍ଖଳାର ସହ ।

# ଟ୍ରକ ଚକାତଳେ ପଡି ବାଇକ୍ ଆରୋହୀଙ୍କ ମୃତ୍ୟୁ



**ଆସିକା,(ମହାଭାରତ) :** କୋଟିନଡ଼ା ଥାନା ଡିପଲ ସ୍କୁଲ ନିକଟରେ ଆଜି ଘଟିଥିବା ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ବାଇକ ଆରୋହୀ ଜଣଙ୍କ ହେଲେ କୋଟିନଡ଼ା ଥାନା ଅନ୍ତର୍ଗତ ହରିଡ଼ାପଦର ପଞ୍ଚାୟତ କେ.ଲଛମନପଲ୍ଲୀର ପ୍ରଶାନ୍ତ କୁମାର ସ୍ୱାଇଁ ( ୨୩ ) । ସେ ବ୍ରହ୍ମପୁରରୁ OD07R8192 ନମ୍ବର ବାଇକ ଯୋଗେ ନିଜ ଘରକୁ ଫେରୁଥିଲା ବେଳେ ଡିପଲ ସ୍କୁଲ ନିକଟରେ ଥିବା ରୋଡ ସେପ୍ଟି ବ୍ୟାରିକେଟକୁ ଧକ୍କା ଦେଇ ରୋଡ ଉପରେ ପଡ଼ିଯାଇଥିଲେ । ସେ ସମୟରେ ଅନ୍ୟ ପଟରୁ ଆସୁଥିବା ଖଡଗପୁରରୁ ଖଲ୍ଲିକୋଟ ଦେଇ ଆସିକା ଅଭିମୁଖେ ଆସୁଥିବା APO7- PC-6633 ନମ୍ବର ଏକ ମାଲବାହି ଟ୍ରକ ତାଙ୍କ ଉପରେ ମାଡି ଯାଇଥିବାରୁ ତାଙ୍କର ମୃତ୍ୟୁ ହୋଇଥିଲା । ଖବର ପାଇ କୋଟିନଡ଼ା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହକୁ ଜବତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି । ଅପର ପକ୍ଷରେ ଟ୍ରକ ଡ୍ରାଇଭର ସେକ୍ସ ଇବ୍ରାହିମ୍ ଙ୍କ ହାର୍ଟ ପ୍ରୋବ୍ଲମ ଥିବାରୁ କୋଟିନଡ଼ା ପୋଲିସ ତାଙ୍କୁ ଘଟଣାସ୍ଥଳରୁ ଆଣି ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରି ଚିକିତ୍ସା କରୁଛନ୍ତି । କୋଟିନଡ଼ା ଥାନା କେସ ନମ୍ବର ୧୯୭/୨୪ ରେ ଏକ ମାମଲା ରୁଜୁ କରି ଡ୍ରାଇଭର କୁ ଅଟକ ରଖି ତଦନ୍ତ ଚାଲୁ ରଖିଛି ।

# ୯ ଦିନ ପରେ ବଡଘୁମୁରିରୁ ଛତିଆକୁ ବାହୁଡିଲେ ତିନି ଠାକୁର



**ବଡ଼ଚଣା,(ମହାଭାରତ) :** ପାବିତ୍ର ଶ୍ରୀ ବାହୁଡ଼ା ଅବସରରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ଛତିଆ ବାଇପାସ ଓଝା ଘର ରଥ ତିନି ଠାକୁରଙ୍କୁ ଭକ୍ତମାନେ ଦୀର୍ଘ ୧୧ କିମି ବଡଘୁମୁରି ମାଉସୀ ମା ମନ୍ଦିରରୁ ଟାଣି ଟାଣି ଆଣି ସନ୍ଧ୍ୟା ପୂର୍ବରୁ ଛତିଆ ଜନ୍ମ ବେଦୀ ନିକଟରେ ପହଞ୍ଚାଇଲେ । ତିନି ଠାକୁରଙ୍କର ଯଥା ରୀତି ନୀତି ଅନୁଯାଇ ପୂଜାର୍ଚ୍ଚନା କରି ଦିନ ୧୦ଟା ରେ ଠାକୁରଙ୍କୁ ରଥାରୋଢ଼ କରିଥିଲେ, ପରେ ରଥ ଉପରେ ତିନି ଠାକୁରଙ୍କୁ ପୂଜାର୍ଚ୍ଚନା କରିବା ପରେ ଭକ୍ତମାନେ ଆଣିଥିବା ଭୋଗକୁ ଠାକୁରଙ୍କ ନିକଟରେ ଲଗାଯାଇଥିଲା । ଏହାପରେ ଅନୁଷ୍ଠାନର ମୁଖ୍ୟ ଉପେନ୍ଦ୍ର ଓଝା ରଥ ଉପରେ ତିନି ଠାକୁରଙ୍କୁ ଛେରା ପହଁରା କରିଥିଲେ । ଭକ୍ତମାନେ ପ୍ରଥମେ ପ୍ରଭୁ ବଳଭଦ୍ରଙ୍କ ରଥ ଟାଣିବା ଆରମ୍ଭ କରିଥିଲେ, ପରେ ଦେବୀ ସୁଭଦ୍ରା ଓ ଶେଷରେ ଜଗନ୍ନାଥଙ୍କ ରଥକୁ ଭକ୍ତମାନେ ବଡଘୁମୁରି ଠାରୁ କଢେଇ ପୋଲ ପର୍ଯ୍ୟନ୍ତ ଗ୍ରାମୀଣ ରାସ୍ତାରେ ଟାଣି ଆଣିବା ପରେ ଜାତୀୟ ରାଜପଥରେ ୭ କିମି ଟାଣିବା ପରେ ଛତିଆ ଜନ୍ମ ବେଦୀ ଠାରେ ତିନି ରଥଙ୍କୁ ରଖାଯାଇଥିଲା । ରଥରେ ପଣ୍ଡିତ ସତ୍ୟବାଦୀ ପଣ୍ଡା, ମାନସ ପଣ୍ଡା, ତ୍ରିଲୋଚନ ପଣ୍ଡା, ସଂକର୍ଷଣ ପଣ୍ଡା ପ୍ରମୁଖ ବଡଘୁମୁରି ଠାରୁ ଛତିଆ ପର୍ଯ୍ୟନ୍ତ ପୂଜାର୍ଚ୍ଚନା କରିବା ସହ ଚାମର ହଲାଇ ଠାକୁରଙ୍କୁ ଭକ୍ତମାନଙ୍କର ଦ୍ୱାରା ଆଣିଥିବା ଭୋଗକୁ ଲଗାଇଥିଲେ । ବଡଘୁମୁରି ଠାରୁ ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ବଡଚଣା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର, ବୈରୀ ଥାନା ଅଧିକାରୀ ଶରତ ଚନ୍ଦ୍ର ନାୟକ, ଛତିଆ ଫାଣ୍ଡି ଅଧିକାରୀ ମହେନ୍ଦ୍ର କୁମାର ସେଠୀ, ଏଏସଆଇ ଧୀରେନ ପଣ୍ଡା, ବଡଚଣା, ବୈରୀ, ବାଲିଚନ୍ଦ୍ରପୁର ଥାନାର ସମସ୍ତ କର୍ମଚାରୀ ଓ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ପ୍ରମୁଖ ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହ ରଥ ଟଣାରେ ସାହାଯ୍ୟ କରିଥିଲେ । ଏହା ବ୍ୟତୀତ ଅଗ୍ନିଶମ ବିଭାଗ, ଗ୍ରାମୀୟ ଉନ୍ନୟନ ବିଭାଗ, ପାନୀୟ ଜଳ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଓ ବିଦ୍ୟୁତ ବିଭାଗର କର୍ମଚାରୀମାନେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସହଯୋଗ କରିଥିଲେ । ଅନୁଷ୍ଠାନ ର ସଭାପତି ନିର୍ମଳ ଚନ୍ଦ୍ର ସାମଲ, ସମ୍ପାଦକ ସରପଞ୍ଚ ରମେଶ ଚନ୍ଦ୍ର ପୃଷ୍ଟି, ସମିତି ସଭ୍ୟ ଦୀପକ ସାହୁ, ନକୁଳ ଓଝା, ଶ୍ୟାମସୁନ୍ଦର ରାଉତ, ସୌମ୍ୟରଞ୍ଜନ ଓଝା, ବସନ୍ତ ବେହେରା, ଅକ୍ଷୟ ରାଉତରାୟ, ଶିବଶଙ୍କର ପରିଡା, ଦେବଯାନୀ ପ୍ରଧାନ, ମିହିର ଖୁଣ୍ଟିଆ, ପ୍ରିୟଗୋବିନ୍ଦ ଦାସ, ରାମଚନ୍ଦ୍ର ସ୍ୱାଇଁ, ଦିଲ୍ଲୀପ ରାଉତ, ଭାଗ୍ୟଧର ମଲ୍ଲିକ, ବାସୁଦେବ ସ୍ୱାଇଁ, ଅଜୟ ବିଶ୍ୱାଳ, କପିଳ ରାଉତ ପ୍ରମୁଖ ବହୁ ସଦସ୍ୟ ବଡଘୁମୁରି ଠାରୁ ଛତିଆ ପର୍ଯ୍ୟନ୍ତ ରଥ ସାଙ୍ଗରେ ରହି ଭକ୍ତମାନଙ୍କୁ ରଥ ଟାଣିବାରେ ସହଯୋଗ କରିଥିଲେ । ସନ୍ଧ୍ୟା ପୂର୍ବରୁ ତିନି ଠାକୁର ଜନ୍ମ ବେଦୀ ନିକଟରେ ପହଞ୍ଚିଥିଲେ । ତୁହାକୁ ତୁହା ଝିପି ଝିପି ବର୍ଷା ସତ୍ୱେ ଭକ୍ତମାନେ ଠାକୁରଙ୍କୁ ଆନନ୍ଦର ସହ ଟାଣି ଟାଣି ଆଣିଥିବାର ଦେଖାଦେଇଛି ।

# ଖୁବ୍‌ଶୀଘ୍ର ହେବ ମହାବିରୋଡରେ ଗ୍ରୀଡ୍ ସବ୍ ଷ୍ଟସନ

**କଙ୍କଡ଼ାହାଡ଼,(ମହାଭାରତ) :** ରାଜ୍ୟ ଶକ୍ତି ବିଭାଗ ରାଜ୍ୟ ସରକାର ଢେଙ୍କାନାଳ ଜିଲ୍ଲାପାଳ ଙ୍କୁ ନିର୍ଦ୍ଦେଶ ଦେଲେ ମହାବିରୋଡ ରେ ଗ୍ରୀଡ୍ ସବ୍ ଷ୍ଟସନ ପ୍ରତିଷ୍ଠା କରିବା ପାଇଁ । ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ମହାବିରୋଡ ଅଞ୍ଚଳରେ ଏକ ପାୱାରପଗ୍ରିଡ କରାଯାଉ ଯାହା ଫଳରେ ୧୦ଟି ପଞ୍ଚାୟତର ଲୋକେ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏହି ଖବରଟି ବିଭିନ୍ନ ଖବରକାଗଜ ରେ ପ୍ରଶାରଣ ହେଇଥିଲା ଖବରଟିକୁ ଦେଖି ହ୍ୟୁମାନ ରାଇଟ୍ସ ଡିଫେଣ୍ଡର ଫୋରମ ଇଣ୍ଡିଆ ର ଦୁଖବନ୍ଧୁ ବିଶ୍ୱାଳ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଗତ ,୨୧ /୬/୨୦୨୪ ରେ ଅଭିଯୋଗ ପତ୍ର ଦାଖଲ କରି ମାମଲା ରୁଜୁ କରାଇଥିଲେ , ମାନନୀୟ ଜାତୀୟ ମାନବାଧିକାର କମିଶନଙ୍କ ତରଫରୁ ରାଜ୍ୟ ସରକାର ଙ୍କୁ ଏବଂ ଜିଲ୍ଲା ପ୍ରଶାସନ ଙ୍କୁ ଶକ୍ତି ବିଭାଗ ନିର୍ଦ୍ଦେଶ ଆସିଛି ଆଠ ସପ୍ତାହ ଭିତରେ ରିପୋର୍ଟ ତଲବ ଦାଖଲ କରନ୍ତୁ ଯଥା ଶୀଘ୍ର ଗ୍ରୀଡ୍ ଷ୍ଟେସନ ପ୍ରତିଷ୍ଠା କରାଯାଉ ,ଏବଂ ଜାତୀୟ ମାନବାଧିକାର କମିଶନ ପ୍ରତିଶ୍ରୁତି ଦେଇଛନ୍ତି ଗ୍ରୀଡ୍ ସବ୍ ଷ୍ଟେସନ ପ୍ରତିଷ୍ଠା ହେବା ପାଇଁ । ଅଞ୍ଚଳରେ ସମସ୍ୟା ସୃଷ୍ଟି ହେଉଥିବା ଦେଖି ଦୁଃଖବନ୍ଧୁ ବିଶ୍ୱାଳ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ ରଖିଥିଲେ ଏବଂ ଚିଠି ଲେଖି ଗ୍ରୀଡ୍ ସବ୍ ଷ୍ଟେସନ ପ୍ରତିଷ୍ଠା ହେବାପାଇଁ ଦାବି ଜଣାଇଥିଲେ । ଗ୍ରୀଡ଼ ଷ୍ଟେସନ ପ୍ରତିଷ୍ଠା ହେବା ନେଇ ଅଞ୍ଚଳ ବାସୀ ଖୁସି ପ୍ରକଟ କରିଛନ୍ତି ।

# ଅଜଣା ଗାଡି ଧକ୍କାରେ ମାଆ ପୁଅ ଆହତ



**ପାଟଣା,(ମହାଭାରତ) :** କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ଦକ୍ଷିଣୀ ପଶି ନିକଟରେ ଏକ ଅଜଣା ଗାଡି ଧକ୍କା ରେ ମାଆ ପୁଅ ଆହତ ହୋଇ ସ୍ୱାସ୍ଥ୍ୟ କେନ୍ଦ୍ର ଭର୍ତ୍ତି ହୋଇ ଚିକିତ୍ସିତ ହୋଉ ଛନ୍ତି । ସୂଚନା ରୁ ପ୍ରକାଶ ଭୋଲବେଡା କାଶୀ ସାହି ଗ୍ରାମର ସାବିତ୍ର ମୁଣ୍ଡା ଓ ଦୁଇ ପୁଅ ଙ୍କ ସହ ମଲ୍ଲିପଶି ୨୨୦ନମ୍ବର ରାଜପଥ ରେ ଚାଲିଚାଲି ରଥଯାତ୍ରା ଦେଖିବାକୁ ଯାଉଥିବା ସମୟରେ ଦକ୍ଷିଣୀପଶି ନିକଟରେ ଏକ ଅଜଣା ଗାଡି ପଛପଟୁ ଧକ୍କା ଦେଇ ପଳାଇ ଯାଇଥିଲା । ଫଳରେ ମାଆ ପୁଅ ତଳେ ପଡିଯାଇ ଥିଲେ । ସ୍ଥାନୀୟ ଲୋକେ ଦେଖି ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଯୋଗେ ପାଟଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରାଯାଇ ଥିବା । ମାଆ ସାବିତ୍ରୀ ର ମୁଣ୍ଡ,ହାତ ରେ ଆଘାତ ଲାଗି ଥିବା ବେଳେ ପୁଅ ବାଦଲ ମୁହଁରେ ଅଣ୍ଟା ରେ ଆହତ ଲାଗିଥିବା ଦୁହେଁ ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସା ହେଉଛନ୍ତି ।

# ଭଗବାନଙ୍କ ମିଳନ ବାହୁଡ଼ା ଯାତ୍ରାରେ ଆସିକା ଉତ୍ସବମୁଖର



**ଆସିକା,(ମହାଭାରତ) :** ଆସିକା ପୌରାଞ୍ଚଳ ସୁନାମ୍ବ ସାହି ଶ୍ରୀକ୍ଷେତ୍ର ଶ୍ରୀମନ୍ଦିର ପକ୍ଷରୁ ବାହୁଡ଼ା ଯାତ୍ରା ସୋମ ବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀଜିଉଙ୍କ ନୀତିକାନ୍ତି ଭୋର ୪ ଟା ବେଳେ ମୁଖ୍ୟ ପୂଜକ ଦ୍ୱାରା ଆରମ୍ଭ ହୋଇଥିଲା ଅପରାହ୍ନ ୪ ଟାରେ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା କାଳୀନ ଖେଚୁଡ଼ି ଭୋଗ ଲାଗିବା ପରେ ମଇଲମ ଓ ସେନାପଟଲାଗି, ଟାଳିଆଲାଗି ହୋଇଥିଲା । ମନ୍ଦିରର ପାଟ ପୁରୋହିତଙ୍କ ଦ୍ୱାରା ରଥ ପ୍ରତିଷ୍ଠା କରିବା ପରେ ବୈଦିକ ରୀତିରେ ମଙ୍ଗଳାର୍ପଣ କରିବା ପରେ ରଥ ମଧକୁ ଶ୍ରୀ ଜୀଉ ଙ୍କୁ ଗୋଟି ପହଣ୍ଡିରେ ରଥ ପର୍ଯ୍ୟନ୍ତ ପହଣ୍ଡି ବିଜେ କରାଯାଇଥିଲା । ମନ୍ଦିର ସେବାଧୂପତି ରଥରେ ଛେରାପହଁରା କରିଥିଲେ । ସାରଥୀ ଉପବେଶନ, ଅଦ ?ଯୋଗ୍ୟ ଓ ଦଉଡ଼ି ବନ୍ଧନ ପ୍ରକ୍ରିୟା ପରେ ଅପରାହ୍ନ ପ୍ରାୟ ଅତିରିକ୍ତ ତହସିଲଦାର ଦେବୀ ପ୍ରସାଦ ବାରିକ , ବିଜ୍ଞାପିତ କାର୍ଯ୍ୟ ନିର୍ବାହୀ ଅଧିକାର, ଥାନା ଭାରପ୍ରାପ୍ତ ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକଙ୍କ ଦ୍ୱାରା ରଥ ଟଣାର ଶୁଭାରମ୍ଭ କରାଯାଇଥିଲା ଓ ରଥ ଟଣା ଆରମ୍ଭ ହୋଇ ସନ୍ଧ୍ୟା ପ୍ରାୟ ୫ ଟାରେ ରଥ ଓଡ଼ିଆ ସାହି ଠାରେ ପହଞ୍ଚିଥିଲା ଓ ସନ୍ଧ୍ୟା ଆଳତି ଓ ମୁକ୍ତ ଦର୍ଶନ ପରେ ରାତ୍ର ୮ ଟାରେ ଚତୁର୍ଦ୍ଧାମୂର୍ତ୍ତି ଙ୍କ ଆଡପ ହୋଇଥିଲା ଗୁଣ୍ଡିଚା ମଣ୍ଡପକୁ ପହଣ୍ଡି ବେଳେ ସ୍ୱେଚ୍ଛାସେବୀ ପ୍ରମୁଖ ରଥଯାତ୍ରା ପରିଚାଳନାରେ ମନ୍ଦିର ପରିଚାଳନା କମିଟି ସଦସ୍ୟ ଅଶୋକ ପାଣିଗ୍ରାହୀ, ପ୍ରଫୁଲ୍ଲ ମହାପାତ୍ର, ଅଗ୍ନିକ କର୍ମଚାରୀ, ବିଦ୍ୟୁତ କର୍ମଚାରୀ ପ୍ରମୁଖ ରଥ ଟଣା ରେ ସହଯୋଗ କରିଥିଲେ କ୍ଷ ରଥଯାତ୍ରା ସକାଶେ ବିଦ୍ୟୁତ ବିଭାଗ, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ପୌର ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଅନୁରୂପ ଭାବେ ଆସିକା ଚିନିଶିଳ୍ପ ନୁଆଗାଁ, ମୁନି ସାହି, ଖମ୍ବେଶ୍ୱରୀ ପାଟଣା, କାଳଷଣ୍ଢପୁର, ନଳବଣ୍ଟା, ମନ୍ଦିର ମାନଙ୍କରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଥିଲା କ୍ଷ ମନ୍ଦିର ପୂଜକ, ନରସିଂହ ପଣ୍ଡା,ନୀଳାଞ୍ଚଳ ପଣ୍ଡା, ଚିତ ରଞ୍ଜନ ଦାଶ, କାଂହୁ ପଣ୍ଡା,ନୀଳ ଦାଶ, ଉପେନ୍ଦ୍ର ଦାଶ,ଉଲ୍ଲା ଦାସ,ସନ୍ତୋଷ ମିଶ୍ର,ପ୍ରମୁଖ ସହଯୋଗ କରିଥିଲେ । ପୂଜକ, ନରସିଂହ ପଣ୍ଡା,ନୀଳାଞ୍ଚଳ ପଣ୍ଡା, ଚିତ ରଞ୍ଜନ ଦାଶ, କାଂହୁ ପଣ୍ଡା,ନୀଳ ଦାଶ, ଉପେନ୍ଦ୍ର ଦାଶ,ଉଲ୍ଲା ଦାସ,ସନ୍ତୋଷ ମିଶ୍ର,ପ୍ରମୁଖ ସହଯୋଗ କରିଥିଲେ ।

# ସ୍କୁଲ ମଧ୍ୟାହ୍ନ ଭୋଜନରୁ ପନିପରିବା ଉଭାନ

## ଦରଦାମ ବୃଦ୍ଧି ସ୍କୁଲ ମଧ୍ୟାହ୍ନ ଭୋଜନ ଉପରେ ମଧ ପଡିଛି



**ନୟାଗଡ଼,(ମହାଭାରତ) :** ସ୍କୁଲ ମଧ୍ୟାହ୍ନ ଭୋଜନ ରୁ ପନିପରିବା ଉଭାନ । ଦରଦାମ ବୃଦ୍ଧି ସ୍କୁଲ ମଧ୍ୟାହ୍ନ ଭୋଜନ ଉପରେ ମଧ ପଡିଛି । ରାଜ୍ୟ ସରକାରଙ୍କ ପକ୍ଷରୁ ସ୍କୁଲ କୁ ପ୍ରତ୍ୟେକ ଛାତ୍ରଛାତ୍ରୀ ଙ୍କ ମୁଣ୍ଡ ପିଛା ଆସୁଥିବା ୫ ଟଙ୍କା ୯୦ ପଇସାରେ ପିଲାଙ୍କୁ ଡାଲମା, ଶୋୟାବିନ୍ ତରକାରୀ ସହ ଅଣ୍ଡା, ଆଳୁ ଝୋଳ ତରକାରୀ ଦେବା ସମ୍ଭବ ନୁହେଁ ବୋଲି ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ସ୍କୁଲ ଶିକ୍ଷକ କହିଛନ୍ତି । ତେଣୁ ପିଲାଙ୍କ ମଧ୍ୟାହ୍ନ ଭୋଜନରେ ଅଭାବ ରହୁଛି । ବାଧ ହୋଇ ସ୍କୁଲ ମଧ୍ୟାହ୍ନ ଭୋଜନରେ ପିଲା ମାନେ ପଣିଆ ଡାଲମା କୁ ଖାଇବାକୁ ପଡୁଛି । ଏହି ଦୃଶ୍ୟ ହେଉଛି ନୟାଗଡ଼ ସହର ଉପକଣ୍ଠରେ ଥିବା କଲେଜ ଲେନ୍ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପିଲାଙ୍କ ପାଇଁ ଚାଲିଛି ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି । ଦୁଇ ଦିନ ତଳେ ଅଥବା ଗୁରୁବାର ଥିବାରୁ ଭାତ ଡାଲମା ମେନୁ ରେ ରହିଛି । ଦରଦାମ ବୃଦ୍ଧି ଯୋଗୁ ଡାଲମା ରେ କେବଳ ଆଳୁ ଅମୃତ ଭଣ୍ଡା କଖାରୁ ଏବଂ କିଛିଟା ବାଇଗଣ ଏବଂ ଡାଲି ରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ଚାଲିଛି । ସେହିଭଳି ଟାଉନ ସରକାରୀ ପ୍ରାଥମିକ ବିଦ୍ୟାଳୟ, ନିୟୁ ଟାଉନ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଏବଂ ସରକାରୀ ପ୍ରାଥମିକ ବିଦ୍ୟାଳୟ ନୂଆ ରାଜବାଟିରେ ସମାନ ସ୍ଥିତି ଦେଖିବା ପାଇଁ ମିଳିଛି । ପିଲାଙ୍କ ମଧ୍ୟାହ୍ନ ଭୋଜନ ଥାଳିରେ କେବଳ ପଣିଆ ଡାଲି ଏବଂ ଭାତ ଦେଖିବା ପାଇଁ ମିଳିଛି । କିଛି ପିଲା ଘରୁ ଖଟା ଏବଂ ମିକ୍ଚର ଆଣି ମଧ୍ୟାହ୍ନ ଭୋଜନରେ ଖାଉଥିବା ଦେଖିବା ପାଇଁ ମିଳିଛି । ସେପଟେ ଶିକ୍ଷକ ଏବଂ ରୋଷେୟା କହିଛନ୍ତି ଦରଦାମ ବୃଦ୍ଧି ବେଳେ ପିଲାଙ୍କୁ ଏତେ କମ ଟଙ୍କା ରେ ମଧ୍ୟାହ୍ନ ଭୋଜନ ଦେବା କଷ୍ଟକର ହେଉଛି । ଆହାର କେନ୍ଦ୍ରରେ ସରକାର ଭାତ ଡାଲମା ପାଇଁ ଅଧିକ ଟଙ୍କା ଦେଉଥିବା ବେଳେ ପିଲାଙ୍କ ମଧ୍ୟାହ୍ନ ଭୋଜନ ବାବଦରେ କାହିଁକି ଏତେ ଅବହେଳା । ଛାତ୍ରଛାତ୍ରୀ ଙ୍କ ମଧ୍ୟାହ୍ନ ଭୋଜନ ରେ କାହିଁକି କଷ୍ଟ ବଢା ହେଉନି ବୋଲି ପ୍ରଶ୍ନ କରିଛନ୍ତି ।

# ପାରାଦୀପ ଏନସିସି କ୍ୟାଡେଟଙ୍କର ସମାଜ ସେବା କାର୍ଯ୍ୟ



**ପାରାଦୀପ ,(ମହାଭାରତ) :** ପର୍ବିତ୍ର ବାହୁଡା ଯାତ୍ରା ଉପଲକ୍ଷେ ପାରାଦୀପ ମହାବିଦ୍ୟାଳୟ ନାଭାଲ ଏନ.ସି.ସି କ୍ୟାଡେଟ ଓ ଏନ.ସି.ସି. ଆଲୁମୁନି ଆସୋସିଏସନ ମିଳିତ ଆନୁକୂଲ୍ୟରେ ଭକ୍ତ ମାନଙ୍କ ପାଇଁ ଦହି ସର୍ବତ ବଣ୍ଟନ କରାଯିବା ସହ ରାଜ ପଥର ସଫେଇ କାର୍ଯ୍ୟ ପ୍ରଭୃତି କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାରାଦୀପ ଆଦର୍ଶ ଥାନା ଭାରପ୍ରାପ୍ତ ଅଧିକାରୀ ସୁଚିତ୍ର ବୀର୍ଯ୍ୟ ଦାସ ଯୋଗଦେଇ ଏହି ସେବା କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ଦାସ ମହାବିଦ୍ୟାଳୟର କ୍ୟାଡେଟ ମାନଙ୍କୁ ଦେଶର ଗଠନ ମୂଳକ କାର୍ଯ୍ୟରେ ନିଜକୁ କିପରି ସମର୍ପଣ କରି ଦେଶ ମାତୃକାର ସେବା କରି ହେବ ସେ ସମ୍ପର୍କରେ ନିଜର ବାର୍ତ୍ତା ପ୍ରଦାନ କରିଥିଲେ । ପ୍ରତ୍ୟକ ବର୍ଷ ବାହୁଡା ଯାତ୍ରା ରେ ଏନ.ସି.ସି କ୍ୟାଡେଟ ମାନଙ୍କର ନିରବଛିନ୍ନ କାର୍ଯ୍ୟକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି । ଏହି କାର୍ଯ୍ୟକର୍ମ ମହାବିଦ୍ୟାଳୟ ଏନ.ସି.ସି ଅଧିକାରୀ ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର ଙ୍କ ନେତୃତ୍ୱ ଏବଂ ଏନ.ସି.ସି ଆଲୁମୁନି ଆସୋସିଏସନ ର ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର, ସମ୍ପାଦକ ଦେବୀ ପ୍ରସାଦ ମିଶ୍ର, ସହ ସମ୍ପାଦକ ଏନ.ସିମାଞ୍ଚଳମ ଓ ଅନାନ୍ୟା କର୍ମକର୍ତା ମାନଙ୍କ ସହଯୋଗରେ ସଫଳତାର ପରିଚାଳନା କରାଯାଇଥିଲା ।

# ଜନ୍ମବେଦୀରୁ ରତ୍ନବେଦୀକୁ ବାହୁଡ଼ିଲେ ଶ୍ରୀଜୀଉ



**ବିଷମ କଟକ,(ମହାଭାରତ) :** ପବିତ୍ର ବାହୁଡ଼ା ଯାତ୍ରା ଅବସରରେ ଚଳଚଞ୍ଚଳ ହୋଇଛି ବିଷମ କଟକ ସହର ଓ ବିଷମ କଟକ ବ୍ଲକ ଅନ୍ତର୍ଗତ ଦୁର୍ଗୀ ରେ ଆୟୋଜିତ ବାହୁଡ଼ା ଯାତ୍ରା । ନଅ ଦିନର ଯାତ୍ରା ସାରି ଶ୍ରୀମନ୍ଦିରକୁ ବାହୁଡ଼ିବେ ମହାପ୍ରଭୁ । ଏଥିପାଇଁ ଷୋମବାର ସକାଳୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ସମସ୍ତ ନିତୀ କାନ୍ତି ଆରମ୍ଭ ହୋଇଥିଲା ପ୍ରଥମେ ମଙ୍ଗଳ ଆଳତି ଏହାପରେ ଗୋପାଳବଲ୍ଲଭ ପୂଜା ଓ ସକାଳଧୂପ ସହ ଖେଚୁଡ଼ି ଭୋଗ ନୀତି ସମ୍ପନ୍ନ ହୋଇଥିଲା । ସବୁ ନୀତିକାନ୍ତି ସରିବା ପରେ ୧୦.୩୦ ବେଳେ ନିର୍ଦ୍ଧାରିତ ସମୟରେ ଶ୍ରୀଜୀଉଙ୍କ ପହଣ୍ଡି ଆରମ୍ଭ ହୋଇଥିଲା । ପ୍ରଥମେ ସେବାୟତମାନେ ପ୍ରଭୁ ବଳଭଦ୍ରଙ୍କୁ ପହଣ୍ଡିରେ ଆଣି ରଥରେ ବିଜେ କରିଥିଲେ । ପ୍ରଭୁ ବଳଭଦ୍ରଙ୍କ ପରେ ଦେବୀ ସୁଭଦ୍ରାଙ୍କ ପହଣ୍ଡି ହୋଇଥିଲା । ଶେଷରେ ମହାପ୍ରଭୁ ଜଗନ୍ନାଥଙ୍କୁ ସେବାୟତମାନେ ପହଣ୍ଡିରେ ଆଣି ରଥରେ ବିଜେ କରାଇଥିଲେ । ଶ୍ରୀଜୀଉଙ୍କ ପହଣ୍ଡି ଶେଷ ହେବା ପରେ ରଥରେ ଛେରା ପହଁରା ନୀତି ସମ୍ପନ୍ନ ହୋଇଥିଲା ପରେ ରଥରୁ ଚାରମାଳ କଢ଼ାଯିବା ସହ ଘୋଡ଼ା ଜୋଖା ହେବା ପରେ ପ୍ରାୟ ସନ୍ଧ୍ୟା ୫ଟା ସମୟରେ ଆରମ୍ଭ ହେଇଥିଲା ରଥଟଣା । ମହାପ୍ରଭୁଙ୍କ ଦର୍ଶନ ପାଇଁ ହଜାର ହଜାର ଭକ୍ତଙ୍କ ଭିଡ଼ ଲାଗି ରହିଥିବାବେଳେ ମନ୍ଦିର ପରିଚାଳନା କମିଟି ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ତା କରାଯାଇଥିଲା । ପୋଲିସ ପକ୍ଷରୁ ମଧ ସୁରକ୍ଷା ବ୍ୟବସ୍ଥାକୁ ବ୍ୟାପକ କରାଯାଇଛି । ସେହି ଭଳି ବିଷମ କଟକ ବ୍ଲକ ଅନ୍ତର୍ଗତ ଦୁର୍ଗୀ ଗ୍ରାମରେ ରୀତି ନୀତି ସହ ବହୁ ଆଡ଼ମ୍ବରରେ ବାହୁଡ଼ା ଯାତ୍ରା ପାଳନ କରାଯାଇଛି ।

